READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





ବର୍ଷ-୨ ସଂଖ୍ୟା-୩୮ ୦୧ - ୦୭ ଅକ୍ଟୋବର, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-38 01st - 07th OCTOBER, 2018 BHUBANESWAR ₹ 5/- (8 Pages)


# ଐତିହାସିକ ରାୟ

## ବାଧ୍ୟତାମୂଳକ ନୁହେଁ, ଆଧାର ବୈଧ



**ନୂଆଦିଲ୍ଲୀ :** ଆଧାରର ବୈଧତା ରହିବ କିନ୍ତୁ ଏହା ବାଧ୍ୟତାମୂଳକ ନୁହେଁ। ହେଲେ ପ୍ୟାନ୍ ସହିତ ଏହା ରହିବାକୁ ବାଧ୍ୟତାମୂଳକ କରାଯାଇଛି। ଆଧାର କେବଳ ଆୟକର ରିଟର୍ଣ୍ଣ ଦାଖଲ ବା ଆୟକର ପୈଠ ପାଇଁ ବ୍ୟବହୃତ ହୋଇଥାଏ। ଅନ୍ୟ କୌଣସି ସେବା କ୍ଷେତ୍ରରେ ଆଧାର ବାଧ୍ୟତାମୂଳକ ନୁହେଁ। ରିହାତି ଓ କଲ୍ୟାଣମୂଳକ ସହାୟତା ଯୋଗାଇବାକୁ ସରକାର ହିତାଧିକାରୀଙ୍କ ଆଧାର ନମ୍ବର ମାଗି ପାରନ୍ତି। କିନ୍ତୁ ଆଧାର ନମ୍ବର ନଥିଲେ ବି ଜଣେ ଯୋଗ୍ୟ ବ୍ୟକ୍ତି କୌଣସି ସରକାରୀ ସୁବିଧାରୁ ବଞ୍ଚିତ ହୋଇପାରିବେ ନାହିଁ। ସେହିପରି ଆଧାରର ତଥ୍ୟ ସୁରକ୍ଷା ପାଇଁ ଅଧିକ କଠୋର ଆଇନର ଆବଶ୍ୟକତା ରହିଛି। ସରକାର ତୁରନ୍ତ ଏହା ପ୍ରଣୟନ କରନ୍ତୁ। ଏଭଳି ଏକ ଐତିହାସିକ ରାୟ ଦେଇଛନ୍ତି ସୁପ୍ରିମ କୋର୍ଟ। ବୁଧବାର ସୁପ୍ରିମକୋର୍ଟର ଏକ ପାଞ୍ଚ ଜଣିଆ ଖଣ୍ଡପୀଠ ଆଧାରର ସାମ୍ବିଧାନିକ ମାନ୍ୟତା ସଂପର୍କୀତ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଖଣ୍ଡପୀଠର ଜଣେ ସଦସ୍ୟ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଆଧାର ଆଇନ ଅବୈଧ ବୋଲି ରାୟ ଦେଇଥିଲେ ମଧ୍ୟ ଅନ୍ୟ ଚାରି ଜଣ ସଦସ୍ୟ ➤ ପୃ-୬

## ଅପରାଧ ନୁହେଁ

### ପରକୀୟା ପ୍ରୀତି

**ନୂଆଦିଲ୍ଲୀ :** ପରକୀୟା ପ୍ରୀତିକୁ ଏଣିକି ଆଉ ଫୌଜଦାରୀ ଅପରାଧ ଭାବେ ବିବେଚନା କରାଯିବନାହିଁ। ନାରୀମାନଙ୍କୁ ଯୌନ ସ୍ୱାଧୀନତା ପ୍ରଦାନ କରି ସୁପ୍ରିମକୋର୍ଟ ଭାରତୀୟ ପିଙ୍ଗଳ କୋଡର ୪୯୭ ଦଫାକୁ ଅସାମ୍ବିଧାନିକ ଘୋଷଣା କରିଛନ୍ତି। ସ୍ତ୍ରୀମାନଙ୍କ ଉପରେ ସ୍ୱାମୀମାନଙ୍କର ମାଲିକାନା ସ୍ୱତ୍ୱ ରହିବ ନାହିଁ ବୋଲି ନ୍ୟାୟ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ତେବେ ପରକୀୟା ପ୍ରୀତି ବିବାହ ବିଚ୍ଛେଦର କାରଣ ହୋଇପାରିବ ବୋଲି କହିଛନ୍ତି କୋର୍ଟ। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ୫ ଜଣିଆ ଖଣ୍ଡପୀଠ ବ୍ରିଟିଶ ଅମଳର ଭାରତୀୟ ପିଙ୍ଗଳ କୋଡ଼ର ଏହି ଦଫା ଉଚ୍ଛେଦ କରି କହିଛନ୍ତି ଯେ ସ୍ୱାମୀ ସ୍ତ୍ରୀର ମାଲିକ ନୁହେଁ। ମହିଳାଙ୍କ ମର୍ଯ୍ୟାଦା ଏକ ପ୍ରାଚୀନ ପରିକଳ୍ପନା। ପରକୀୟା ପ୍ରୀତିକୁ ଅପରାଧ ଭାବେ ଗ୍ରହଣ କରିବା ସଂପୂର୍ଣ୍ଣ ଭାବେ ପ୍ରକାଶତଃ ଏକତରଫା ଓ ଅସାମ୍ବିଧାନିକ। ପ୍ରଧାନ ବିଚାରପତି ଦୀପକ ମିଶ୍ର ଓ ବିଚାରପତି ଏଏମ ଖାନୱିଲକର ଗୋଟିଏ ରାୟ ପ୍ରଦାନ କରି କହିଛନ୍ତି ପରକୀୟା ପ୍ରୀତି ଏକ ଅସୁଖୀ ବିବାହର ➤ ପୃ-୬

# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



## ୰ ବାସନ୍ତୀଲତା ଦାଶ

ଆବିର୍ଭାବ : ୧୯୪୦, ଦେବସ୍ନାନ ପୂର୍ଣ୍ଣିମା

ତିରୋଧାନ : ୨୦୧୮, ଆଶ୍ୱିନ ମାସ ପ୍ରତିପଦା ତିଥି

'ଏକମାତ୍ର' ପରିବାର

### ପୌର ନିର୍ବାଚନ : ରାଜ୍ୟ ସରକାରଙ୍କୁ ଶକ୍ତ ଧକ୍କା

## ୫୦%ରୁ ଟପିବନି ସଂରକ୍ଷଣ

**ଭୁବନେଶ୍ୱର :** ଓଡ଼ିଶା ପୌର ନିର୍ବାଚନରେ ସ୍ଥାନ ସଂରକ୍ଷଣ ବିବାଦକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଯାହାଫଳରେ ଅଟକିଥିବା ପୌର ନିର୍ବାଚନ ପାଇଁ ବାଟ ଫିଟିଛି। ଶୁକ୍ରବାର ରାଜ୍ୟ ସରକାରଙ୍କ ଆବେଦନକୁ ଖାରଜ କରି ଅଣସୂଚିତ ଅଞ୍ଚଳରେ ଆରକ୍ଷଣ ସୀମା ସର୍ବୋଚ୍ଚ ୫୦ ପ୍ରତିଶତରେ ସୀମିତ ରଖିବାକୁ ରାୟ ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ପୂର୍ବରୁ ଓଡ଼ିଶା ହାଇକୋର୍ଟ ଏହିଭଳି ନିର୍ଦ୍ଦେଶ ରାଜ୍ୟ ସରକାରଙ୍କୁ ଦେଇଥିଲେ। ମାତ୍ର ସରକାର କୋର୍ଟଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମ୍‌କୋର୍ଟ କହିଛନ୍ତି, ପୌର ସଂସ୍ଥାଗୁଡ଼ିକରେ ତଫସିଲଭୁକ୍ତ ଜାତି, ଜନଜାତି ଏବଂ ଓବିସିଙ୍କ ପାଇଁ ଆରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ। ପୁଣି ଓବିସି ବର୍ଗଙ୍କ ପାଇଁ ଆରକ୍ଷଣ ସୀମା ସର୍ବାଧିକ ୧୧ ପ୍ରତିଶତରେ ସୀମିତ ରହିବ। ରାଜ୍ୟ ସରକାର କିନ୍ତୁ ୫୫ରୁ ଅଧିକ ପୌରାଞ୍ଚଳରେ ଜନସଂଖ୍ୟା ରିପୋର୍ଟକୁ ଆଧାର କରି ବିଭିନ୍ନ ବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ନିର୍ଦ୍ଧାରଣ କରିଥିଲେ। ଏହାଛଡ଼ା କିଛି ମହାନଗର ନିଗମରେ ମେୟର ପଦବୀ ମଧ୍ୟ ଏହି ଅନୁସାରେ ଚିହ୍ନିତ ହୋଇଥିଲା। ଏହା ସୁପ୍ରିମ୍‌କୋର୍ଟଙ୍କ ୨୦୧୦ ରାୟର ବିରୁଦ୍ଧାଚରଣ କରୁଛି ବୋଲି ଦର୍ଶାଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ➤ ପୃ-୬

### ବ୍ରହ୍ମବିଭ୍ରାଟ ରିପୋର୍ଟ

## ସାର୍ବଜନୀନ କରିବାକୁ ଦାବି



**ଭୁବନେଶ୍ୱର :** ବ୍ରହ୍ମ ବିଭ୍ରାଟ ରିପୋର୍ଟ ସାର୍ବଜନୀନ ହେବା ନେଇ ବିଜେପି ଅଦାଲତର ଦ୍ୱାରସ୍ଥ ହେବ। ଏ ନେଇ ବିଜେପି ମୁଖପାତ୍ର ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପରିଚାଳନା କମିଟି ବ୍ରହ୍ମ ବିଭ୍ରାଟ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ ନକରିବା ଏବଂ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ବି ନଦେବା ନିଷ୍ପତ୍ତି ➤ ପୃ-୬

# ୩ ଦିନରେ ଟଙ୍କା ମିଳିବ

### ଧାନ ସଂଗ୍ରହ



**ଭୁବନେଶ୍ୱର :** ୨୦୧୮-୧୯ ଖରିଫ ଋତୁରେ ଚାଷୀଙ୍କଠାରୁ ୫୫ ଲକ୍ଷ ଟନ୍ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ପରିମାଣର ଧାନରୁ ୩୭ ଲକ୍ଷ ଟନ୍ ଚାଉଳ ମିଳିବ ବୋଲି ସରକାର ଆକଳନ କରିଛନ୍ତି। କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି ଯେ ସରକାର ୫୫ ଲକ୍ଷ ଟନ୍ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ ବି ଯଦି ପଞ୍ଜିକୃତ ଚାଷୀମାନେ ମଣ୍ଡିରେ ଅଧିକ ଧାନ ପହଞ୍ଚାଇବେ ତେବେ ସରକାର ତାହା ନିଶ୍ଚୟ କିଣିବେ। କୌଣସି ଚାଷୀଙ୍କ ଧାନ ମଣ୍ଡିରୁ ଫେରସ୍ତ ହେବନାହିଁ। ଆବଶ୍ୟକ ହେଲେ ଧାର୍ଯ୍ୟଲକ୍ଷ୍ୟର ସଂଶୋଧନ କରାଯାଇ ଅଧିକ ଧାନ କିଣାଯିବ। ନିଷ୍ପତ୍ତି ଅନୁସାରେ ଆସନ୍ତା ନଭେମ୍ବରରୁ ୨୦୧୯ ଏପ୍ରିଲ ମଧ୍ୟରେ ରାଜ୍ୟ ସରକାର ଚାଷୀଙ୍କଠାରୁ ଧାନ କିଣିବେ। ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବାର ତିନି ଦିନ ମଧ୍ୟରେ ସେମାନଙ୍କ ପ୍ରାପ୍ତ୍ୟ ପାଇଯିବେ। ଧାନର ମୂଲ୍ୟ ବାବଦ ଅର୍ଥ ଚାଷୀଙ୍କ ଆକାଉଣ୍ଟକୁ ୩ ଦିନ ମଧ୍ୟରେ ପଠାଯିବ। ସାଧାରଣ ଧାନ ପାଇଁ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଏବଂ ଗ୍ରେଡ ଏ' ଧାନ ପାଇଁ କୁଇଣ୍ଟାଲ ପିଛା ୧୭୭୦ ଟଙ୍କା ହିସାବରେ ସରକାର ଚାଷୀଙ୍କୁ ଦିଆଯିବ। କେନ୍ଦ୍ର ସରକାର ଧାନ ପାଇଁ ଏହି ହାରରେ ➤ ପୃ-୬

## ବକ୍ରବାଣୀ



ପଦବୀର ମୋହ ଛାଡ଼ି ପାରିଲାନି
ନିରୀହା ଝିଅର କାନ୍ଦ ଶୁଭିଲାନି
ହନୁ ପରି ଏବେ ସତ କହୁଛକି
ବର୍ଷକ ପରେ ଭଲେଇ ହଉଛକି
ଆଗେ କହିଥିଲେ ନ୍ୟାୟ ପାଇଥାନ୍ତା
ଗରିବ ଝିଅଟା ଆଜି ଥାଆନ୍ତା
ପାଗେଳି ଶୁଣିକି ସିଏ ମରିଗଲା
ତଦନ୍ତ ଫଦନ୍ତ ସବୁ ସରିଗଲା
ଏବେ ଶୁଣେଇଲେ ଲାଭ କି ହୋଇବ
ଝୁଅଟା ଗାତରୁ ଉଠି କି ଆଇବ !

—ଟୁଟୁ







## କେମିତି କଟିବ ଏ ସପ୍ତାହ

**ମେଷ** – କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ।

**ବୃଷ** – ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧାନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।

**ମିଥୁନ** – ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**କର୍କଟ** – ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ସିଂହ** – ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**କନ୍ୟା** – କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**ତୁଳା** – ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।

**ବିଛା** – ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ହାସଲ କରିବେ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ରାଜନୈତିକ ବ୍ୟକ୍ତିମାନେ ଚିନ୍ତିତ ରହିବେ।

**ଧନୁ** – ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। କୌଣସି ବଡ କମ୍ପାନୀରେ ଆପଣଙ୍କୁ ଚାକିରିର ପ୍ରସ୍ତାବ ମିଳିପାରେ।

**ମକର** – ସମାଜ ସେବାରେ ସମୟ ଅତିବାହିତ ହେବ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ପରିବାରରେ ଶାନ୍ତି ବଜାୟ ରହିବ। ନୂତନ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**କୁମ୍ଭ** – ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସୀତ ହେବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ।

**ମୀନ** – ଆର୍ଥିକ ପରିସ୍ଥିତି ସୁଧାର ଆସିବ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗି ରହିବ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଦୁର୍ଘଟଣା ଘଟିପାରେ। ନୂତନ କର୍ମକ୍ଷେତ୍ରରେ ଯୋଗଦେବେ।



**ଚନ୍ଦ୍ରଶେଖର ମିଶ୍ର**
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
**କାକଟପୁର, ପୁରୀ**
ମୋ-୯୭୭୭୦୬୩୪୧୧

## ଅମୃତ ଯୋଜନାରେ ଆନ୍ଧ୍ର,ଓଡ଼ିଶା ଓ ମଧ୍ୟପ୍ରଦେଶ ପୁରସ୍କୃତ

**ନୂଆଦିଲ୍ଲୀ :** ଅମୃତ ଯୋଜନାର ସହଜ ଜୀବିକା ନିର୍ବାହ ସୂଚକାଙ୍କ ମାନ୍ୟତାରେ ଆନ୍ଧ୍ରପ୍ରଦେଶ ସର୍ବୋଚ୍ଚ ସ୍ଥାନ ହାସଲ କରିଥିଲା ବେଳେ ଓଡ଼ିଶା ୨ୟ ସ୍ଥାନ ଲାଭ କରି ପୁରସ୍କୃତ ହୋଇଛି। କେନ୍ଦ୍ର ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏ ସମ୍ପର୍କିତ ସୂଚନା ଜାରି କରାଯାଇଛି। ଏହି ତାଲିକାର ତୃତୀୟ ସ୍ଥାନରେ ରହିଛି ମଧ୍ୟପ୍ରଦେଶ। ଏହି ୩ ରାଜ୍ୟକୁ ଅଟଳ ମିଶନ ଫର୍ ରିଜୁଭିନେସନ୍ ଏବଂ ଅର୍ବାନ ଟ୍ରାନ୍ସଫର୍ମେଶନ୍ (ଅମୃତ) ଅଧୀନରେ ସହଜ ଜୀବିକା ନିର୍ବାହ ସୂଚକାଙ୍କ ୨୦୧୮ ଉପରେ ଆୟୋଜିତ ଏକ ରାଷ୍ଟ୍ରୀୟ କର୍ମଶାଳାରେ ପୁରସ୍କୃତ କରାଯାଇଛି। ରାଜ୍ୟଗୁଡ଼ିକୁ ପୁରସ୍କାର ପ୍ରଦାନ କରି କେନ୍ଦ୍ର ଆବସ ଓ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ କହିଥିଲେ ଯେ ସହଜ ଜୀବିକା ନିର୍ବାହ ସୂଚକାଙ୍କ ଦ୍ୱାରା ସହରଗୁଡ଼ିକୁ ରାଷ୍ଟ୍ରୀୟ ତଥା ବିଶ୍ୱସ୍ତରୀୟ ମାନକ ଆଧାରରେ ମୂଲ୍ୟାୟନ କରାଯାଇ ପାରିବ। ମନ୍ତ୍ରଣାଳୟ ଦ୍ୱାରା ଅଗଷ୍ଟ ୧୩, ୨୦୧୮ ରେ ୧୧୧ଟି ସହରକୁ ନେଇ ପ୍ରଥମ ସହଜ ଜୀବିକା ନିର୍ବାହ ସୂଚକାଙ୍କ ଜାରି କରାଯାଇଥିଲା; ଯାହାଦ୍ୱାରା ବିଭିନ୍ନ ସହରରେ ବ୍ୟାପକ ଅନୁଧ୍ୟାନ ଦ୍ୱାରା ବିକାଶର ମୂଲ୍ୟାୟନ ହୋଇଥିଲା। ଆମ ସହରଗୁଡ଼ିକୁ ସାମଗ୍ରିକ, ସୁରକ୍ଷିତ, ନମନୀୟତା ଏବଂ ନିରନ୍ତର କରିବା ଏହାର ଉଦ୍ଦେଶ୍ୟ ଓ ଏହା ୩୦ଟି ସୂଚକାଙ୍କ ଜରିଆରେ ମୂଲ୍ୟାୟନ କରାଯାଉଛି। ଅନ୍ତିମ କାର୍ଯ୍ୟକ୍ରମ ଏବଂ ମାନ୍ୟତାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଥିଲେ ସମସ୍ତ ୨୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୩୩ଟି ରାଜ୍ୟସ୍ତରୀୟ କର୍ମଶାଳା ସମସ୍ତ ହିତାଧିକାରୀଙ୍କୁ ନେଇ କରାଯାଇଥିଲା।

## ପଦୋନ୍ନତିରେ ସଂରକ୍ଷଣକୁ ନା'

**ନୂଆଦିଲ୍ଲୀ :** ତଫସିଲଭୁକ୍ତ ଜାତି-ଜନଜାତିର କର୍ମଚାରୀଙ୍କ ପାଇଁ ପଦୋନ୍ନତି କ୍ଷେତ୍ରରେ ଥିବା ସଂରକ୍ଷଣ ବ୍ୟବସ୍ଥାକୁ ସୁପ୍ରିମ୍‌କୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଏହି ମାମଲାରେ ଗତ ଅଗଷ୍ଟ ୩୦ର ରାୟକୁ କୋର୍ଟ କାଏମ ରଖିଛନ୍ତି। ସୁପ୍ରିମକୋର୍ଟଙ୍କ ସାତଜଣିଆ ଖଣ୍ଡପୀଠ ଏହି ରାୟ ତର୍ଜମା କରିବାର ଥିଲା। ତଫସିଲଭୁକ୍ତ ଜାତି-ଜନଜାତି କର୍ମଚାରୀଙ୍କ ପଦୋନ୍ନତିରେ ସଂରକ୍ଷଣ ପ୍ରତି ଗୁରୁତ୍ୱାରୋପ କରି ଗତ ଅଗଷ୍ଟ ୩୦ରେ କୋର୍ଟ ଦେଇଥିବା ରାୟର ପୁନର୍ବିଚାର କରିବାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ। ତେବେ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚଜଣିଆ ଖଣ୍ଡପୀଠ ପୂର୍ବର ରାୟକୁ ବଳବତ୍ତର ରଖିଛନ୍ତି। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ସମେତ ଜଷ୍ଟିସ୍ କୁରିଆନ୍ ଯୋଶେଫ୍, ଜଷ୍ଟିସ୍ ଆରଏଫ୍ ନରିମ୍ୟାନ, ଜଷ୍ଟିସ୍ ଏସ୍‌କେ କୌଲ ଓ ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରା ମାମଲାର ଶୁଣାଣି କରିଥିଲେ। ରାୟ ଅନୁସାରେ ଏଣିକି ତଫସିଲଭୁକ୍ତ ଜାତି-ଜନଜାତିର କର୍ମଚାରୀଙ୍କୁ ଚାକିରି ପଦୋନ୍ନତିରେ ସଂରକ୍ଷଣ ସୁବିଧା ଦିଆଯିବନି। ୨୦୦୬ ରାୟର ପଦୋନ୍ନତିରେ ସମାନୁପାତିକ ନୀତି ଓ ପ୍ରଶାସନିକ ଦକ୍ଷତା ଉପରେ ଖଣ୍ଡପୀଠ କୌଣସି ମନ୍ତବ୍ୟ ଦେଇ ନଥିଲେ। ସୁପ୍ରିମକୋର୍ଟଙ୍କ ରାୟର ପୁନର୍ବିଚାର ପାଇଁ କେନ୍ଦ୍ର ଓ ଅଧିକାଂଶ ରାଜ୍ୟ ସରକାର ବିଭିନ୍ନ ଦିଗରୁ କାରଣ ଦର୍ଶାଇ ଅନୁରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ତରଫରୁ ଆର୍ଟର୍ଣ୍ଣି ଜେନେରାଲ କେକେ ଭେନୁଗୋପାଲ ଖଣ୍ଡପୀଠରେ ତଫସିଲଭୁକ୍ତ ଜାତି-ଜନଜାତି କର୍ମଚାରୀଙ୍କ ସପକ୍ଷରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ପ୍ରତିପକ୍ଷ ଆଇନଜୀବୀ ରାକେଶ ଦ୍ୱିବେଦୀ ସରକାରୀ ଉଚ୍ଚ ପଦପଦବୀ କ୍ଷେତ୍ରରେ ପଦୋନ୍ନତି ସୁଯୋଗ ମିଳିବା ଅନୁଚିତ ବୋଲି ଯୁକ୍ତି କରିଥିଲେ। ସେ କହିଥିଲେ ଯେ ସଂରକ୍ଷଣ ବାଟ ଦେଇ ଜଣେ ସରକାରୀ ଚାକିରିରେ ପ୍ରବେଶ କରିବା ପରେ ପଦୋନ୍ନତି କ୍ଷେତ୍ରରେ ସେମାନଙ୍କର ଦକ୍ଷତାକୁ ବିବେଚନା କରାଯିବା ଦରକାର। ତୃତୀୟ ଶ୍ରେଣୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପଦୋନ୍ନତିରେ ସଂରକ୍ଷଣ ବ୍ୟବସ୍ଥାକୁ ଦ୍ୱିବେଦୀ ବାରଣ କରି ନଥିଲେ। ପୂର୍ବରୁ ଖଣ୍ଡପୀଠ ପ୍ରଶ୍ନ କରିଥିଲେ ଯେ ସରକାରୀ ଉଚ୍ଚପଦପଦବୀରେ ଅବସ୍ଥାପିତ ତଫସିଲଭୁକ୍ତ ଜାତି-ଜନଜାତିର ବ୍ୟକ୍ତିବିଶେଷଙ୍କ ରକ୍ତଗତ ସମ୍ପର୍କୀୟଙ୍କ ପ୍ରତି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବା ଯୁକ୍ତିଯୁକ୍ତ ବୋଲି ସରକାର ଭାବୁଛନ୍ତି କାହିଁକି। ପଛୁଆବର୍ଗର ଲୋକମାନଙ୍କୁ ସଂରକ୍ଷଣ ବ୍ୟବସ୍ଥାରୁ ବାଦ୍ ଦିଆଯାଇଥିବା ବେଳେ ଅନୁସୂଚିତ ବର୍ଗକୁ ଏତେ ସୁବିଧା କାହିଁକି ଦିଆଯିବ ବୋଲି କୋର୍ଟ ପ୍ରଶ୍ନ କରିଥିଲେ।

## ଭାରତର ସମଲିଙ୍ଗୀ ରାୟକୁ ମିଚେଲି ବାଚେଲେଟ୍‌ଙ୍କ ପ୍ରଶଂସା

**ନ୍ୟୁୟର୍କ :** ମିଳିତ ଜାତିସଂଘ ମାନବିକ ଅଧିକାର ଉଚ୍ଚାୟୁକ୍ତ ମିଚେଲି ବାଚେଲେଟ୍ ସମଲିଙ୍ଗୀ ସମ୍ପର୍କକୁ ଅପରାଧମୁକ୍ତ କରିବା ନେଇ



ଭାରତର ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ତାଙ୍କ ମତରେ ଭାରତର ସମଲିଙ୍ଗୀ ଆଇନକୁ ବିଶ୍ୱର ଅନ୍ୟ ରାଷ୍ଟ୍ରମାନେ ସମ୍ମାନ ଦେଇ ସେମାନଙ୍କ ଆଇନରେ ସଂଶୋଧନ କରିବା ଉଚିତ। ଭାରତ ସରକାର ଲେସବିୟନ, ଗେ, ବାଇସେକ୍ସୁଆଲ, ଟ୍ରାନ୍ସଜେଣ୍ଡର ଓ ଇଣ୍ଟରସେକ୍ସ ଗୋଷ୍ଠୀଙ୍କ ମାନବିକ ଅଧିକାର ପ୍ରତି ସଚେତନ ଅଛନ୍ତି। ସମଲିଙ୍ଗୀଙ୍କ ପ୍ରତି ହିଂସାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବନି ବୋଲି ସେ ମିଳିତ ଜାତିସଂଘ ସାଧାରଣ ପରିଷଦ ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଗତ ସେପ୍ଟେମ୍ବର ୬ ତାରିଖରେ ଭାରତର ସୁପ୍ରିମକୋର୍ଟଙ୍କ ପାଞ୍ଚଜଣିଆ ଖଣ୍ଡପୀଠ ଇଣ୍ଡିଆନ୍ ପେନାଲ୍ କୋଡ୍‌ର ଧାରା ୩୭୭କୁ ଅକାମୀ କରିଥିଲେ। ୧୫୮ ବର୍ଷର କଲୋନିଆଲ ଆଇନରେ ଯବନିକାପାତ ଘଟାଇଥିଲେ। ବାଚେଲେଟଙ୍କ ସୂଚନା ଅନୁସାରେ ଏବେମଧ୍ୟ ବିଶ୍ୱର ୭୦ଟି ଦେଶରେ ସମଲିଙ୍ଗୀ ସମ୍ପର୍କକୁ ଅପରାଧ ମାନ୍ୟତା ଦିଆଯାଉଛି। ତା' ସହିତ ରାସ୍ତାଘାଟରେ ଟ୍ରାନ୍ସଜେଣ୍ଡର ଲୋକଙ୍କୁ ଦେଖିଲେ, ଗିରଫ କରାଯାଉଛି। ଏଲଜିବିଟି ସମୁଦାୟ ଲୋକଙ୍କ ପ୍ରତି କଠୋର ଦଣ୍ଡବିଧାନ କରାଯାଉଛି। କିନ୍ତୁ ଭାରତରେ ସ୍ଥିତି ବଦଳିଛି। ବିଶ୍ୱବାସୀଙ୍କୁ ଭାରତର ଐତିହାସିକ ନିଷ୍ପତ୍ତିକୁ ଗ୍ରହଣ କରିବାକୁ ପଡ଼ିବ। ୟୁରୋପ, ଉତ୍ତର ଆମେରିକା, ଆଫ୍ରିକା, ଆମେରିକା ସମେତ ସମଗ୍ର ଏସିଆରେ ସମଲିଙ୍ଗୀ ସମ୍ପର୍କକୁ ଅପରାଧ ବିବେଚନା କରାଯାଉଛି। ଲୋକଙ୍କ ମନରେ ସମଲିଙ୍ଗୀଙ୍କ ପ୍ରତି ଘୃଣାଭାବ ଦୂର ହେବା ଉଚିତ୍। ସମାଜରୁ ଏ ପ୍ରକାର ଭେଦଭାବ ଦୂର କରିବାକୁ ହେଲେ ମିଳିତ ପ୍ରୟାସ ଜରୁରି।

## ବିଶ୍ୱର ବିକାଶଶୀଳ ମେଟ୍ରୋ ସହର ମଧ୍ୟରେ ଦିଲ୍ଲୀ ଷଷ୍ଠ

**ନୂଆଦିଲ୍ଲୀ :** ବିଭିନ୍ନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିବା ସହ ସର୍ବାଧିକ ଅଭିବୃଦ୍ଧି ହାସଲ କରିଥିବା ବିଶ୍ୱର ୩୦୦ଟି ମେଟ୍ରୋ ସହର ମଧ୍ୟରେ ଦିଲ୍ଲୀ ସ୍ଥାନ ୬ରେ ରହିଛି। ବିଭିନ୍ନ କ୍ଷେତ୍ରକୁ ମାପକାଠି କରି ବିଶ୍ୱ ସ୍ତରୀୟ ଏଜେନ୍ସି ବ୍ରୁକିଙ୍ଗସ୍ ପକ୍ଷରୁ କରାଯାଇଥିବା ଗ୍ଲୋବାଲ ମେଟ୍ରୋ ମିନଟର-୨୦୧୮ ଅନୁଧ୍ୟାନ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଥିବା ବେଳେ ଦିଲ୍ଲୀ ସହରର ମୋଟ ଘରୋଇ ଉତ୍ପାଦନ(ଜିଡିପି)ରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହୋଇଥିବା ଏହି ରିପୋର୍ଟରେ କୁହାଯାଇଛି। ୨୦୧୪ ରୁ ୨୦୧୬ ମଧ୍ୟରେ ଏହି ସହରର ଜିଡିପି ୬.୬ ପ୍ରତିଶତ ରହିଥିବା ରିପୋର୍ଟ ଆଧାରରୁ ଜଣାପଡିଛି। ଏହି ସମୟ ମଧ୍ୟରେ ଦିଲ୍ଲୀ ସହରରେ ୬.୨୧ ନିଯୁକ୍ତି ସୃଷ୍ଟି ହେବା ସହ ଏ କ୍ଷେତ୍ରରେ ୪.୭ ପ୍ରତିଶତ ଅଭିବୃଦ୍ଧି ହାସଲ କରାଯାଇପାରିଥିବା କୁହାଯାଇଛି। ଏହି



ତାଲିକାରେ ଭାରତର ଅନ୍ୟତମ ପ୍ରମୁଖ ସହର ହାଇଦ୍ରାବାଦର ସ୍ଥାନ ୧୪ ରହିଥିବା ବେଳେ ଦେଶର ବିଜିନେସ୍ କ୍ୟାପିଟାଲ କୁହାଯାଉଥିବା ମୁମ୍ବାଇ ସହରର ସ୍ଥାନ ୨୩ରେ ରହିବା ବିଷୟ ଅନେକଙ୍କୁ ବିସ୍ମିତ କରିଛି। ଚାଇନା ରାଜଧାନୀ ବେଇଜିଂର ସ୍ଥାନ ଏହି ତାଲିକାରେ ୫ରେ ରହିଥିବା ବେଳେ ଚାଇନାର ଅଧିକାଂଶ ମେଟ୍ରୋ ସହର ଏଥିରେ ସ୍ଥାନିତ ହେବା ସହ ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଏସୀୟ-ପ୍ରଶାନ୍ତ ଭାଗରେ ରହିଥିବା ବହୁ ମେଟ୍ରୋ ସହର ୨୦୧୪ରୁ୨୦୧୬ ମଧ୍ୟରେ ଉତ୍ତମ ପ୍ରଦର୍ଶନ କରିଥିବା କୁହାଯାଇଛି। ଏହି ତାଲିକାରେ ରହିଥିବା ୬୦ଟି ଉତ୍ତମ ପ୍ରଦର୍ଶନକାରୀ ମେଟ୍ରୋ ସହର ମଧ୍ୟରୁ ୮୦ ପ୍ରତିଶତ ବିକାଶଶୀଳ ସହର ରହିଥିବା ବେଳେ ଚାଇନା ଏବଂ ଏସିଆ-ପାସିଫିକ୍ ଅଞ୍ଚଳର ବହୁ ସହର ତାଲିକାର ଶୀର୍ଷରେ ରହିଛନ୍ତି। ତେବେ ଲାଟିନ୍ ଆମେରିକାର ବହୁ ସହର ଏହି ତାଲିକାରେ ବହୁ ପଛରେ ପଡିଛନ୍ତି। ଅଧିକାଂଶ ସହରରେ ସେମାନଙ୍କ ପୂର୍ବ ସ୍ଥିତି ଅନୁସାରେ ସେଭଳି ଉନ୍ନତି ପରିଲକ୍ଷିତ ହୋଇନାହିଁ। ଏପରିକି ବ୍ରାଜିଲ ରାଜଧାନୀ ମଧ୍ୟ ଏଥିରୁ ବାଦ୍ ପଡିନାହିଁ ବୋଲି ରିପୋର୍ଟରେ କୁହାଯାଇଛି। ଏହି ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଛି ଆୟାର୍ଲାଣ୍ଡ ଭଳି ଏକ ଛୋଟ ସହରର ରାଜଧାନୀ ଡବ୍‌ଲିନ୍। ଏହି ସହରର ଜିଡିପି ୨୦୧୪ ରୁ ୨୦୧୬ ମଧ୍ୟରେ ୨୧.୨ ପ୍ରତିଶତ ଅଭିବୃଦ୍ଧି ଘଟିଥିବା ବେଳେ ମୁଣ୍ଡ ପିଛା ଆୟ ପରିମାଣ ୩୭.୯ ହଜାର ଡଲାରରେ ପହଞ୍ଚିଥିବା କୁହାଯାଇଛି। ଏହା ପଛକୁ ସାନ୍ ଜୋସ୍ ଏବଂ ସାନ୍ ଫ୍ରାନସିସ୍‌କୋ ସହର ରହିଛି। ତେବେ କ୍ରମବର୍ଦ୍ଧିଷ୍ଣୁ ଅର୍ଥନୈତିକ ରାଷ୍ଟ୍ର ଭାବେ ଚାଇନାର ୧୭ଟି ସହର ଏହି ତାଲିକାରେ ସ୍ଥାନିତ ହୋଇଛି।

## ଆମେ ଶାନ୍ତି ଓ ସ୍ଥିରତା ଚାହୁଁ : ପାକିସ୍ତାନ

**ୱାଶିଂଟନ :** ଆଲୋଚନା ପ୍ରସ୍ତାବକୁ ଭାରତ ପ୍ରତ୍ୟାଖ୍ୟାନ କରିବା ସତ୍ତ୍ୱେ ପାକିସ୍ତାନ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମର ଦ୍ୱାର ବନ୍ଦ କରିଦେଇ ନାହିଁ ବୋଲି ପାକ୍ ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ୍ କ୍ୟୁରେସି କହିଛନ୍ତି। ନ୍ୟୁୟର୍କରେ ଦୁଇ ଦେଶର ବୈଦେଶିକ ମନ୍ତ୍ରୀ ସ୍ତରରେ ଆଲୋଚନା ପ୍ରସ୍ତାବକୁ ନୂଆଦିଲ୍ଲୀ ବାତିଲ କରିବା ପରେ ପରେ ପାକ୍ ବୈଦେଶିକ ମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି। ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ଯୋଗଦେବା ପାଇଁ ଆମେରିକାରେ ପହଞ୍ଚିଥିବା କ୍ୟୁରେସି ୱାଶିଂଟନ ଠାରେ ପାକ୍ ଦୂତାବାସରେ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ବିଗତ ଦିନରେ ଘଟିଥିବା ଘଟଣାକୁ ଉଲ୍ଲେଖ କରି ଭାରତ ଏହି ଶାନ୍ତି ଆଲୋଚନା ପ୍ରସ୍ତାବକୁ ଅଗ୍ରାହ୍ୟ କରିଛି। ଉଲ୍ଲେଖଯୋଗ୍ୟ ଯେ, ଜମ୍ମୁ-କଶ୍ମୀରରେ ୩ ଜଣ ପୁଲିସ ଅଫିସରଙ୍କୁ ଆତଙ୍କବାଦୀମାନେ ଅପହରଣ କରିନେଇ ହତ୍ୟା କରିବା ପଛରେ ପାକିସ୍ତାନର ହାତ ରହିଛି ବୋଲି ଭାରତ ଦର୍ଶାଇଛି। ଏହାଛଡ଼ା



କଶ୍ମୀର ଆତଙ୍କୀ ବୁର୍‌ହାନ୍ ୱାନୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ଆଖ୍ୟା ଦେଇ ପାକ୍ ସରକାର ଡାକ ଟିକଟ ପ୍ରକାଶ କରିବା ବିଷୟକୁ ମଧ୍ୟ ଭାରତ ଦୃଢ଼ ବିରୋଧ କରିଛି। କ୍ୟୁରେସି କହିଛନ୍ତି, କୌଣସି ପ୍ରସଙ୍ଗକୁ ଲୁଚାଇଲେ ତାହା ଲୁଚିଯିବ ନାହିଁ। ଏହା ଦ୍ୱାରା କଶ୍ମୀର ପରିସ୍ଥିତିରେ ଉନ୍ନତି ଘଟିବ ନାହିଁ ବୋଲି ଡନ୍ ସମ୍ବାଦପତ୍ରକୁ କ୍ୟୁରେସି ଏହା କହିଛନ୍ତି। ଭାରତ ଶାନ୍ତି ଆଲୋଚନାକୁ କାହିଁକି ଅଗ୍ରାହ୍ୟ କଲା, ତାହା ବୁଝିହେଉ ନାହିଁ। ଆଲୋଚନା ଲାଗି ପାକ୍ ସରକାରଙ୍କ ପ୍ରସ୍ତାବ ପଛରେ କୌଣସି କୂଟନୈତିକ କାରଣ ନାହିଁ। ଭାରତର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ସମାଲୋଚନା କରି ସେ କହିଛନ୍ତି, ସ୍ୱରାଜଙ୍କ ଭାଷା ଜଣେ ବୈଦେଶିକ ମନ୍ତ୍ରୀର ଭାଷା ନୁହେଁ। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଯୁଦ୍ଧର ଆଶଙ୍କା ରହିଛି କି ବୋଲି ପ୍ରଶ୍ନ ହେବାରୁ କ୍ୟୁରେସି କହିଛନ୍ତି, କିଏ ଯୁଦ୍ଧ କଥା କହୁଛି ? କିନ୍ତୁ ଆମେ ନୁହଁ। ଆମେ ଶାନ୍ତି, ସ୍ଥିରତା ଓ ଜୀବନଧାରଣ ମାନରେ ଉନ୍ନତି ଚାହୁଁ।

## ସୋଲିହ ମାଳଦ୍ୱୀପର ନୂଆ ରାଷ୍ଟ୍ରପତି



**ନୂଆଦିଲ୍ଲୀ :** ମାଳଦ୍ୱୀପ ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ପ୍ରାର୍ଥୀ ଇବ୍ରାହିମ ମହମେଦ ସୋଲିହ ବିଜୟ ଲାଭ କରିଥିବାରୁ ସୋମବାର ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛି। ମନ୍ତ୍ରଣାଳୟ କହିଛି, ମାଳଦ୍ୱୀପରେ ଗଣତନ୍ତ୍ରର ବିଜୟ ହୋଇଛି। ରାଷ୍ଟ୍ରପତି ଅବଦୁଲ୍ଲା ୟାମିନଙ୍କୁ ପରାଜିତ କରିବାକୁ ସୋଲିହ ସକ୍ଷମ ହୋଇଛନ୍ତି। ପରାଜିତ ରାଷ୍ଟ୍ରପତି ୟାମିନଙ୍କ ସହ ଚୀନର ଘନିଷ୍ଠ ସମ୍ପର୍କ ଥିଲା। ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତାକୁ ନେଇ ଅନେକଙ୍କ ମନରେ ଆଶଙ୍କା ପ୍ରକାଶ ପାଇଥିଲା। ସ୍ୱୟଂ ସୋଲିହ ମଧ୍ୟ ବିଜୟ ନେଇ ଆଶଙ୍କା ପ୍ରକଟ କରିଥିଲେ। ପରାଜୟକୁ ୟାମିନ ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି। ବିରୋଧୀନେତାଙ୍କୁ ଜେଲଭରୋ ଅଭିଯାନକୁ କଡ଼ା ନିନ୍ଦା କରି ମାଳଦ୍ୱୀପ ସୁପ୍ରିମକୋର୍ଟ ସେମାନଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରିବାକୁ ଆଦେଶ ଦେବାପରେ ରାଷ୍ଟ୍ରପତି ୟାମିନ ଅନ୍ୟ ବାଟ ନପାଇ ଫେବୃୟାରୀ ୫ ତାରିଖରେ ଜରୁରୀକାଳୀନ ଶାସନ ଘୋଷଣା କରିଥିଲେ। ଫଳରେ ଭାରତ ସହ ମାଳଦ୍ୱୀପ ସମ୍ପର୍କରେ ଅବନତି ଦେଖାଦେଇଥିଲା। ୟାମିନଙ୍କ ଜରୁରୀକାଳୀନ ଶାସନ ଘୋଷଣାକୁ ଭାରତ ସମାଲୋଚନା କରିବା ସହ ରାଜନୈତିକ ବନ୍ଦୀଙ୍କ ମୁକ୍ତିଲାଭ ଉପରେ ଜୋର ଦେଇ ଆସୁଥିଲା। ଆନ୍ତର୍ଜାତିକ ସ୍ତରରୁ ପ୍ରବଳ ଚାପର ସମ୍ମୁଖୀନ ହୋଇ ରାଷ୍ଟ୍ରପତି ୟାମିନ୍ ଜରୁରୀକାଳୀନ ଶାସନ ଘୋଷଣାର ୪୫ ଦିନ ପରେ ପ୍ରତ୍ୟାହାର କରି ନେଇଥିଲେ। ନିର୍ବାଚନରେ ସୋଲିହଙ୍କୁ ୫୮.୩% ଭୋଟ ମିଳିଥିବା ବେଳେ ୟାମିନଙ୍କୁ ୪୧.୭% ଭୋଟ ମିଳିଛି। ସରକାରୀ କଳର ଯାବତୀୟ ଅପପ୍ରୟୋଗ ସତ୍ତ୍ୱେ ୟାମିନ୍ ପରାଜିତ ହୋଇଛନ୍ତି, ଏହି ଖବରକୁ ଅଧିକାଂଶ ବିଶ୍ୱାସ କରିପାରୁନାହାନ୍ତି।

## ନୂତନ ଟେଲିକମ ନୀତିକୁ କେନ୍ଦ୍ର କ୍ୟାବିନେଟ୍ ମୋହର

**ନୂଆଦିଲ୍ଲୀ :** ନୂତନ ଟେଲିକମ୍ ନୀତି ଭାବେ ନ୍ୟାସନାଲ ଡିଜିଟାଲ କମ୍ୟୁନିକେସନ ପଲିସି(ଏନଡିପିସି)-୨୦୧୮କୁ କ୍ୟାବିନେଟ ଅନୁମୋଦନ ମିଳିଛି। ଦେଶର ଟେଲିକମ୍ କ୍ଷେତ୍ରକୁ ଅଧିକ ସୁଦୃଢ କରିବା ସହ ଅପେକ୍ଷାକୃତ କମ ମୂଲ୍ୟରେ ଗ୍ରାହକମାନଙ୍କୁ ଅତ୍ୟାଧୁନିକ ସେବା ଯୋଗାଇ ଦେବା ପାଇଁ ଏହି ନୂତନ ନୀତିରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହି ଉଦ୍ଦେଶ୍ୟରେ ଆଗାମୀ ଦିନରେ ଟେଲିକମ୍ କ୍ଷେତ୍ରରେ ୧୦ ହଜାର କୋଟି ଡଲାର ବିନିଯୋଗ କରାଯିବା ସହ ୨୦୨୨ ସୁଦ୍ଧା ଅନ୍ୟୁନ ୪୦ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଏହି ନୀତିକୁ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ଅନୁମୋଦନ ଦେବା ପରେ କେନ୍ଦ୍ର ଟେଲି ଯୋଗାଯୋଗ ମନ୍ତ୍ରୀ ମନୋଜ ସିହ୍ନା କହିଛନ୍ତି। ଟେଲିଯୋଗାଯୋଗ କ୍ଷେତ୍ରରେ ବର୍ତ୍ତମାନ ଭାରତର ସ୍ଥାନ ବିଶ୍ୱସ୍ତରୀୟ ସୂଚକାଙ୍କରେ ୧୩୪ ରହିଥିବା ବେଳେ ଏହି କ୍ଷେତ୍ରରେ ସର୍ବାଧୁନିକ ବୈଷୟିକ କୌଶଳ ଉପଯୋଗ କରାଯାଇ ଭାରତକୁ ସର୍ବୋତ୍କୃଷ୍ଟ ୫୦ଟି ଟେଲିଯୋଗାଯୋଗ ରାଷ୍ଟ୍ର ମଧ୍ୟରେ ସାମିଲ କରିବାକୁ ଏହି ନୂତନ ଏନଡିସିପି ନୀତିରେ ଅଗ୍ରାଧିକାର ଦିଆଯାଇଛି ବୋଲି ଶ୍ରୀ ସିହ୍ନା କହିଛନ୍ତି। ବର୍ତ୍ତମାନ ଭାରତରେ ବିଶ୍ୱର ସର୍ବାଧିକ ଇଣ୍ଟରନେଟ୍ ଗ୍ରାହକ ରହିଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏହି ସଂଖ୍ୟାରେ ଆହୁରି ବୃଦ୍ଧି ଘଟିବାର ସମ୍ଭାବନା ରହିଛି। ୨୦୧୨ରେ ଭାରତର ଶେଷ ଟେଲିକମ୍ ନୀତି ଅନୁଯାୟୀ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଅଣାଯିବା ସହ ଡିଜିଟାଲ କମ୍ୟୁନିକେସନ ସ୍ପେସ୍, ୫ଜି, ଇଣ୍ଟରନେଟ୍ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ଅନେକ ବ୍ୟବସ୍ଥା କରାଯାଇଛି ।ତେବେ ଭବିଷ୍ୟତରେ ଟେଲିଯୋଗାଯୋଗ ବ୍ୟବସ୍ଥା ଉପରେ ଅଧିକାଂଶ ବିଷୟ ନିର୍ଭର କରିବାକୁ ଯାଉଥିବାରୁ ଏହି କ୍ଷେତ୍ରରେ ଆଖି ଦୃଶିଆ ବିକାଶ କରାଯାଇ ଏହାକୁ ଅଧିକ ଲୋକାଭିମୁଖୀ କରିବାକୁ ନୂତନ ନୀତିରେ ଉଦ୍ୟମ କରାଯିବ ବୋଲି ଟେଲି



ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ ସୁଦ୍ଧା ଟେଲି ଯୋଗାଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବାକୁ ଟେଲିକମ୍ ବିଭାଗ ପକ୍ଷରୁ ଗତ ମେ ୧ ତାରଖରେ ନୂତନ ପ୍ରସ୍ତାବ ନୀତି ଅଣାଯିବା ସହ ଏଥିପାଇଁ ମତାମତ ଲୋଡାଯାଇଥିଲା। ବିଶେଷ କରି ୫ଜି ଏବଂ ଅପ୍ଟିକାଲ ଫାଇବର ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ହାଇ ସ୍ପିଡ ବ୍ରଡବ୍ୟାଣ୍ଡ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସେବା ଯୋଗାଇ ଦେବାକୁ ଏଥିରେ ବ୍ୟବସ୍ଥା କରାଯାଇଥିଲା। ଉପଗ୍ରହ ସହାୟତାରେ ଦେଶର ୯୦ ପ୍ରତିଶତ ଲୋକଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବା ସହ ପ୍ରତି ପଞ୍ଚାୟତ ସ୍ତରରେ ଲୋକମାନଙ୍କୁ ଅତି କମ୍‌ରେ ୧ ଜିବିପିଏସ୍‌ର ଡାଟା ସଂଯୋଗ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା। ଏଥିସହିତ ନ୍ୟାସନାଲ ବ୍ରଡବ୍ରାଣ୍ଡ ମିଶନରେ ୨୦୨୦ ବର୍ଷ ସୁଦ୍ଧା ଦେଶରେ ୫ ନିୟୁତ ପବ୍ଲିକ ୱାଇ-ଫାଇ ହଟସ୍ପଟ୍ ପ୍ରତିଷ୍ଠା କରାଯିବା ସହ ଏହି ସଂଖ୍ୟାକୁ ୨୦୨୨ ସୁଦ୍ଧା ୧୦ ନିୟୁତରେ ପହଞ୍ଚାଇବାକୁ ଏହି ପ୍ରସ୍ତାବ ନୀତିରେ କୁହାଯାଇଥିଲା। ସେହିଭଳି ଟେଲିଯୋଗାଯୋଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ଅପ୍ଟିକାଲ ଫାଇବରକୁ ନେଇ ଟାୟାର -୧ ,୨ ଏବଂ ଟାୟାର-୩ ଶ୍ରେଣୀ ସହର ସମେତ ଗ୍ରାମାଞ୍ଚଳରେ କ୍ଲଷ୍ଟର ମାଧ୍ୟମରେ'ଫାଇବର ଫାର୍ଷ୍ଟ ଇନିସିଏଟିଭ' ଯୋଜନା ଯୋଗାଇ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହା ଦ୍ୱାରା ପ୍ରତ୍ୟେକ ବାସଗୃହ ଠାରୁ ଆରମ୍ଭ କରି ବ୍ୟବସାୟିକ କେନ୍ଦ୍ରରେ ହାଇସ୍ପିଡ ଇଣ୍ଟରନେଟ ଯୋଗାଇ ଦିଆଯାଇପାରିବ ବୋଲି କୁହାଯାଇଥିଲା।

## ଅଫିସରଙ୍କୁ ଟାର୍ଗେଟ କଲେ ଅମିତ ଶାହା

# ବିଜେପି କ୍ଷମତାକୁ ଆସିଲେ ଓଡ଼ିଶା ହେବ ୧ ନମ୍ବର

**ପୁରୀ/ଭୁବନେଶ୍ୱର :** ଓଡିଶାକୁ ବିକାଶରେ ଏକ ନମ୍ବର କରିବା ପରିବର୍ତେ ନବୀନ ପଟ୍ଟନାୟକଙ୍କର ଲମ୍ବା ଶାସନ ମହିଳା ବିରୋଧୀ ହିଂସାରେ ଓଡିଶାକୁ ଦେଶର ଆଗୁଆ ରାଜ୍ୟ କରିଛି । ରାଜ୍ୟରେ ନିର୍ବାଚିତ ଜନ ପ୍ରତିନିଧି ବଦଳରେ ରାଜ କରୁଥିବା ଅମଲାତନ୍ତ୍ର ବୁଝିବା ଦରକାର ରାଜ୍ୟରେ ନବୀନ ସରକାର ଚିରସ୍ଥାୟୀ ନୁହେଁ । ଏପରି ପରିସ୍ଥିତିରେ ଓଡିଶାର ଜନତା ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ଗାଦିଚ୍ୟୁତ କରି ବିଜେପିକୁ ଶାସନ ଭାର ଦେବାକୁ ମନ ପ୍ରସ୍ତୁତ କରି ସାରିଲେଣି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ପୁରୀ ଠାରେ ଦଳର ମହିଳା ମୋର୍ଚ୍ଚାର ଏକ ବିଶାଳ ପ୍ରତିନିଧି ସଭାକୁ ଉଦବୋଧନ ଦେଇ ଏହା କହିବା ସହ ନବୀନ ପଟ୍ଟନାୟକ ସରକାରକୁ ଉପାଡି ଫୋପାଡି ଦେବାକୁ ପୁଣି ଆହ୍ୱାନ କରିଛନ୍ତି । ଶ୍ରୀ ଶାହ କହିଛନ୍ତି ଯେ ମହିଳା ବିରୋଧୀ ହିଂସାରେ ଓଡିଶା ରେକର୍ଡ କରିଛି । ମହିଳା ବିରୋଧୀ ହିଂସା ରାଜ୍ୟରେ ୩୯ ପ୍ରତିଶତ ବଢିଛି । ମହିଳାଙ୍କୁ ଅସଦାଚରଣରେ ଓଡିଶା ଦେଶରେ ଏକ ନମ୍ବର, ଯୌତୁକ ନିର୍ଯ୍ୟାତନାରେ ଦେଶରେ ଚାରି ନମ୍ବର, ଗଣଦୁଷ୍କର୍ମରେ ପାଂଚ ନମ୍ବର, ଏସିଡ ମାଡରେ ଛଅ ନମ୍ବର ହୋଇଥିବା କାରଣରୁ ମହିଳା ମାନେ ନବୀନ ପଟ୍ଟନାୟକଙ୍କ ରାଜ୍ୟ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ପ୍ରସ୍ତୁତ



ହେଲେଣି ବୋଲି ଶ୍ରୀ ଶାହ କହିଛନ୍ତି । ଓଡିଶାର ଏହି ମହିଳା ଶକ୍ତିର ଏକାଠି ହେବା ନବୀନ ସରକାରଙ୍କ ପ୍ରତି ସତର୍କ ଘଂଟି ବୋଲି କହିଛନ୍ତି ଶ୍ରୀ ଶାହ।

ଆୟୁଷ୍ମାନ ଭାରତ ଯୋଜନା ସହ ସାରା ଦେଶରେ ମାଗଣା ସ୍ୱାସ୍ଥ୍ୟ ସେବାରେ ଗରୀବ ଜନତା ସାମିଲ ହୋଇଥିବା ବେଳେ ଓଡିଶା କାହିଁକି ସାମିଲ ହେଉ ନାହିଁ ବୋଲି ପଶ୍ନ କରିଛନ୍ତି ଶ୍ରୀ ଶାହ। ଆୟୁଷ୍ମାନ ଭାରତ ଲାଗୁ ହେଲେ ମୋଦି ଜନପ୍ରିୟ ହେବେ। ତେଣୁ ନବୀନ ସରକାର ଆୟୁଷ୍ମାନ ଭାରତ ଯୋଜନାକୁ ଓଡିଶାରେ ଲାଗୁ କରୁ ନାହାନ୍ତି। ନବୀନ ସରକାରଙ୍କୁ ଓଡିଶାର ଲୋକଙ୍କର ଚିନ୍ତା ନାହିଁ। ଖାଲି ନିଜେ ସରକାରରେ ରହିବା ହିଁ ଏହି ସରକାରର ଗୋଟିଏ ଉଦ୍ଦେଶ୍ୟ ବୋଲି ଶ୍ରୀ ଶାହ କହିଛନ୍ତି। ଓଡିଶାରେ ମଦ, ପରିବାର ମାନଙ୍କୁ ସର୍ବସ୍ୱାନ୍ତ କରୁଛି ବୋଲି ଅଭିଯୋଗ କରି ଓଡିଶାର ମା- ମାଉସୀ ମାନେ ନବୀନ ପଟ୍ଟନାୟକଙ୍କୁ ଗାଦିଚ୍ୟୁତ କରି ଓଡିଶାରେ ବିଜେପି ଶାସନ ପ୍ରତିଷ୍ଠା କଲେ ବିଷାକ୍ତ ଓ ନକଲୀ ମଦ କାରବାରରେ ଲିପ୍ତ ଲୋକଙ୍କୁ ବାନ୍ଧି ଜେଲରେ ପୁରାଇବା ପାଇଁ ଶ୍ରୀ ଶାହ ଦୃଢ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟରେ ଗତ କିଛି ବର୍ଷରେ ୧୪ ଜଣ ବିଜେପି କାର୍ଯ୍ୟକର୍ତାଙ୍କୁ ସରକାରୀ ପ୍ରୋତ୍ସାହନରେ ଗୁଣ୍ଡା ମାନଙ୍କ ଦ୍ୱାରା ହତ୍ୟା କରାଯାଇଥିବା ଅଭିଯୋଗ କରି ବିଜେପିର କିଛି କାର୍ଯ୍ୟକର୍ତାଙ୍କ ହତ୍ୟା ଦ୍ୱାରା ଦଳକୁ ଚୁପ କରି ପାରିବେ ନାହିଁ ବୋଲି କହିଛନ୍ତି ଶ୍ରୀ ଶାହ। ଶ୍ରୀ ଶାହ କହିଛନ୍ତି ଯେ ମହିଳା ମାନଙ୍କର ବିକାଶରେ ମୋଦି ସରକାରଙ୍କ ଯୋଗଦାନ ଅନନ୍ୟ । ଦେଶରେ ଜନଧନ ବ୍ୟାଙ୍କ ଖାତା , ମୁଦ୍ରା ଋଣ, ଘରେ ଘରେ ମାଗଣାରେ ଉଜ୍ୱଳା ଗ୍ୟାସ ଓ ମାଙ୍କୁ ସମ୍ମାନର ପ୍ରତୀକ ଭାବେ ଶୌଚାଳୟ ନିର୍ମାଣରେ ରେକର୍ଡ କରିଛି। ଓଡିଶାକୁ ମୋଦି ଶାସନରେ ପ୍ରଚୁର ଅର୍ଥ ଆସୁଥିବା ବେଳେ ଏହି ଅର୍ଥ ଜନକଲ୍ୟାଣରେ ବିନିଯୋଗ କରିବାରେ ବିଫଳ ହୋଇଛି ରାଜ୍ୟ ସରକାର । ଗୋଟିଏ ପଟରେ ମୋଦି ସରକାର ଗରୀବୀ, ବେରୋଜଗାରୀ ଓ ଅସୁରକ୍ଷା ହଟାଇବା ପାଇଁ ସଂଘର୍ଷ କରୁଥିବା ବେଳେ ଅପର ପକ୍ଷରେ କଂଗ୍ରେସ ଓ ବିଜେଡି ସମେତ ବିଭିନ୍ନ ରାଜନୈତିକ ଦଳ ମାନଙ୍କର ମୋଦି ହଟାଓ ହିଁ ଗୋଟିଏ ଏଜେଣ୍ଡା ହୋଇ ରହିଛି । ସବୁ ପଞ୍ଚାୟତରୁ ମହିଳା ପ୍ରତିନିଧିଙ୍କୁ ନେଇ ଆୟୋଜିତ ଏହି ସମାବେଶକୁ ସାରା ଦେଶରେ ସଂଗଠନାତ୍ମକ ଦୃଷ୍ଟିରୁ ସବୁଠୁ ବଡ ଉଦ୍ୟମ ବୋଲି ଶ୍ରୀ ଶାହ କହିଛନ୍ତି । ଜଣେ ଭାଇ କାର୍ଯ୍ୟକର୍ତା ହେଲେ ଦଳରେ ଜଣେ ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ଗୋଟିଏ ମା ବା ଭଉଣୀ ସାମିଲ ହେଲେ ସଂପୂର୍ଣ ପରିବାର ଦଳରେ ସାମିଲ ହୁଅନ୍ତି ବୋଲି ସେ କହିଛନ୍ତି।

# ସାର୍ବଜନୀନ ହେବନି ବ୍ରହ୍ମ ବିଭ୍ରାଟ ରିପୋର୍ଟ

**ପୁରୀ :** ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କଡାକଡି କାର୍ଯ୍ୟକାରୀ ପାଇଁ ପାଗ ଭିଡିଛି ମନ୍ଦିର ପ୍ରଶାସନ। ଆସନ୍ତା ୧ ତାରିଖରୁ ଶ୍ରୀମନ୍ଦିରରେ ଧାଡିଦର୍ଶନ ବ୍ୟବସ୍ଥା ନିମନ୍ତେ ପରିଚାଳନା କମିଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଭକ୍ତମାନେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭିତରେ ପ୍ରବେଶ କରିବେ। ଶ୍ରୀଜୀଉଙ୍କ ଦର୍ଶନ ପରେ ଅନ୍ୟ ୩ଟି ଦ୍ୱାରଦେଇ ପ୍ରସ୍ଥାନ କରିବେ ବୋଲି ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ୨୦୧୫ ନବକଳେବର ବେଳେ ବ୍ରହ୍ମ ବିଭ୍ରାଟ ସମ୍ପର୍କିତ ତଦନ୍ତ ରିପୋର୍ଟ ସାର୍ବଜନୀନ ହେବ ନାହିଁ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏପରିକି ଏ ସଂକ୍ରାନ୍ତରେ ସୂଚନା ଅଧିକାର ଆଇନ୍‌ରେ ତଥ୍ୟ ମାଗିଲେ ମିଳିବ ନାହିଁ ବୋଲି କୁହାଯାଇଛି। ତେବେ ରିପୋର୍ଟ ମୁତାବକ ୧୦ରୁ ୧୫ଜଣ ଦଇତାପତି ଓ ମହାରଣା ଆଦି ସେବକଙ୍କ ବିରୋଧରେ ଶ୍ରୀମନ୍ଦିର ଆଇନ୍‌ର ୨୧(ଖ) ଧାରାମତେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି କାର୍ଯ୍ୟ ମୁଖ୍ୟ ପ୍ରଶାସକ ତିନିମାସ ମଧ୍ୟରେ କରିବା ପାଇଁ ପରିଚାଳନା କମିଟି ଦାୟିତ୍ୱ ନ୍ୟସ୍ତ କରିଛି। ବହୁଚର୍ଚ୍ଚିତ ବ୍ରହ୍ମ ବିଭ୍ରାଟର ତଦନ୍ତ ପାଇଁ ସରକାର ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୫ର ବ୍ରହ୍ମ ବିଭ୍ରାଟ ସମ୍ପର୍କରେ ଶ୍ରୀ ମହାପାତ୍ର ବହୁ ବିଳମ୍ବରେ ୨୦୧୭ଙ୍କଙ୍କ ୭ ଅଗଷ୍ଟ ୫ରେ ପରିଚାଳନା କମିଟିକୁ ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ। ତେବେ ସେ ଦୁଇଜଣ ଦଇତାପତିଙ୍କୁ ବ୍ରହ୍ମ ବିଭ୍ରାଟ ପାଇଁ ନିଲମ୍ବିତ କରିଥିଲେ ଓ ପରବର୍ତ୍ତୀ ସମୟରେ ସେମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନିଆଯାଇଥିଲା। ଶ୍ରୀ ମହାପାତ୍ରଙ୍କ ତଦନ୍ତ ରିପୋର୍ଟ ପରିଚାଳନା କମିଟିରେ ଆଗତ ହେବା ପରେ ମଧ ତାହା ସାର୍ବଜନୀନ କରାନଯାଇ ସମୟ ଗଡ଼ାଇବା ପାଇଁ ପରିଚାଳନା କମିଟି ଶ୍ରୀ ମହାପାତ୍ରଙ୍କ ରିପୋର୍ଟକୁ ତର୍ଜମା କରିବା ପାଇଁ ଏକ ତିନିଜଣିଆ ସବ୍‌କମିଟି ଗଠନ କଲେ। ଇତିମଧ୍ୟରେ କେତେଗୁଡ଼ିଏ ପରିଚାଳନା କମିଟିର ବୈଠକ ବସିଥିଲେ ମଧ ସବ୍ କମିଟି ରିପୋର୍ଟ ଦାଖଲ କରିନଥିଲା। ବହୁ କାଳକ୍ଷେପଣ ପରେ ପରିଚାଳନା କମିଟି ବୈଠକରେ ରିପୋର୍ଟ ଦାଖଲ କରିଥିଲା। ଶ୍ରୀ ମହାପାତ୍ର କହିଛନ୍ତି ଯେ ରିପୋର୍ଟ ସାର୍ବଜନୀନ କରାଯିବ ନାହିଁ। ଆସନ୍ତା ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ପରୀକ୍ଷାମୂଳକ ଭାବେ ଧାଡ଼ିଦର୍ଶନ ବ୍ୟବସ୍ଥା ଲାଗୁ କରାଯିବ। ଆନନ୍ଦ ବଜାରରେ ମହାପ୍ରସାଦର ଦରତାଲିକା ମରାଯିବ। ଥାଳି ଓ ଗରା ଥୋଇ ଦାନଦକ୍ଷିଣା ଆଦାୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବ। ଶ୍ରୀମନ୍ଦିରର ଚତୁଃପାର୍ଶ୍ୱରେ ଶୌଚାଳୟ କରାଯିବ। ଏହିଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଜି ପରିଚାଳନା କମିଟିରେ ଗ୍ରହଣ କରାଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ପରିଚାଳନା କମିଟି ବୈଠକ ଶେଷ ହେବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମହାପାତ୍ର କହିଥିଲେ ଯେ ବୈଠକରେ ଷୋଳପୂଜା ପାଇଁ ଶ୍ରୀମନ୍ଦିରରେ ହେବାକୁ ଥିବା ବିଭିନ୍ନ ନୀତିର ସମୀକ୍ଷା କରାଯାଇ ତାହାକୁ ଅନୁମୋଦନ କରାଯାଇଛି। ଅକ୍ଟୋବର ୨ରୁ ୧୭ତାରିଖ ପର୍ଯ୍ୟନ୍ତ ନୀତିନିର୍ଘଣ୍ଟ ପରିଚାଳନା କମିଟି ଅନୁମୋଦନ କରିଛି।

## ବାଜିଲା ଛାତ୍ର ସଂସଦ ନିର୍ବାଚନ ବିଗୁଲ

# ୧୧ରେ ନିର୍ବାଚନ; ୧୨ରେ ଶପଥ ଗ୍ରହଣ

**ଭୁବନେଶ୍ୱର :** ଆସନ୍ତା ୧୧ରେ ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁସାରେ ଆସନ୍ତା ୧ରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ପ୍ରକ୍ରିୟା ତାଲିକା ପ୍ରକାଶ ପାଇବ। ୩ରେ ନାମାଙ୍କନପତ୍ର ଦାଖଲ ହେବ। ଆଶାୟୀ ପ୍ରାର୍ଥୀ ସକାଳ ୯ଟାରୁ ୧୨ଟା ମଧ୍ୟରେ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ସେହିଦିନ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥୀପତ୍ର ଯାଞ୍ଚ ହେବ। ଏହାପରେ ୪ରେ ଅପରାହ୍ଣ ୧୧ଟାରେ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ ପାଇବ। ସେହିଦିନ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିହେବ। ସନ୍ଧ୍ୟା ୫ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୧୦ରେ 'ହ୍ୱାଏ ଆଇ ଷ୍ଟାଣ୍ଡ୍ ଫର୍' ମିଟିଂ ଅନୁଷ୍ଠିତ ହେବ। ୧୧ରେ ସକାଳ ୮ଟାରୁ ଦିନ ୨ଟା ମଧ୍ୟରେ ଭୋଟ୍ ଗ୍ରହଣ କରାଯାଇ ୨ଟା ପରେ ଭୋଟ୍ ଗଣତି ହେବ ଏବଂ ସନ୍ଧ୍ୟାରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ବିଜୟୀ ଛାତ୍ର ପ୍ରତିନିଧିମାନେ ୧୨ ତାରଖ ପୂର୍ବାହ୍ଣ ୧୧ଟାରେ ଶପଥ ଗ୍ରହଣ କରିବେ। ନିର୍ବାଚନରେ ଲିଙ୍ଗଡୋ କମିଟିଙ୍କ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ନିୟମ ଅନୁସାରେ ପ୍ରାର୍ଥୀ ହେବାକୁ ଆଶାୟୀ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ହାର ୭୫%ରୁ ଅଧିକ ଥିବ, ସେମାନଙ୍କ ନାମରେ କୌଣସି ଅପରାଧିକ ମାମଲା ନଥିବ ଏବଂ ପୂର୍ବ ପରୀକ୍ଷାରେ କୌଣସି ପେପରରେ ବ୍ୟାକ୍ ନଥିବ।

# ବିଜୁ କଲ୍ୟାଣ ଯୋଜନା ପ୍ରହସନ : କଂଗ୍ରେସ

**ଭୁବନେଶ୍ୱର :** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନେଇ କେବଳ କୋଟି କୋଟି ଟଙ୍କା ବ୍ୟୟରେ ବିଜ୍ଞାପନ ଜରିଆରେ ମିଥ୍ୟା ପ୍ରଚାର ପ୍ରସାର କରୁଛନ୍ତି ସରକାର। ସରକାର ପ୍ରତ୍ୟେକ ପରିବାରକୁ ୭ ଲକ୍ଷ ନୁହେଁ, ୭୦୭ ଟଙ୍କା ୧୪ ପଇସାରେ ଏହି ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ଖର୍ଚ୍ଚ ଦେବେ। ପ୍ରଚାର କରୁଛନ୍ତି ମୋଟ୍ ୪୯୫ କୋଟି ଟଙ୍କାରେ ୭୦ ଲକ୍ଷ ପରିବାରକୁ ଯୋଗାଇ ଦିଆଯିବ ମାଗଣା ସ୍ୱାସ୍ଥ୍ୟ ସେବା। ପୁରୁଷଙ୍କ କ୍ଷେତ୍ରରେ ୫ ଲକ୍ଷ ଓ ମହିଳାଙ୍କୁ ୭ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମିଡ଼ିଆ ସେଲ୍ ମୁଖ୍ୟ ସତ୍ୟପ୍ରକାଶ ନାୟକ ଏହା କହିଛନ୍ତି। ସେ କହିଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସମସ୍ତ ଚିକିତ୍ସା ସେବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବାକୁ କୁହାଯାଇଛି। ବାସ୍ତବରେ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପ୍ରସଙ୍ଗରେ ସରକାର ଯେଉଳି ଭାବେ ମିଛ ତଥ୍ୟ ଦେଉଛି ତାହା ହାସ୍ୟାସ୍ପଦ। ୬ ସେପ୍ଟେମ୍ବର ୨୦୧୮ରେ ସରକାର ଗୃହରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସଂପର୍କରେ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ ଯେ, ୪୯୫ କୋଟି ଟଙ୍କା ବ୍ୟୟରେ ୭୦ ଲକ୍ଷ ପରିବାରଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଅର୍ଥାତ୍ ପରିବାର ପିଛା ୭୦୭ ଟଙ୍କା ୧୪ ପଇସା ବ୍ୟୟ ବରାଦ କରାଯାଇଛି। ଗୋଟିଏ ପରିବାରର ସର୍ବନିମ୍ନ ୪ ଜଣ ସଦସ୍ୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ୭୦୭ ଟଙ୍କା ୧୪ ପଇସା ଖର୍ଚ୍ଚରେ କି ସ୍ୱାସ୍ଥ୍ୟସେବା ଯୋଗାଇବେ ସରକାର? ସେପ୍ଟେମ୍ବର ୬, ୨୦୧୮ ରେ ସରକାରଙ୍କୁ ପଚରା ଯାଇଥିବା ଏକ ପ୍ରଶ୍ନ ଥିଲା, ରାଜ୍ୟରେ କର୍କଟ, ହୃଦ୍‌ରୋଗ, ପେଟରୋଗ, ଯକୃତ, ବୃକକ୍, ଅସ୍ଥିଶଲ୍ୟ, ମଧୁମେହ ଓ ସ୍ନାୟୁଜନିତ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା କେତେ? ସେ ନେଇ ରାଜ୍ୟ ସରକାରଙ୍କ ପାଖରେ ନିର୍ଦ୍ଦିଷ୍ଟ ତଥ୍ୟ ଓ ଉତ୍ତର ନଥିବା କହିଥିଲେ ସରକାର। ଯେତେବେଳେ ସରକାର ନିଜେ ଜାଣିନାହାନ୍ତି ଏ ସବୁ ବ୍ୟାଧିରେ ଆକ୍ରାନ୍ତ ହେଉଥିବା ରୋଗୀଙ୍କ ସଂଖ୍ୟା କେତେ କିଭଳି ଭାବେ ରାଜ୍ୟ ସରକାର ଆବଶ୍ୟକ ଅତ୍ୟାଧୁନିକ ସେବା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଉଛି ତାକୁ ନେଇ କଂଗ୍ରେସ ପ୍ରଶ୍ନ କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଭିତିଭୂମି ନଥାଇ ସରକାର କିଭଳି ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ ବୋଲି ସନ୍ଦେହ ପ୍ରକଟ କରି ସେ କହିଛନ୍ତି ଯେ ରାଜ୍ୟ ସରକାର ନିଜେ ତଥ୍ୟ ଦେଇଛନ୍ତି ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ପ୍ରାଥମିକ ଚିକିତ୍ସା କେନ୍ଦ୍ରରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ୫୦୩୯ ଜଣ ଡାକ୍ତର, ନର୍ସ ଓ ଟେକ୍‌ନିସିଆନ୍ ପଦବୀ ଖାଲି ପଡ଼ିଛି। ଏପରିସ୍ଥଳେ ସରକାରୀ ଚିକିତ୍ସାଳୟରେ ୭୦ ଲକ୍ଷ ପରିବାରଙ୍କୁ କିଭଳି ଚିକିତ୍ସା ସେବା ମିଳିପାରିବ? ରିପୋର୍ଟ ଅନୁସାରେ ୩୦% ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୨୪ ଘଣ୍ଟା ଖୋଲା ରହୁଥିବା ବେଳେ ବାକିଗୁଡ଼ିକ ବନ୍ଦ ରହୁଛି। ସରକାର ଗୃହରେ ସ୍ୱୀକାର କରିଛନ୍ତି ଯେତେବେଳେ ସର୍ବ ଭାରତୀୟ ସ୍ତରରେ ୧ ଲକ୍ଷ ଜନସଂଖ୍ୟା ପାଇଁ ୬୨ ଜଣ ଡାକ୍ତରଙ୍କ ଆବଶ୍ୟକତା ରହିଛି, ଓଡିଶାରେ ୮ ଜଣ ଅଛନ୍ତି। ଅର୍ଥାତ୍ ଜାତୀୟ ହାରର ୮୫ ପ୍ରତିଶତ ପଛରେ ଆମ ରାଜ୍ୟ ରହିଛି। ଏପରିସ୍ଥଳେ ୭୦ ଲକ୍ଷ ପରିବାରକୁ କିଭଳି ଉତ୍ତମ ସ୍ୱାସ୍ଥ୍ୟସେବା ସରକାର ଯୋଗାଇ ଦେବେ ସେକଥା ସ୍ପଷ୍ଟ କରୁ ବୋଲି କଂଗ୍ରେସ ଦାବି କରିଛି।

# ମିଶନ ୧୨୦ ନୁହେଁ, ତୈଳ ଲିଟର ୧୨୦

**ଭୁବନେଶ୍ୱର :** ଭାରତୀୟ ଜନତା ପାର୍ଟି ୨୦୧୪ରେ ୫ବର୍ଷ ଭାରତବର୍ଷର ଜନସାଧାରଣଙ୍କୁ ମାଗିଥିଲା, ସେମାନଙ୍କ ଜୀବନରେ ଅଚ୍ଛେଦିନ ଆଣିବା ପାଇଁ। କିନ୍ତୁ ସାଢ଼େ ୪ବର୍ଷ ପରେ ମଧ ସେ 'ଅଚ୍ଛେଦିନ୍'ର ସ୍ୱରଶବ୍ଦ ଶୁଣାଯାଉନାହିଁ। ପେଟ୍ରୋଲ ଦର ପ୍ରତି ଲିଟର ୯୦ ଟଙ୍କା ଛୁଇଁଲାଣି, ଭାରତୀୟ ମୁଦ୍ରା ୧ ଡଲାର ମୁକାବିଲାରେ ୧୦୦ ଟଙ୍କା ଛୁଇଁଲା ଭଳି ଅନୁମାନ କରାଯାଉଛି। ଜଣାପଡୁଛି, ବିଜେପି ତୈଳ ଦର ପ୍ରତି ଲିଟର ୧୨୦ ଟଙ୍କାରେ ପହଞ୍ଚାଇ ଓ ଭାରତୀୟ ମୁଦ୍ରାର ମୂଲ୍ୟ ୧ ଡଲାର ପିଛା ୧୨୦ ଟଙ୍କାରେ ପହଞ୍ଚାଇ ତାଙ୍କର ମିଶନ ୧୨୦ ସଫଳ କରିବେ। ଏହାହିଁ ମିଶନ ୧୨୦ର ରହସ୍ୟ, ଯାହାକି ମାନ୍ୟବର ତୈଳମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକାରୀ କରିବା ପାଇଁ ପ୍ରଚେଷ୍ଟା କରୁଛନ୍ତି। ବିଜେପି ୫ବର୍ଷରେ ଓଡ଼ିଶାକୁ ୧ନମ୍ବର ରାଜ୍ୟରେ ପରିଣତ କରିବାର ଦୃଢ଼ୋକ୍ତି ଅତ୍ୟନ୍ତ ହାସ୍ୟାସ୍ପଦ। ଛତିଶଗଡ଼ ଏବଂ ମଧ୍ୟପ୍ରଦେଶରେ ୧୫ବର୍ଷର ଶାସନକାଳ ମଧ୍ୟରେ ବିଜେପି କୌଣସି ପରିବର୍ତ୍ତନ ଆଣିପାରି ନାହିଁ ଏବଂ ଏହିପରି ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକମାନଙ୍କୁ ଭ୍ରମିତ କରିଆସୁଛି। ଏହାହିଁ ବିଜେପିର ଚରିତ୍ର। ଏମ୍‌ଏସ୍‌ପି ଦେଢ଼ଗୁଣା ବୃଦ୍ଧି ଆଉଏକ ଜୁମ୍‌ଲା ସଦୃଶ। କେନ୍ଦ୍ର ସରକାର ସ୍ୱାମୀନାଥନ କମିଶନଙ୍କ ସୁପାରିସ୍‌କୁ କାର୍ଯ୍ୟକାରୀ କଲେନାହିଁ କିମ୍ବା ହାଉସ୍ କମିଟିକୁ ମଧ ଏ ସଂକ୍ରାନ୍ତରେ ଭେଟିବା ପାଇଁ ସମୟ ଦେଲେନାହିଁ। ଏମ୍‌ଏସ୍‌ପିର ଦେଢ଼ଗୁଣା ବୃଦ୍ଧି ଏକ ପ୍ରହେଳିକା ଏବଂ ଚାଷୀମାନଙ୍କର ସ୍ୱାର୍ଥକୁ କୁଠାରଘାତ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୭୦ଲକ୍ଷ ପରିବାର ସାମିଲ ହୋଇଥିଲା ବେଳେ ଆୟୁଷ୍ମାନ ଯୋଜନାରେ ୯ଲକ୍ଷ ପରିବାର ଓ ପାଖାପାଖି ୫୦ଲକ୍ଷ ଲୋକ ବାଦ୍ ପଡ଼ିଯାଇଥାନ୍ତେ। କେନ୍ଦ୍ର ସରକାର ଏହି ୫୦ଲକ୍ଷ ବାଦ୍ ପଡୁଥିବା ଓଡ଼ିଆଙ୍କୁ ଆୟୁଷ୍ମାନ ଯୋଜନାରେ ଅର୍ନ୍ତଭୁକ୍ତ ନକରିବାରୁ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ମାଧ୍ୟମରେ କେବଳ ଏହି ୫୦ଲକ୍ଷ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ପହଞ୍ଚାଇନାହାନ୍ତି, ବରଂ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ସାମିଲ କରିଛନ୍ତି। ତା'ସହିତ ଆୟୁଷ୍ମାନ ଯୋଜନାରେ ମହିଳାମାନଙ୍କ ପାଇଁ କେବଳ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବାର ବୀମାଭୁକ୍ତ ବ୍ୟବସ୍ଥା ଥିଲାବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କ ପାଇଁ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବାର ସୁବିଧା ଯୋଗାଇ ଦିଆଯାଇଛି। ଏହିସବୁ ତଥ୍ୟ ବିଷୟରେ ଅବଗତ ଥିଲେ ମଧ ବିଜେପି ଆୟୁଷ୍ମାନ ଯୋଜନାର ଡିଣ୍ଡିମ ପିଟିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଉଜ୍ୱଳା ଯୋଜନାରେ ଏକ ବଡ଼ଧରଣର ଦୁର୍ନୀତି ହୋଇଛି ଏବଂ ଏହାକୁ ମଧ ପରୋକ୍ଷରେ କେନ୍ଦ୍ର ତୈଳମନ୍ତ୍ରୀ ଲୋକସଭାରେ ତାଙ୍କର ଉତ୍ତରରେ ସ୍ପଷ୍ଟ ଭାବରେ ଅବଗତ କରାଇସାରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ, ଓଡ଼ିଶାରେ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଉପଭୋକ୍ତା ୩୦ଲକ୍ଷ ଉଲ୍ଲେଖିତ ଥିବାବେଳେ ପାଖାପାଖି ୨୪ଲକ୍ଷ ସିଲିଣ୍ଡର ଦ୍ୱିତୀୟଥର ପାଇଁ ଗ୍ୟାସ୍ ଭରଣା କରାଯାଉନାହିଁ। ଏହି ୨୪ଲକ୍ଷ ଉପଭୋକ୍ତା ବାସ୍ତବରେ ଅଛନ୍ତି କି? ଯଦି ଅଛନ୍ତି ଏହି ୨୪ଲକ୍ଷ ସିଲିଣ୍ଡର ସେମାନେ ଉପଭୋଗ ନକରୁଥିଲା ବେଳେ କୌଣସି ସ୍ଥାନରେ କଳାବଜାରୀ ହେଉନାହିଁ ତ? ଏହି ଦୁର୍ନୀତି ଉପରେ କେନ୍ଦ୍ରମନ୍ତ୍ରୀ ସ୍ପଷ୍ଟୀକରଣ ନଦେଇ ନିଜର ଦାୟିତ୍ୱରୁ ଓହରିବାକୁ ଚେଷ୍ଟା କରିବା ନିନ୍ଦନୀୟ। ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ଓଡ଼ିଶାକୁ ଅର୍ଥ କେନ୍ଦ୍ରରୁ ପଠାଉଥିବା କହିବା, କଟା ଘା'ରେ ଚୂନ ସଦୃଶ। କେନ୍ଦ୍ର ସରକାର ୮ଟି ଯୋଜନାକୁ ବନ୍ଦ କରିଦେଇଛନ୍ତି ଏବଂ ୩୩ଟି ଯୋଜନାରେ କେନ୍ଦ୍ରୀୟ ସହାୟତା ହ୍ରାସ କରି ରାଜ୍ୟ ଉପରେ ଆର୍ଥିକ ବୋଝ ଜବରଦସ୍ତି ଲଦି ଦେଇଛନ୍ତି। କେନ୍ଦ୍ରରୁ ଓଡ଼ିଶାକୁ ଅର୍ଥ ପଠାଇବା କଥା ଶ୍ରୀ ଶାହା କହିଲେ ମନେ ହୁଏ, ଯେମିତି ପ୍ରତି ଆକାଉଣ୍ଟକୁ ୧୫ଲକ୍ଷ ଟଙ୍କା ବିଜେପି ପୂର୍ବ ଘୋଷିତ ଭାବରେ ପଠାଇ ସାରିଛି। ବିଜେପି ଶାସିତ ରାଜ୍ୟ, ଯଥା ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଇତ୍ୟାଦିରେ ମହିଳାମାନଙ୍କ ଉପରେ ଅତ୍ୟାଚାର ଓ ଦୁଷ୍କର୍ମ କ୍ରମାଗତ ଭାବରେ ବୃଦ୍ଧି ପାଉଛି।



ୟୁପିରେ ଏକ ବିଜେପି ବିଧାୟକ ଦୁଷ୍କର୍ମ ଅଭିଯୋଗରେ ବର୍ତ୍ତମାନ ସିବିଆଇ ଦ୍ୱାରା ଗିରଫ ହୋଇ ଜେଲ୍‌ରେ ଅଛନ୍ତି। ବିଜେପିର ଅନେକ ନେତା ଓ କର୍ମୀ ଭାରତବର୍ଷ ସାରା ମହିଳାମାନଙ୍କ ପ୍ରତି ଅତ୍ୟାଚାର ଓ ଦୁଷ୍କର୍ମ ପାଇଁ ଦୁର୍ନାମ ଅର୍ଜନ କରିଆସୁଛନ୍ତି। ମହିଳାମାନଙ୍କ ଉପରେ ଅତ୍ୟାଚାର ଏକ ରାଷ୍ଟ୍ରୀୟ ସମସ୍ୟା ଏବଂ ଏହା ଏକ ସମ୍ବେଦନଶୀଳ ବିଷୟ। ମାନବିକ ଦୃଷ୍ଟିକୋଣରୁ ଏହି ପ୍ରକାର ଏକ ସ୍ପର୍ଶକାତର ବିଷୟକୁ ରାଜନୀତିକରଣ କରିବା ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ। ମହିଳାଙ୍କ ପ୍ରତି ହେଉଥିବା ଅପରାଧକୁ ଦୃଢ଼ତାର ସହିତ ଦମନ କରିବା ପାଇଁ ଓଡ଼ିଶାର ରାଜ୍ୟ ସରକାର ସର୍ବଦା ଚେଷ୍ଟିତ ଏବଂ ଏହା ବିରୋଧରେ ଦୃଢ଼ତାର ସହିତ ସମସ୍ତେ ମିଶି ଲଢ଼ିବାର ଆବଶ୍ୟକତା ରହିଛି। ବିଜେପି ଭଳି ବିଜୁ ଜନତା ଦଳ ମହିଳାଙ୍କ ପ୍ରସଂଗକୁ ନେଇ ରାଜନୀତି କରିବା ଉଚିତ୍ ମନେ କରେନାହିଁ। ଆମେ ଆଶା କରିବୁ ଏହି ପ୍ରସଂଗ ଉପରେ ବିଜେପି ରାଜନୀତି କରିବା ବନ୍ଦ କରୁ। ବିଜେପି ଶାସିତ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାରେ ମହିଳାମାନେ ଅଧିକ ସୁରକ୍ଷିତ ଅଛନ୍ତି ଏବଂ ମହିଳାମାନଙ୍କ ସଶକ୍ତିକରଣ ପାଇଁ ରାଜ୍ୟ ସରକାର ମମତା, ମିଶନ ଶକ୍ତି ଏବଂ ଅନେକ ପ୍ରକାର ଯୋଜନା ଦ୍ୱାରା ମହିଳାମାନଙ୍କର ବିକାଶ କରିଆସୁଛନ୍ତି। ଶ୍ରୀ ଅମିତ ଶାହା ଆଜି ଅପରାଧ ବିଷୟରେ ଉଲ୍ଲେଖ କରି ପରୋକ୍ଷରେ ବିଜେପିକୁ ଲୋକଙ୍କର ପ୍ରଶ୍ନ ଘେର ମଧ୍ୟକୁ ଟାଣି ଆଣିଛନ୍ତି। ଅତୀତରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗ୍ୟାଙ୍ଗଷ୍ଟର ଡି-ବ୍ରଦର୍ସକୁ କଟକର ବାଇମୁଣ୍ଡି ଆଖ୍ୟା ଦେଇ ବିଜେପିର ଅପରାଧୀଙ୍କ ପ୍ରତି ଆସକ୍ତିକୁ ସ୍ପଷ୍ଟ ଭାବରେ ଜାହିର କରିଛନ୍ତି। ଛତ୍ରପୁରର ବିଜେଡି କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କ ହତ୍ୟାକାଣ୍ଡରେ ବିଜେପିର ନେତାମାନଙ୍କର ସଂପୃକ୍ତି ଏବଂ ସେହି ନେତାମାନେ କେଉଁ ନେତାଙ୍କର ଛତ୍ରଛାୟାରେ ଉତ୍ତରାଖଣ୍ଡର ଏକ ଗେଷ୍ଟହାଉସ୍‌ରେ ଲୁଚିଥିଲେ, ତାହା ଆଜି ମଧ ଜନସାଧାରଣଙ୍କୁ ଆନ୍ଦୋଳିତ କରୁଛି। ବିଜେପୁର ଉପ-ନିର୍ବାଚନରେ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଭାଇଙ୍କ ଉପରେ ବିଜେପିର ନେତା ଓ କର୍ମୀଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣ ଏବଂ ଏହି ଘଟଣାରେ ବିଜେଡିର କର୍ମୀ ଦିଲେଶ୍ୱର ସାହୁଙ୍କୁ ହତ୍ୟା କରାଯାଇଥିବା ବିଜେପିର ଅପରାଧପ୍ରବଣତାକୁ ଦର୍ଶାଉଛି। ତୈଳମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅହେତୁକ ଅନୁକମ୍ପା ଗ୍ୟାଙ୍ଗଷ୍ଟର ଟିଟୋଙ୍କ ପ୍ରତି ଜଣାପଡିଲା, ଯେତେବେଳେ ଏସ୍‌ଟିଏଫ୍ ଦ୍ୱାରା ଟିଟୋକୁ ଦୁଇଟି ପେଟ୍ରୋଲ ପମ୍ପ ଆବଣ୍ଟନ କରାଯାଇଛି ବୋଲି ମାମଲା ସମ୍ମୁଖକୁ ଆସିଲା। ଏକ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ପାଇଁ ଦୁଇଟି ପେଟ୍ରୋଲ ପମ୍ପ କେନ୍ଦ୍ରମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆବଣ୍ଟନ କରାଯାଇଥିଲା ଏବଂ ଏହାଦ୍ୱାରା ଧର୍ମେନ୍ଦ୍ର ଓ ଟିଟୋଙ୍କ ସଂପର୍କ ସ୍ପଷ୍ଟ ହୋଇଯାଇଛି। ଅମିତ ଶାହାଙ୍କ ଗସ୍ତ ତାଙ୍କର କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବାରେ ସୀମିତ ଏବଂ ଏହାର କୌଣସି ପ୍ରଭାବ ଓଡ଼ିଶାର ଜନସାଧାରଣଙ୍କ ଉପରେ ପଡିବ ନାହିଁ। ୧୮ବର୍ଷ ମଧ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଘଟିବା ସହିତ ମହିଳାମାନଙ୍କ ପାଇଁ ସଶକ୍ତିକରଣ ଓ ପ୍ରଗତିର ଅନେକ ଦ୍ୱାର ଫିଟାଇଛନ୍ତି। ୨୦୧୯ ନିର୍ବାଚନ ଆଉ କିଛିମାସ ଥିଲାବେଳେ ଶ୍ରୀ ଶାହା ତାଙ୍କର ଚିରାଚରିତ ଭାବରେ ରାଜନୈତିକ ଉଦ୍‌ବୋଧନ ଦେଇ ନିଜର ଦଳୀୟ କାର୍ଯ୍ୟ କେବଳ କରିଛନ୍ତି। ଓଡ଼ିଶାର ବିକାଶ ଏବଂ ପ୍ରଗତି ଠାରୁ ବିଜେପି ଅନେକ ଦୂରରେ ଅଛି ଏବଂ ମହାନଦୀ, ପୋଲାଭରମ୍, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ଏମ୍‌ଏସ୍‌ପିର ପ୍ରସଂଗ ଏବଂ କେନ୍ଦ୍ରୀୟ ଅନୁଦାନ କାଟ୍ ଭଳି ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବା ପ୍ରସଂଗଗୁଡିକରେ ନିରବଦ୍ରଷ୍ଟା ପାଲଟିଛନ୍ତି ବୋଲି ଆଜି ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳ ସାଧାରଣ ସଂପାଦକ ଡ. ଅରୁଣ କୁମାର ସାହୁ, ଶ୍ରୀ ସଂଜୟ କୁମାର ଦାସବର୍ମା ଏବଂ ମୁଖପାତ୍ର ଡ. ସସ୍ମିତ ପାତ୍ର କହିଛନ୍ତି।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୧ - ୦୭ ଅକ୍ଟୋବର, ୨୦୧୮

# ଆଇନ ହିଁ ସଠିକ ମାର୍ଗ !

**ସମ୍ପାଦକୀୟ**



ତାରକ ମହାନ୍ତି

**ମ**ଣିଷ ନିଜ ଭିତରେ ନିଜେ ସଂଯତ ହୋଇ ପରିବାରର ସୁରକ୍ଷା ସହିତ ସମାଜର ସୁରକ୍ଷା ଦିଗରେ ଅଗ୍ରସର ହୋଇପାରିଲେ ଆଇନର କାଠଗଡ଼ା ବିଶେଷ କିଛି ପ୍ରଭାବ ପକାଇବ ନାହିଁ। ବାଲ୍ୟ ଚପଳତାରେ ହେଉଥିବା ତ୍ରୁଟି ବୟସକ୍ରମେ ବଢ଼ି ଚାଲିଲେ ଏହା ସମସ୍ତଙ୍କ ପାଇଁ ବିପଦର କାରଣ। ତେଣୁ ପ୍ରତ୍ୟେକଟି କ୍ଷେତ୍ରରେ ମଣିଷକୁ ମାର୍ଜିତ ହୋଇ ଚଳିବା ସହିତ ଜଗତ କଲ୍ୟାଣର ସ୍ୱପ୍ନ ଦେଖିବା ଆବଶ୍ୟକ। ସ୍ୱେଚ୍ଛାଚାରିତା ବୃଦ୍ଧି ପାଇଲେ ସମାଜ ବ୍ୟବସ୍ଥା କଳୁଷିତ ହେବା ସହ ବିକାଶର ଗତିପଥ ପ୍ରତିରୋଧ ହୋଇଥାଏ। ଶିକ୍ଷିତ ବ୍ୟକ୍ତିମାନେ ଯେଉଁ ପନ୍ଥା ଅବଲମ୍ବନ କରନ୍ତି ସେମାନଙ୍କୁ ଆଦର୍ଶ ଭାବେ ମାନୁଥିବା ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତମାନେ ଅନୁସରଣ କରିଥାନ୍ତି। ଉଚ୍ଚଶିକ୍ଷା କେବଳ ବୈଷୟିକ ଦୃଷ୍ଟିକୋଣରୁ ନହୋଇ ତାତ୍ତ୍ୱିକ ଓ ବୌଦ୍ଧିକ ହେବାର ଆବଶ୍ୟକତା ରହିଛି। ଜୀବନ ଦର୍ଶନର ପ୍ରତ୍ୟେକଟି ଅବଲମ୍ବନ ସ୍ୱଚ୍ଛ ଓ ସାଧୁତାର ମାର୍ଗରେ ଗତିକଲେ ମଣିଷ ସଂଯମୀ ହେବା ସହିତ ସମାଜ କଲ୍ୟାଣର ବିଭିନ୍ନ ବାଟରେ ନିଜକୁ ନିୟୋଜିତ କରିପାରେ। ସଂସ୍କାର ଅଭାବ ଓ କୁସଙ୍ଗ ବେଳେବେଳେ ଅବାଟରେ ଚାଲିବାକୁ ମଣିଷକୁ ପ୍ରବର୍ତ୍ତାଇଥିଲେ ବି ଉତ୍ତମ ମଣିଷମାନେ ଏଥିରୁ ନିବୃତ୍ତ ରହି ବ୍ୟକ୍ତିଗତ ସ୍ତରରେ ସୁନାମ ଅର୍ଜନ କରିବା ସହିତ କଳୁଷିତ ସାମ୍ରାଜ୍ୟରୁ ବିଚ୍ୟୁତ ରହିପାରନ୍ତି। ଏହି ବିଚ୍ୟୁତ ହେବାର କୌଶଳ ଏତେ ସହଜ ନୁହେଁ। ବିଚକ୍ଷଣ ବୁଦ୍ଧି, ଧିଶକ୍ତିର ତୀକ୍ଷ୍ଣତା ଓ ବସ୍ତୁବାଦର ମୋହରୁ ଦୂରେଇ ରହିପାରିଲେ ହୁଏତ ଏହା ସମ୍ଭବ। କିନ୍ତୁ ସମସ୍ତେ ଏହି ଦିଗଟି ପ୍ରତି ବିଶେଷ ଆକୃଷ୍ଟ ହୁଅନ୍ତି ନାହିଁ। ଆକୃଷ୍ଟ ନହେବାର କାରଣ ମଧ୍ୟରେ ଅତ୍ୟଧିକ ଲୋକ, ସ୍ୱାର୍ଥପରତା ଓ ପ୍ରତିଷ୍ଠିତ ହେବାର ସ୍ୱପ୍ନ ମଣିଷକୁ ବିପଥଗାମୀ କରାଏ। ଏଥିରୁ ମୁକୁଳି ପୁଣିଥରେ ଶୃଙ୍ଖଳାର ମୁଖ୍ୟ ସ୍ରୋତରେ ସାମିଲ ହେବା ଆଦୌ ସହଜ କଥା ନୁହେଁ। ଏ କ୍ଷେତ୍ରରେ ଉତ୍ତମ ଦିଗ୍‌ଦର୍ଶକଙ୍କ ଆବିର୍ଭାବ, ସହଯୋଗ ଓ ସଚେତନତା ପରିବର୍ତ୍ତନର ମାର୍ଗ ଦେଖାଇବାର ଆବଶ୍ୟକତା ଥିଲେ ବି ସେଭଳି କିଛି ନହେବା ଦ୍ୱାରା ସମାଜ ବ୍ୟବସ୍ଥା ପଙ୍କିଳ ଓ ଜଟିଳ ହୋଇପଡେ। ଅତି ସାଧାରଣ ଘଟଣା ବେଳେବେଳେ ଅତିରଞ୍ଜିତ ଓ ପ୍ରଭାବଶାଳୀ ହେବା ଫଳରେ ଏହା ତୁଟି ପାରେନାହିଁ। ଯେଉଁଥିପାଇଁ ଆଇନ ଅଦାଲତର ଆବଶ୍ୟକତା ପଡେ। ଭାତୃତ୍ୱ ଓ ସହନଶୀଳତାର ଅଭାବ ଯୋଗୁଁ ଆମେ କେଉଁଠି ନା କେଉଁଠି ଅସୁବିଧାରେ ପଡିଥାଉ। ହେଲେ କେଉଁ କାରଣ ଯୋଗୁଁ ଏହା ଉପୁଜିଲା ବା ସଂଗଠିତ ହେଲା ସେ ଦିଗ ପ୍ରତି ମନ ନ ଦେଇ ଅହଂକାର ବଶତଃ ଆମେ କିଭଳି ଅନ୍ୟଠୁ ଭିନ୍ନ ବା ବଡ ଦେଖେଇ ହେବାକୁ ଅସାଧୁ ମାର୍ଗରେ ପରିଚାଳିତ ହେବାକୁ ଉଚିତ୍ ମନେକରୁଛୁ। ଏହା ସର୍ବାଦୌ ଠିକ୍ ନୁହେଁ। କାରଣ ପ୍ରକୃତି ନିକଟରେ ମଣିଷ ଯେଉଁ ଶ୍ରେଷ୍ଠ ପ୍ରାଣୀର ଆଖ୍ୟା ପାଇଛି ତାଙ୍କ କ୍ଷେତ୍ରରେ ଏଭଳି ଘଟିବା କେଉଁ ଦୃଷ୍ଟିକୋଣରୁ ସମୀଚିନ। ଅନ୍ୟକୁ ଭଲ ବାଟରେ ନେଇ ନିଜେ ଭଲରେ ରହିବା ହେଉଛି ଆମର ସଂସ୍କାର। ଆମ ଚଳଣିରେ ବିଭେଦତା ବଦଳରେ ଏକତା ହେଉଛି ମୂଳ ଆଧାର। ଏହି ଆଧାର ନିକଟରୁ ଆମେ ଦୂରେଇ ଗଲେ ନିଜର ପରିଚୟ ଓ ଗୌରବ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଆଶା ଆଶଙ୍କାର ଫାଙ୍କ ଭିତରେ ଜୀବନ ଧନ୍ଦି ହେବା ଓ ଛନ୍ଦି ହେବା ଦ୍ୱାରା ଶ୍ରେଷ୍ଠ ପ୍ରାଣୀର ଆଖ୍ୟା ପାଇଥିବା ମଣିଷ ପଶୁତୁଲ୍ୟ ବିବେଚିତ ହୁଅନ୍ତି। କାରଣ ନିଜର ସୁଗୁଣ ବିକଶିତ ହେଲେ ଯେଉଁ ମର୍ଯ୍ୟାଦା ବା ପ୍ରଶଂସା ମିଳେ ତାହା ଜୀବନରେ ନିରସତା ବଦଳରେ ସରସତା ଭରିଦେଇଥାଏ। ଦୁଃଖ କଷ୍ଟ ଜୀବନ ଯନ୍ତ୍ରଣାର ଗୋଟିଏ ଗୋଟିଏ ବସ୍ତୁନିଷ୍ଠ ମଣିଷମାନେ ବାହ୍ୟ ଆଡମ୍ବର ପ୍ରତି ଯେତିକି ଆକୃଷ୍ଟ ହୁଅନ୍ତି ଆତ୍ମଶୁଦ୍ଧତା ପ୍ରତି ସେତିକି ଆଗ୍ରହ ପ୍ରକାଶ ନ କରିବା ଦ୍ୱାରା ଶରୀର, ମନ ଓ ଭାବନା ବିକୃତ ଚିନ୍ତାରେ ଭରିଯାଏ। ଏହି ବିକୃତ ଚିନ୍ତାଧାରା ମଣିଷକୁ କୁମାର୍ଗରେ ନେଇଯିବା ସହିତ ଆଧ୍ୟାତ୍ମିକ ଦିଗରୁ ଦୂରେଇ ରଖେ। ଆଧ୍ୟାତ୍ମିକତାହୀନ ମଣିଷ କାହାର ମଙ୍ଗଳ ଚିନ୍ତା କରିବା ଅପେକ୍ଷା ନିଜେ କିଭଳି ଭଲରେ ରହିବ ଓ ନିଜର ଏକ ସ୍ୱତନ୍ତ୍ର ସାମ୍ରାଜ୍ୟ ସୃଷ୍ଟି କରିବ ସେଥିପାଇଁ ଯେତିକି ମନୋନିବେଶ କରେ ସମାଜ କଲ୍ୟାଣ ପାଇଁ ସାମାନ୍ୟତମ ପ୍ରଚେଷ୍ଟା ମଧ୍ୟ କରେନାହିଁ। ଯେଉଁଥିପାଇଁ ପରିବାର ପରିବାର ମଧ୍ୟରେ ଘର ଘର ମଧ୍ୟରେ ବିଭେଦର ପାଚେରୀ ଏଭଳି ଭାବେ ଠିଆ ହୁଏ ଯାହାକୁ ଅତିକ୍ରମ କରିବା ସମ୍ଭବପର ହୁଏନାହିଁ। ତେଣୁ ମଣିଷ ମଣିଷ କ୍ଷେତ୍ରରେ ଯେଉଁ ଶତ୍ରୁତା ଉପୁଜେ ତା'ର କୁପରିଣାମ ଉଭୟଙ୍କୁ ଭୋଗ କରିବାକୁ ପଡୁଥିଲେ ବି ସ୍ୱଚ୍ଛଳ ବ୍ୟକ୍ତିଟି ଯେତିକି ସକ୍ଷମ ହୁଏ ନିରାଶ୍ରୟଟି ସେହି ଅନୁପାତରେ ଦୁଃଖ ଭୋଗକରେ। ଏହା କେବଳ ବ୍ୟକ୍ତି ବା ପରିବାରର କଥା ନୁହେଁ। ରାଜନୀତି, ଆଧ୍ୟାତ୍ମିକ କ୍ଷେତ୍ର ଏବଂ ସାମାଜିକ ଚଳଣିରେ ଏହାର ଅନୁଭବ ହୋଇଥାଏ। ଯେଉଁଥିପାଇଁ ନ୍ୟାୟିକ ବ୍ୟବସ୍ଥା ହସ୍ତକ୍ଷେପ କଲାପରେ ପରିବର୍ତ୍ତନ ଓ ସଂସ୍କାର ଆପେ ଆପେ ଆସିଥାଏ। ତେବେ ପ୍ରଶ୍ନଉଠେ ମଣିଷ ମାର୍ଜିତ ବା ସଂସ୍କାରିତ ହେବା ପାଇଁ ଆଇନ କ'ଣ ଏକମାତ୍ର ବାଟ ?

ଧାର୍ମିକ ପୀଠ ମାନଙ୍କରେ ଭକ୍ତମାନଙ୍କ ପ୍ରତି ଅଶୋଭନୀୟ ଆଚରଣ ଆଦୌ ଗ୍ରହଣୀୟ ହୋଇନଥିଲା ବେଳେ କେତେକ ସ୍ଥାନରେ ଏହା ବିବାଦ ଠିଆ କରିଛି। ଯାହା ଘଟିଛି ଶ୍ରୀମନ୍ଦିର କ୍ଷେତ୍ରରେ। ଭକ୍ତଙ୍କୁ ଦୁର୍ବ୍ୟବହାର ହେଉ କିମ୍ବା ନୀତିକାନ୍ତିରେ ବିଭ୍ରାଟ ହେଉ ଯେଉଁଥିପାଇଁ ସମଗ୍ର ଭକ୍ତ ସମାଜରେ ଅସନ୍ତୋଷ ଦେଖାଦେଇଥିଲା। ଶେଷରେ ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ଯିବା ପରେ ଶ୍ରୀମନ୍ଦିର ପରିଚାଳନା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଲେ। ଯେଉଁଥିରେ ସେବାୟତମାନଙ୍କ ପାଇଁ ନୂଆ ନୀତି ନିୟମ ଓ କଟକଣା ରହିବା ସହିତ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଧାଡି ଦର୍ଶନର ବ୍ୟବସ୍ଥା କରାଯାଉଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଅନୁପାଳନ କରିବା ପାଇଁ ଆରମ୍ଭରୁ କିଛି ସେବାୟତ ବିରୋଧ କରୁଥିଲେ ବି ଆମିକସ୍‌କ୍ୟୁରୀଙ୍କ ସହ ବୈଠକରେ ଆଲୋଚନା ହେବା ପରେ ଏନେଇ ସହମତି ପ୍ରକାଶ ପାଇଥିଲା। ଯେଉଁଥିରେ ସେବାୟତମାନେ ଭକ୍ତମାନଙ୍କ ଠାରୁ ଆଉ ମନଇଚ୍ଛା ଦାନଦକ୍ଷିଣା ନେଇପାରିବେ ନାହିଁ ବୋଲି ସ୍ପଷ୍ଟ ରୋକ୍ ଲାଗିଲା। ଯେଉଁ ଭକ୍ତମାନେ ଶ୍ରୀଜୀଉଙ୍କ ନିମନ୍ତେ ଦାନଦକ୍ଷିଣା ଦେବେ ତାହା ହୁଣ୍ଡି ମାଧ୍ୟମରେ ପ୍ରଦାନ କରିବେ ଓ ଏହା ଶ୍ରୀମନ୍ଦିର ପରିଚାଳନା ଖାତାକୁ ଯିବ। ଏଣିକି ଶ୍ରୀଜୀଉଙ୍କ ସେବାପୂଜା ଶୃଙ୍ଖଳିତ ହେବା ସହିତ ସେବକଙ୍କ ଆଚରଣରେ ପରିବର୍ତ୍ତନ ହେବ ବୋଲି ଆଶା କରାଯାଇଛି। ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ସହିତ ଆନନ୍ଦ ବଜାରରେ ପ୍ରସାଦ ପାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଶହ ଶହ ବର୍ଷ ଧରି ସେବାସ୍ୱତ୍ୱ ଉଚ୍ଛେଦ କରାଯାଇ ଆବଶ୍ୟକ ଅନୁଯାୟୀ ସେବାୟତଙ୍କୁ ଶ୍ରୀଜୀଉଙ୍କ ସେବାପୂଜାରେ ନିୟୋଜିତ କରିବା ପାଇଁ ମଧ୍ୟ ସଂସ୍କାର ଅଣାଯିବାର ବ୍ୟବସ୍ଥା ହେଉଛି। ଦୀର୍ଘବର୍ଷ ଧରି ବିଶୃଙ୍ଖଳିତ ସେବାୟତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନହେବା ଦ୍ୱାରା ଏହି ସମସ୍ୟା ଦେଖା ଦେଇଥିଲା। ତେବେ ଆଧ୍ୟାତ୍ମିକ କ୍ଷେତ୍ରରେ ସାଧାରଣ ଲୋକେ ବା ଭକ୍ତ ଅସୁବିଧାର ସମ୍ମୁଖୀନ ହେବା କେତେଦୂର ଯୁକ୍ତିସଙ୍ଗତ ! ତେଣୁ ଯେଉଁମାନେ ଆମକୁ ଉତ୍ତମ ମାର୍ଗରେ ନେବାକଥା ସେମାନେ ଯେତେବେଳେ ପଥଭ୍ରଷ୍ଟ ହେବେ ସେତେବେଳେ ଆଇନ ହିଁ ସଠିକ ମାର୍ଗ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଭାରତୀୟ ସଂସ୍କୃତିର ପରିପନ୍ଥୀ : ସୁନ୍ଦରୀ ପ୍ରତିଯୋଗିତା



ଅମିନୀଲୁ ରାୟ

**ପ୍ର**କୃତି ରାଜ୍ୟରେ ନାରୀ ପ୍ରତି ପୁରୁଷର ଦୁର୍ବଳତା ଏକାନ୍ତ ଆଦିମ ତଥା ପୁରାତନ । ନାରୀ ହେଉଛି ବନ୍ଦନୀୟା ଓ ମହନୀୟା । ସାମାଜିକ ଜୀବନରେ ସେ ପୁରୁଷର କେବଳ ନର୍ମ ସହଚରୀ ନୁହେଁ, କର୍ମ ସହଚରୀ ମଧ୍ୟ । କିନ୍ତୁ ଆଧୁନିକ ସଭ୍ୟତାରେ ବିଶେଷ କରି ଭୋଗବାଦୀ ଜୀବନଧାରାରେ ନାରୀ ପୁରୁଷର ସେହି ପବିତ୍ର ସମ୍ପର୍କ କ୍ଷୁର୍ଣ୍ଣ ହୋଇଛି । ନାରୀ ତାର ସକଳ ବିଦ୍‌ବତା ଓ ମୌଳିକ ସତା ସତ୍ତ୍ୱେ ପୁରୁଷ ହାତରେ ଅଧିକ ପରିମାଣରେ ପାଲଟି ଯାଉଛି କ୍ରୀଡନକ ଓ ସେ ହୋଇଯାଇଛି ଏକ ପଣ୍ୟ ବସ୍ତୁ । ନାରୀର ଅଙ୍ଗ ଶୋଭାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରି ଅର୍ଥ ଉପାର୍ଜନ କରାଯାଉଛି । ତାହା ହିଁ ହେଉଛି ସୁନ୍ଦରୀ ପ୍ରତିଯୋଗିତାର ପ୍ରଚ୍ଛନ୍ନ ପୃଷ୍ଠପଟ । ବ୍ୟବସାୟିକ ବିଜ୍ଞାପନ, ଚଳଚ୍ଚିତ୍ର ଓ ଦୂରଦର୍ଶନ ପର୍ଦ୍ଦାରେ ନାରୀକୁ ଯେଭଳି ଭାବେ ପ୍ରଦର୍ଶନ କରାଯାଉଛି, ତାହା ଏହି ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଦେଇଛି । ସମ୍ପ୍ରତି ଉକ୍ତ ଚିନ୍ତାଧାରା ଆଧୁନିକ ଯୁଗର ସୁନ୍ଦରୀ ଯୁବତୀମାନଙ୍କର ମନସ୍ତାତ୍ତ୍ୱିକତାକୁ ଏଭଳି ଗ୍ରାସ କଲାଣି ଯେ ସେମାନେ ମଡେଲିଂକୁ ଏକ ବୃତି ଭାବରେ ଗ୍ରହଣ କରିନେଇ ସେ ଉପାୟରେ ଅର୍ଥ ଉପାର୍ଜନ କରିବାକୁ ଆରମ୍ଭ କଲେଣି । ଫେସନ୍ ଓ ଆଧୁନିକତା ହେଉଛି ସେମାନଙ୍କର ସ୍ଲୋଗାନ୍ । ଏହି କାରଣରୁ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେବାକୁ ସେମାନେ ନିର୍ଭିକ ଓ ନିର୍ବିକାର ଭାବେ ଆଗେଇ ଆସୁଛନ୍ତି । ଉକ୍ତ ପ୍ରତିଯୋଗିତାକୁ ଦୃଷ୍ଟି ଆଗରେ ରଖି ୧୯୫୨ ମସିହାରେ ଲଣ୍ଡନର ଏରିକ୍ ମୋର୍ଲେ ନାମକ ଜଣେ ସଫଳ ବ୍ୟବସାୟୀ ପ୍ରଥମ କରି ଏଇଭଳି ଏକ ପ୍ରତିଯୋଗିତାର ପରିକଳ୍ପନା କରିଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ପୃଥିବୀର ବିଭିନ୍ନ ଦେଶରୁ ସୁନ୍ଦରୀ, ବୁଦ୍ଧିମତୀ ତଥା ସୁନ୍ଦର ବେଶ ପୋଷାକରେ ସଜ୍ଜିତା ଯୁବତୀମାନଙ୍କୁ ଏକତ୍ର କରି ସେମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା କରିବା । କାର୍ଯ୍ୟତଃ ୧୯୫୨ ମସିହାରେ କାର୍ଲିଫର୍ଣ୍ଣିଆର ଲଙ୍ଗ୍ ବିଚ୍‌ଠାରେ ପ୍ରଥମ କରି ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଆର୍ମି କୁଶେଲା ନାମରେ ଫିନ୍‌ଲ୍ୟାଣ୍ଡର ଜଣେ ଯୁବତୀ ବିଶ୍ୱ ସୁନ୍ଦରୀ ଭାବରେ ସମ୍ମାନିତା ହୋଇଥିଲେ । ୧୯୮୮ ମସିହା ପର୍ଯ୍ୟନ୍ତ ମୋର୍ଲେଙ୍କ ପୃଷ୍ଠପୋଷକତାରେ ଦୀର୍ଘ ୩୬ ବର୍ଷ ଧରି ଏହା ଲଣ୍ଡନରେ ଅନୁଷ୍ଠିତ ହେବା ପରେ ୧୯୮୯ ବେଳକୁ ଉକ୍ତ ପ୍ରତିଯୋଗିତା ହଂକଂରେ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏବେ ଏହା ଆଉ କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ରର ସୀମା ମଧ୍ୟରେ ଆବଦ୍ଧ ନ ରହି ପ୍ରତିବର୍ଷ ପୃଥିବୀର ବିଭିନ୍ନ ଦେଶରେ ଓ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଅଛି । ସୁନ୍ଦରୀ ପ୍ରତିଯୋଗିତା ମାଧ୍ୟମରେ ମୋର୍ଲେ ନିଜ ବ୍ୟବସାୟର ପ୍ରଚାର ଓ ପ୍ରସାର କରି ଏଥିରେ ଆଶାତୀତ ସାଫଲ୍ୟ ଅର୍ଜନ କରିପାରିଥିଲେ । ୧୯୭୯ ବେଳକୁ ସେ ଅନୁଷ୍ଠାନର ସଭାପତି ପଦରୁ ଅବସର ନେଲାବେଳକୁ ତାଙ୍କ ଅନୁଷ୍ଠାନର କର୍ମଚାରୀ ସଂଖ୍ୟା ୧୫ ହଜାରକୁ ବୃଦ୍ଧି ପାଇଥିଲା ଓ ସେ ବାର୍ଷିକ ହାରାହାରି ୩ କୋଟି ପାଉଣ୍ଡ ଅର୍ଥ ଆୟ କରୁଥିଲେ । ଅଧୁନା ପୃଥିବୀର ବହୁ ବଡ ବଡ ବ୍ୟବସାୟୀ ଅନୁଷ୍ଠାନ ସୁନ୍ଦରୀ ପ୍ରତିଯୋଗିତାର ପୃଷ୍ଠପୋଷକତା କରି ଅଥବା ସୁନ୍ଦରୀମାନଙ୍କୁ ବ୍ୟବହାର କରି ବେଶ୍ ଲାଭବାନ ହେଉଛନ୍ତି ।

ଗତ ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧକାଳ ଧରି ସୁନ୍ଦରୀ ପ୍ରତିଯୋଗିତା ନାମରେ ପ୍ରତି ବର୍ଷ ଯେଉଁ ବିଶ୍ୱବ୍ୟାପୀ ଆୟୋଜନ ଚାଲିଛି ଏବଂ ବିଭିନ୍ନ ମହଲରୁ ଏଥିପ୍ରତି ଯେଭଳି ସାଗ୍ରହ ସହଯୋଗ ମିଳୁଛି, ତାହାର ଏକ ଗଠନମୂଳକ ଦିଗ ଅଛି ବୋଲି ସ୍ୱୀକାର କରିବାକୁ ହେବ । ପୂର୍ବେ ପୁରୁଷ ପ୍ରଧାନ ସମାଜରେ ବହୁ ଦିନ ଧରି ନାରୀ ଥିଲା ଗୃହ କୋଣ ବନ୍ଦିନୀ ଅସ୍ୱର୍ଯ୍ୟଂପଶ୍ୟା । କ୍ରମେ ଗଣତାନ୍ତ୍ରିକ ଚିନ୍ତାଧାରାର ବିକାଶ ତଥା ଆଧୁନିକତାର ପ୍ରଚାର ଓ ପ୍ରସାର ଫଳରେ ନାରୀମାନେ ଏବେ ବନ୍ଧନ ମୁକ୍ତିର ସଙ୍ଗୀତ ଗାନ କରି ରାଜପଥକୁ ଓହ୍ଲାଇ ଆସିଛନ୍ତି । ସେମାନେ ରକ୍ଷଣଶୀଳତାରେ ବାନ୍ଧି ନ ହୋଇ ପୁରୁଷ ସହିତ ସମ ତାଳରେ ଗତି କରିବାକୁ ଆଗଭର ହେଲେଣି । ସେହି କାରଣରୁ ସୁନ୍ଦରୀ ପ୍ରତିଯୋଗିତା ଭଳି ଅନୁଷ୍ଠାନମାନଙ୍କରେ ସାମିଲ୍ ହେବା ଦିଗରେ ସେମାନେ ନିଃଶଙ୍କ ଏବଂ ନିର୍ବିକାର । ତାହାକୁ ସେମାନେ ନାରୀ ଜାଗରଣର ଏକ ଅଙ୍ଗ ବୋଲି ବିଚାର କରୁଛନ୍ତି । ବିଜୟିନୀ ମହିଳାମାନେ ଅର୍ଥ, ଆଦର ଓ ସୁଖ୍ୟାତି ଦୃଷ୍ଟିରୁ ବେଶ୍ ସୁଖରେ ଜୀବନଯାପନ କରୁଛନ୍ତି । ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ଗତ କେତେ ବର୍ଷ ମଧ୍ୟରେ ଭାରତ ଏକ ବିଶେଷ ସ୍ଥାନ ଅଧିକାର କରିଛି । ଏହା ପଛରେ ଯାହା କିଛି ପ୍ରଚ୍ଛନ୍ନ କାରଣ ନିହିତ ଥାଉନା କାହିଁକି ଏହା ଭାରତ ପାଇଁ ଏକ ଗୌରବ ବୋଲି ବିଚାର କରାଯାଏ । ପ୍ରଥମେ ୧୯୬୬ ମସିହାରେ ରୀତା ଫରିଆ ନାମ୍ନୀ ମୁମ୍ବାଇ ମେଡିକାଲ୍ କଲେଜର ଜଣେ ଛାତ୍ରୀ ଭାରତରୁ ପ୍ରଥମ କରି ବିଶ୍ୱ ସୁନ୍ଦରୀ ଉପାଧି ପାଇବା ପରେ ଏ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା । ଏହା ପରେ କ୍ରମେ ଅଧିକରୁ ଅଧିକ ଯୁବତୀ ଏଥି ପ୍ରତି ଆଗ୍ରହୀ ହୋଇ ପ୍ରତିଯୋଗିତାରେ ଭାଗ ନେବାକୁ ଅଗ୍ରସର ହୋଇଥିଲେ । ରୀତାଙ୍କ ପରେ ବିଂଶ ଶତାବ୍ଦୀର ଶେଷ ଦଶକରେ ଐଶ୍ୱର୍ଯ୍ୟା ରାୟ, ସୁସ୍ମିତା ସେନ୍, ଲାରା ଦତ, ଯୁକ୍ତା ମୁଖୀ ଏବଂ ଶତାବ୍ଦୀର ଶେଷ ବେଳକୁ ବିଶେଷ କରି ୨୦୦୦ ମସିହାରେ ପ୍ରିୟଙ୍କା ଚୋପ୍ରା ଏହି ଗୌରବର ଅଧିକାରିଣୀ ହୋଇଛନ୍ତି । ଏବେ ପ୍ରତି ବର୍ଷ ବିଭିନ୍ନ ସ୍ଥାନରେ ଭାରତ ସୁନ୍ଦରୀ ପ୍ରତିଯୋଗିତାର ଆୟୋଜନ କରାଯାଇ ବହୁ ଆଶାୟୀ ଯୁବତୀମାନଙ୍କୁ ଏକତ୍ର କରାଯାଉଛି । ଏହା ଏବେ କ୍ଷୁଦ୍ର କ୍ଷୁଦ୍ର ସହର, ଏପରିକି ଗ୍ରାମାଂଚଳକୁ ମଧ୍ୟ ବ୍ୟାପିବାକୁ ଲାଗିଲାଣି । ସମ୍ପ୍ରତି ସୁନ୍ଦରୀ ପ୍ରତିଯୋଗିତା ସପକ୍ଷରେ ଯେତେ ଯୁକ୍ତି ଉପସ୍ଥାପନା କରାଯାଉନା କାହିଁକି, ଏହା ହେଉଛି ଭାରତୀୟ ସଂସ୍କୃତିର ପରିପନ୍ଥୀ । ନାରୀ ସ୍ୱାଧୀନତା ନାମରେ ପରୋକ୍ଷ ଭାବେ ଏହା ଦ୍ୱାରା ନାରୀର ଅମର୍ଯ୍ୟାଦା କରାଯାଉଛି । ନଗ୍ନତା ଯେ ଅଶ୍ଳୀଳତା, ଏହା ଅସ୍ୱୀକାର କରିହେବ ନାହିଁ । ନାରୀ ନିଜର ନଗ୍ନ ଅଂଶକୁ ସର୍ବସାଧାରଣରେ ପ୍ରଦର୍ଶନ କରି ଅର୍ଥ ଉପାର୍ଜନ କରିବା ବା ସେଥିପାଇଁ ପୁରସ୍କୃତ ହେବା ଏକ ଅଶୋଭନୀୟ ବ୍ୟାପାର । ପ୍ରବୃତି ଉପରେ ନିବୃତିର ବିଜୟ ହିଁ ହେଉଛି ସଭ୍ୟ ମାନବର ଲକ୍ଷଣ, ଅଥଚ ଦିନକୁ ଦିନ ମନୁଷ୍ୟ ଅଧିକରୁ ଅଧିକ ପ୍ରବୃତିର ଅଧୀନ ହୋଇପଡୁଛି । ସେଥିପାଇଁ ସାମାଜିକ ଜୀବନରେ ବହୁ ବିଶୃଙ୍ଖଳା ଓ ଭ୍ରଷ୍ଟତା ସୃଷ୍ଟି ହୋଇଛି । ସେହି ଭ୍ରଷ୍ଟାଚାରର ଏକ ନିଖୁଣ ରୂପ ହେଉଛି ସୁନ୍ଦରୀ ପ୍ରତିଯୋଗିତା ।

ଉକ୍ତ ପ୍ରତିଯୋଗିତା ଏକ ଭୋଗବାଦୀ ସହଜିଆ ଜୀବନଧାରାର ପରିଚାୟକ । ଯୁବକ ଯୁବତୀମାନେ ଏହା ଦ୍ୱାରା ଉଦଭ୍ରାନ୍ତ ହେଉଛନ୍ତି । ସାମାଜିକ ରୁଚି, ଶାଳୀନତା ଓ ଶ୍ଳୀଳତାକୁ ଲଙ୍ଘନ କରି ସେମାନେ ଯେଉଁ ପରମ୍ପରା ସୃଷ୍ଟି କରୁଛନ୍ତି, ତାହା ସାମାଜିକ ଜୀବନର ଶିଷ୍ଟତା ନିମନ୍ତେ ଶୁଭଙ୍କର ନୁହେଁ । ନାରୀ ଦେହର ସୁଗଠିତ ସୁଷମା ଓ ନଗ୍ନ ଅଙ୍ଗର ସୌନ୍ଦର୍ଯ୍ୟକୁ ପିତା-ପୁତ୍ର, ମାତା-କନ୍ୟା ତଥା ବୟସ ନିର୍ବିଶେଷରେ ଆବାଳବୃଦ୍ଧବନିତା ଏକତ୍ର ବସି ଉପଭୋଗ କରିବା ଏବଂ ତାହାର ପ୍ରଶଂସା କରିବା କେବେ ଏକ ରୁଚିପୂର୍ଣ୍ଣ କାର୍ଯ୍ୟ ନୁହେଁ । ତରଳ ବୟସର କିଶୋର କିଶୋରୀ ଏବଂ ଯୁବକ ଯୁବତୀମାନଙ୍କ ଉପରେ ଏହାର ମନ୍ଦ ପ୍ରଭାବ ପଡୁଛି । ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ ରୂପ ଓ ସୌନ୍ଦର୍ଯ୍ୟରେ ଊଣା ଥିବା କନ୍ୟାମାନେ ନିଜ ମନ ମଧ୍ୟରେ ନ୍ୟୁନତା ଅନୁଭବ କରୁଛନ୍ତି । ଦରିଦ୍ର ଓ ମଧ୍ୟବିତ ପରିବାରର କନ୍ୟାମାନେ ପ୍ରତାରିତା ହେଉଛନ୍ତି । ସୁନ୍ଦରୀ ପ୍ରତିଯୋଗିତାରେ ବିଜୟିନୀ ମହିଳା ଯେ ସେହି ଦେଶର ଗୌରବ ବର୍ଦ୍ଧନ କରିଥାନ୍ତି, ତାହା ସମର୍ଥନ ଯୋଗ୍ୟ ନୁହେଁ । କାରଣ ପରବର୍ତ୍ତୀ କାଳରେ ସେମାନେ ସିନେମାରେ ନାୟିକା ସାଜନ୍ତି । ସ୍ନୋ, ପାଉଡର ଓ ସାବୁନ ଭଳି ପଣ୍ୟ ସାମଗ୍ରୀର ବିଜ୍ଞାପନରେ ମଡେଲ୍ ହୁଅନ୍ତି । ସେମାନଙ୍କର ଶୋଭନୀୟ ଚିତ୍ରପଟ ସର୍ବସାଧାରଣଙ୍କର ସମ୍ପତି ରୂପେ ପରିଗଣିତ ହୁଏ । ବିଶେଷ କରି ପ୍ରସାଧନ ସାମଗ୍ରୀର ନିର୍ମାତାମାନେ ସେହି ସୁନ୍ଦରୀମାନଙ୍କର ଫଟୋ ଏବଂ ଶସ୍ତା ବାର୍ତ୍ତାକୁ ବ୍ୟବହାର କରି ଗ୍ରାହକମାନଙ୍କୁ ଆକୃଷ୍ଟ କରନ୍ତି । ଏସବୁ ଦୃଷ୍ଟିରୁ ବିଚାର କଲେ ସୁନ୍ଦରୀ ପ୍ରତିଯୋଗିତା ହେଉଛି ଅପସଂସ୍କୃତିର ଏକ ବଳିଷ୍ଠ ଆବାହକ ଓ ସାଂସ୍କୃତିକ ଅବକ୍ଷୟର ଏକ ନଗ୍ନ ନମୁନା । ଅଧୁନା ବିଶ୍ୱରେ ନାରୀ ସ୍ୱାଧୀନତା ତଥା ନାରୀର ଅଧିକାର ନିମନ୍ତେ ଆନ୍ଦୋଳନ ଚାଲିଥିଲାବେଳେ ବୁଦ୍ଧିଜୀବୀ ଓ ମହିଳା ସଂଗଠନମାନେ ସୁନ୍ଦରୀ ପ୍ରତିଯୋଗିତା ଭଳି ଏକ ନିନ୍ଦନୀୟ କାର୍ଯ୍ୟକ୍ରମକୁ ଦୃଢ ଭାବେ ବିରୋଧ କରିବା ସହିତ ନାରୀର ମର୍ଯ୍ୟାଦା ତଥା ସାମାଜିକ ଶାଳୀନତା ରକ୍ଷା ନିମନ୍ତେ ଏ ଦିଗରେ ବିହିତ ପଦକ୍ଷେପ ନେବା ଉଚିତ ହେବ ।

*ଜଗତ୍‌ସିଂହପୁର*
*ମୋ : ୯୯୩୭୪୧୨୫୧୫*

# ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନରେ ସର୍ବଦଳୀୟ ଐକ୍ୟବଦ୍ଧତା



ନାରାୟଣ ଚନ୍ଦ୍ର ବିଶ୍ୱାଳ

**ଓ**ଡ଼ିଶାର କଳା, ସଂସ୍କୃତି ମହାପ୍ରଭୁ ଶ୍ରୀଜଗନ୍ନାଥ, ଓଡ଼ିଶା ଗଠନ, ଓଡ଼ିଶାର ସମ୍ମାନସ୍ପଦ ଲୋକପ୍ରତିନିଧି ଓ ଗଣତନ୍ତ୍ରର ଶକ୍ତିଶାଳୀ ଚତୁର୍ଥସ୍ତମ୍ଭର ପ୍ରତିନିଧି ମାନଙ୍କୁ ଜନୈକ ତଥାକଥିତ ଅଣ ଓଡ଼ିଆ ସାମ୍ବାଦିକ ଯେଉଁ ଭାଷାରେ ଆଉ ଯେଉଁ ଔଦ୍ଧତ୍ୟରେ ଅପମାନ କରିଥିଲେ ତାର ଭଲ ରକମର ଆଘାତ ସେ ତ ନିଶ୍ଚୟ ପାଇସାରିଛନ୍ତି ତେବେ ଏହିପରି ଏକ ଅଭାବନୀୟ ଘଟଣାକ୍ରମ ପ୍ରତିଟି ଓଡ଼ିଆଙ୍କ ଭିତରେ ଏକ ନୂଆ ଭାବ, ନୂଆ ସଙ୍କେତ ସୃଷ୍ଟି କରିଛି। ବିଧାନସଭାର ସ୍ୱାଧିକାର ଭଙ୍ଗ କରିଥିବା ଏହି ଅଶୋଭନୀୟ ଚରିତ୍ରର ବ୍ୟକ୍ତିଟି ପ୍ରତି ସବୁଦଳ ଐକ୍ୟବଦ୍ଧ ହୋଇ ଯେଉଁପରି ଏକ ବିଲ୍ ପାରିତ କରିବା ସହ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବାର୍ତ୍ତା ଦେଲେ ତାହା ପ୍ରତିଟି ଓଡ଼ିଆଙ୍କୁ ଆନନ୍ଦିତ କରିଛି। ଏହା ଅତ୍ୟନ୍ତ ଖୁସିର କଥା, ଆମେ ଏଠି ପ୍ରମାଣ ରଖି ପାରିଲେ ଯେ ଦଳ, ମତ, ଲିଙ୍ଗ, ବର୍ଣ୍ଣ, ରାଜନୈତିକ ବିଚାର ଧାରାର ଉର୍ଦ୍ଧ୍ୱରେ ଆମେ ଜଣେ ଯଥାର୍ଥ ଓଡ଼ିଆ। ଓଡ଼ିଶାର ସମ୍ମାନ, ବ୍ୟବସ୍ଥାପକ ସଭାର ଗରିମା ଓ ସ୍ୱାଭିମାନ ଜଡ଼ିତ ହେଉଥିବା ପ୍ରସଙ୍ଗରେ ସବୁଦଳ ସଂକୀର୍ଣ୍ଣ ଦଳୀୟ ଦୃଷ୍ଟିକୋଣରୁ ବାଦ ବିବାଦ, ଆକ୍ଷେପ ପ୍ରତିଆକ୍ଷେପକୁ ପଛରେ ପକାଇ ବିରଳ ଏକତା ଭାବ ପ୍ରକାଶ କରିଛନ୍ତି। ଏହି ଆତ୍ମଘୋଷିତ ବିଶେଷଜ୍ଞ ଓ ତଥାକଥିତ ଗବେଷକର ଢ଼ୋଲ ପିଟୁଥିବା ଅଭିଜିତ୍ ମିତ୍ର ଯେଉଁପରି ଭାବରେ ଅବାନ୍ତର ଓ ଅଶାଳୀନ ମନ୍ତବ୍ୟ କ୍ରମାଗତ ଭାବେ ଦେଇଚାଲିଥିଲେ ତାହା ସଂସଦୀୟ ଧାରାକୁ ଭାଙ୍ଗିବାପରି ଏକ ପ୍ରଚ୍ଛନ୍ନ ଧମକ ରଖିଥିଲେ। ଓଡ଼ିଶା ବିଧାନସଭାର ବିଦ୍ଧି ଅନୁଯାୟୀ ସାଧାରଣତଃ କୌଣସି ସ୍ୱାଧିକାର ନୋଟିସ ଶୂନ୍ୟ କାଳରେ ଆସିଥାଏ କିନ୍ତୁ ପ୍ରଶ୍ନୋତ୍ତର କାଳକୁ ବାତିଲ କରି ସ୍ୱାଧିକାର ଭଙ୍ଗ ନୋଟିସ ଗୃହରେ ଆଲୋଚନ ରଖିବା ପାଇଁ ଶାସକ ବିରୋଧୀ ସମସ୍ତେ ଏକ ହୋଇ ଏହି ଚରିତ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସପକ୍ଷରେ ଦୃଢ଼ ମତ ରଖିଥିଲେ। ମାନ୍ୟବର ବିରୋଧି ଦଳ ନେତାଙ୍କ ଅଧକତାରେ ଏହି ସ୍ୱାଧିକାର ଭଙ୍ଗ ଅଭିଯୋଗ ବିଚାର ପାଇଁ ଗୃହରେ ଏକ ସଂକଳ୍ପ ତତ୍କାଳ ପାରିତ ହେଲା। ସବୁଠାରୁ ଦୃଷ୍ଟାନ୍ତ ମୂଳକ ଘଟଣାଟି ଥିଲା ମାନ୍ୟବର ସରକାରୀ ଦଳର ମୁଖ୍ୟ ସଚେତକଙ୍କ ଦ୍ୱାରା ଆଗତ ସଂକଳ୍ପକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ସମେତ ସବୁ ସଦସ୍ୟ ନିଜ ନିଜ ସ୍ଥାନରେ ଠିଆ ହୋଇ ନିଜ ଦୃଢ଼ ଓ ଅକୁଣ୍ଠ ସମର୍ଥନ ଜଣାଇଥିଲେ। କୋଟି କୋଟି ଓଡ଼ିଆଙ୍କ ଆଶା, ପ୍ରଗତି ଓ ସଂକଳ୍ପର କ୍ଷେତ୍ର କୁହାଯାଉଥିବା ବିଧାନସଭାରେ ଓଡ଼ିଶାବାସୀଙ୍କ ସାମୂହିକ ଭାବାବେଗର ପ୍ରତିଫଳନ ଓ ପ୍ରତିବାଦର ସ୍ୱର ପ୍ରତିଧ୍ୱନୀତ ହେବାର ଏହା ନିଶ୍ଚିନ୍ତ ଭାବରେ ଏକ ସ୍ମରଣୀୟ ଓ ବିଲକ୍ଷଣ ଅବସର। ତେବେ ଏହି ପ୍ରସଙ୍ଗରେ ଏକ ବଡ଼ ପ୍ରଶ୍ନ ଏହି ଲେଖକକୁ ଆନ୍ଦୋଳିତ କରୁଛି। ତାହା ହେଉଛି ଓଡ଼ିଶାର ସମ୍ମାନ, ସ୍ୱାଭିମାନ ବିରୁଦ୍ଧରେ ବିଧାନସଭାରେ ଯେଉଁ ପ୍ରକାର ସାମଗ୍ରୀକ ଓ ସୁଦୃଢ଼ ରାଜନୈତିକ ଆନ୍ତରିକପୂର୍ଣ୍ଣ ଇଚ୍ଛାଶକ୍ତି ଦେଖିବାକୁ ମିଳିଲା ରାଜ୍ୟର ଅନେକ ବୃହତ୍ତର ସ୍ୱାର୍ଥ, ରାଜ୍ୟ ପ୍ରଗତି, ରାଜ୍ୟର ବିକାଶ ଓ ସ୍ୱାଭିମାନ ସହ ଯୋଡ଼ି ହେଉଥିବା ପ୍ରସଙ୍ଗରେ ଏହିପରି ଦଳୀୟ ସ୍ୱାର୍ଥକୁ ପଛରେ ରଖି ସାମୂହିକ ରାଜନୈତିକ ଇଚ୍ଛାଶକ୍ତି କ'ଣ ପାଇଁ ଦେଖାଯାଉନାହିଁ।

ଦ୍ରୁତ ଅଭିବୃଦ୍ଧି ପଥେ ଆଗଉଥିବା ତଥା ପ୍ରଚୁର ଭୂଖଣିଜ ସମ୍ପତ୍ତିର ମୂଲ୍ୟବାନ ସମ୍ପତ୍ତି ରଖିଥିବା ଏହି ରାଜ୍ୟ ଅନେକ ପ୍ରସଙ୍ଗରେ ଅନେକ ସମୟରେ କେନ୍ଦ୍ର ସରକାରଙ୍କ ରାଜନୀତିର ଶିକାର ହେଉଛି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା କଥା କୁହନ୍ତୁ ବା ମହାନଦୀ ଜଳ ବିବାଦ, ରାଜ୍ୟରେ ରେଳବାଇର ବିକାଶ କଥା କୁହନ୍ତୁ ବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି, ଦାଦନ ସମସ୍ୟା ହେଉ ବା କୋଇଲା ରୟାଲିଟି ବୃଦ୍ଧି ଅନେକ ପ୍ରସଙ୍ଗରେ ଏହା ଗୃହରେ ଦୃଢ଼ ସହମତି ପ୍ରକାଶ ପାଉଥିଲେ ବି ଏପରିକି ସର୍ବସମ୍ମତ ସଂକଳ୍ପ ଗୃହୀତ ହୋଇବି ଏହା କିପରି ଏଯାବତ୍ ତୁଟି ପାରୁନାହିଁ। ସର୍ବପ୍ରଥମେ ୧୯୭୯ରେ ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରସଙ୍ଗକୁ ନେଇ ଓଡ଼ିଶାର ପ୍ରସଙ୍ଗ ଯାହାଥିଲା ଆଜି ବି ସେହିପରି ରହିଛି। କିନ୍ତୁ ବିଧାନସଭାରେ ଅନେକ ଥର ପ୍ରସ୍ତାବ ଗୃହୀତ ହୋଇବି ସବୁଦଳର ସହମତି ଥାଇ ବି ସାମୂହିକ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ପ୍ରତିବନ୍ଧକ ହେଉଛି କି? ୨୦୦୦-୨୦୦୯ ନଅବର୍ଷ ରାଜ୍ୟରେ ବିଜେଡ଼ି ବିଜେପି ମେଣ୍ଟ ସରକାର ଗାଦିଶୀନ ଥିଲେ ଏବଂ ବିଧାନସଭାରେ ଗୃହୀତ ପ୍ରସ୍ତାବକୁ କେନ୍ଦ୍ରର ଏନ୍‌ଡିଏ ସରକାର କିପରି ଅଣଦେଖା କଲେ? ଓଡ଼ିଶା ବିଜେପି ଏହି ସଂକଳ୍ପ ପ୍ରସ୍ତାବରେ ସମର୍ଥନ ଦେଉଥିଲେ ବି କେନ୍ଦ୍ର ବିଜେପି ଖୋଲାଖୋଲି ଭାବରେ ଏହି ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି ପ୍ରସଙ୍ଗକୁ ଗ୍ରହଣ କରୁନାହାନ୍ତି। ସେହିପରି ଏନ୍‌ଡିଏରେ ଭାଗୁଆଳୀ ସରକାରରେ ବିଜେଡ଼ି ଥାଇ ମଧ୍ୟ ବାଜପେୟୀ ସରକାର ଉପରେ କୌଣସି ପ୍ରଭାବ ପକାଇବାକୁ ସମର୍ଥ ହେଉନଥିଲେ। ରାଜ୍ୟରେ କଂଗ୍ରେସ ଶାସନରେ ଥିବା ସମୟରେ ଏହି ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି ଅଧିକ ଥର ବିଧାନସଭାରେ ପାରିତ ହେଲେ ବି କେନ୍ଦ୍ରରେ କଂଗ୍ରେସ ସରକାର ଥାଇ ମଧ୍ୟ ଏହା ଅନୁକୂଳ ଆଭିମୁଖ୍ୟକୁ ଗ୍ରହଣ କରିପାରିଲା ନାହିଁ। ନିକଟରେ କଂଗ୍ରେସର ରାହୁଲ ଗାନ୍ଧୀ ସରକାର ଆସିବା ପରେ ପ୍ରଥମେ ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବେ ବୋଲି ଘୋଷଣା କରିଛନ୍ତି। କିନ୍ତୁ ରାଜନ୍ କମିଟି ଓଡ଼ିଶାକୁ ସବୁଠାରୁ ପଛୁଆ ରାଜ୍ୟ ଭାବେ ଚିହ୍ନଟ କରି ତଥ୍ୟ ଦେବା ସତ୍ତ୍ୱେ ମନମୋହନ ସିଂହଙ୍କ ସରକାର ନା ମୋଦି ସରକାର ରାଜ୍ୟର ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କଲେ? ସେହିପରି ମହାନଦୀ ଜଳ ବିବାଦ ଓ ଧାନର ସହାୟକ ମୂଲ୍ୟବୃଦ୍ଧି ପ୍ରସଙ୍ଗରେ ବିଧାନସଭାରେ ପ୍ରସ୍ତାବ ପାରିତ ହୋଇ ବି କେନ୍ଦ୍ରରେ ଏହି ସ୍ୱର ପତଳା ହେବାରୁ ଏହା ଅଟକି ରହିଗଲା। ମହାନଦୀ ଟ୍ରିବ୍ୟୁନାଲ ଗଠନ ଦାବି ନେଇ ୨୦୧୭ ଡିସେମ୍ବରରେ ବିଧାନସଭାରେ ସର୍ବସମ୍ମତ ଐକ୍ୟବୋଦ୍ଧ ସଂକଳ୍ପ ଗୃହୀତ ହେଲା। ଏହାର ତିନିମାସ ପରେ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ ଗଠନ କଲେ ସିନା କିନ୍ତୁ ମହାନଦୀର ଉପର ମୁଣ୍ଡରେ ବନ୍ଧ ନିର୍ମାଣ ପ୍ରସଙ୍ଗରେ ରୋକ ଲଗାଇବାକୁ ସମର୍ଥ ହେଲେନାହିଁ। କେବଳ ସେତିକିନୁହେଁ ମାନ୍ୟବର ପ୍ରଧାନମନ୍ତ୍ରୀ ମହୋଦୟ ଧାନର ସହାୟକ ମୂଲ୍ୟବୃଦ୍ଧି ପ୍ରସଙ୍ଗରେ ଓଡ଼ିଶା ବିଧାନସଭା ଗୃହକମିଟିକୁ ସାକ୍ଷାତ ଦେବା ପାଇଁ ଏଯାବତ୍ ସମୟ ଦେଇପାରିନାହାନ୍ତି। ତେଣୁ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ପ୍ରସଙ୍ଗରେ ସହମତି ଠାରୁ ବଡ଼ କଥା ହେଉଛି ସବୁ ରାଜନୈତିକ ଦଳ ମାନଙ୍କ ଭିତରେ ରାଜ୍ୟ ସ୍ୱାର୍ଥର ଗୋଟିଏ ଛତା ତଳେ ସମସ୍ତେ ଏକଜୁଟ ହେବା। କେବଳ ସେତିକିନୁହେଁ ଏହାପଛରେ ବ୍ୟକ୍ତି, ଦଳ, ରାଜନୈତିକ କ୍ଷେତ୍ରର ସ୍ୱାର୍ଥକୁ ପଛରେ ପକାଇ ନିଷ୍ଠା ଓ ଆନ୍ତରିକପୂର୍ଣ୍ଣ ସାମଗ୍ରୀକ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ରହିବା ଜରୁରୀ। ସେହିପରି କୋଇଲା ରୟାଲଟି ପ୍ରସଙ୍ଗ ହେଉ ବା ରାଜ୍ୟରେ ରେଳ ପ୍ରଗତି। କେନ୍ଦ୍ର ଆଗରେ ସୁଦୃଢ଼ ସର୍ବଦଳୀୟ ପ୍ରଭାବଶାଳୀ ଚାପ ନିଶ୍ଚିନ୍ତ ଭାବରେ କେନ୍ଦ୍ରକୁ ପ୍ରଭାବିତ କରିପାରିବ। ଓଡ଼ିଶାର ବିକାଶ ଓ ଅଭିବୃଦ୍ଧି ପାଇଁ ସମ୍ମାନନୀୟ ଲୋକପ୍ରତିନିଧି ମାନଙ୍କ ଉତ୍ତରଦାୟିତ୍ୱ ରାଜ୍ୟବାସୀ ଆଶା ରଖୁଛନ୍ତି। ସମୂହ ବା ଗଣରେ ଏହି ନିର୍ବାଚିତ ଲୋକପ୍ରତିନିଧିମାନେ ହିଁ ରାଜ୍ୟ ପ୍ରଗତିର ଜଣେ ଜଣେ ସମର୍ଥ ସାରଥୀ। ସମସ୍ତଙ୍କର ଐକ୍ୟବଦ୍ଧ ସଂକୀର୍ଣ୍ଣ ସ୍ୱାର୍ଥବିହୀନ ରାଜ୍ୟ ପ୍ରଗତିର ଆନ୍ତରିକ ନିଷ୍ଠା ଉତ୍କୃଷ୍ଟ କଳାର ରାଜ୍ୟ ଭାବେ ପରିଚିତ ଥିବା ଏହି ଜଗନ୍ନାଥ ଦେଶର ପ୍ରଗତି ଆହୁରି ଅଗ୍ରଗତି କରିବାରେ ସକ୍ଷମ ହୁଅନ୍ତା।

*କଟିକଟା, ମଙ୍ଗଳପୁର, ଯାଜପୁର*
*ମୋ : ୯୪୩୮୨୭୬୭୭୬୦*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୨୪

**"ଉଠି ଗୁରୁ ପୁଣି ମୁଖକୁ ଧୋଇଣ**
**ଚେଲାକୁ ଉଠାଇ ଦେଲେ।**
**କେତେ ନିଦ୍ରା ଯାଅ ଗୋବିନ୍ଦ ରାଜନ**
**ଗୃହ କି ମଣିଛ ଭଲେ ॥"**

ଦେଶାନ୍ତର ଯାତ୍ରା ଆରମ୍ଭ ବେଳାରେ ଗୁରୁ ଶିଷ୍ୟ ଦୁହେଁ ଆଗ ପଛ ହୋଇ ବାଟ ଚାଲୁଥିଲେ। ବଙ୍ଗଦେଶର ପଶ୍ଚିମ ଦିଗରେ ପଦଚାଳନା କରୁଥିବା କାଳରେ ହାଡ଼ିପା ଯାତ୍ରାର ବିବରଣୀ ଗୋବିନ୍ଦଙ୍କୁ ଶୁଣାଇଲେ। କହିଲେ,ବତ୍ସ ଗୋବିନ୍ଦ,ତୁମରାଜ୍ୟ ବଙ୍ଗଭୂମି ସରିବା ପରେ ଆଉ ଚାଳିଶ ମାଇଲ ପଥ ଅତିକ୍ରମ କଲେ ପଡ଼ୋଶୀ ଶୋଣିତ ରାଜ୍ୟ ଆରମ୍ଭ ହେବ। ସେଠାରେ ତୁମେ ଭିକ୍ଷା ଗ୍ରହଣ କରି କେତେକାଳ କାଟିବା ପରେ ଅନ୍ୟଦେଶକୁ ଯିବା। ଭକ୍ତି ଓ ନିମିତ୍ତପଣ ଦ୍ୱାରା ସବୁ ସ୍ଥାନ,ପରିବେଶରେ ବିଜୟ ହାସଲ କରିବା ସହଜ ହୋଇଥାଏ। ଭକ୍ତିରେ କେବଳ ପ୍ରେମ ହିଁ ସାର। ଘର ଘାଟର ଠିକଣା ନ ଥିବ। ଖାଦ୍ୟପେୟ ଯେଉଁଠି ଯାହା ମିଳିଲା। ମାନ, ଅପମାନ,ଅଭିମାନ,ସ୍ୱାଭିମାନ ବୋଧ ନ ଥିବ। ଭାଗ୍ୟ,ଭାଗ୍ୟବିଧାତା,ଏ ସବୁର ଉର୍ଦ୍ଧ୍ୱରେ ରହିଛି ଭକ୍ତି ! ବିଭିନ୍ନ ଦେଶବିଦେଶ ଭ୍ରମଣ କରି ତୁମ ଭକ୍ତିର ପରିସୀମାକୁ ବୃଦ୍ଧି କର। ଦେବସ୍ଥାନ ତୀର୍ଥାଟନ ସହିତେ ପବିତ୍ର ନଦୀମାନଙ୍କରେ ସ୍ନାନ ସାରି ନିରାକାରନାଥଙ୍କ ଭିନ୍ନ ଭିନ୍ନ ରୂପକୁ ଦର୍ଶନ କର। ଏହା ହେଉଛି ପାପମୋଚନ ଯଜ୍ଞ ! ଏହି ଯଜ୍ଞ ଦ୍ୱାରା ପ୍ରାରବ୍‌ଧ ଦୁଷ୍କର୍ମର ଫଳ ଅପସରି ଯିବ। ତୁମ ପୂର୍ବ ଜନ୍ମର କର୍ମଗତିରୁ ଅକାଳ ମରଣ ଯୋଗ ରହିଛି। ବିଧାତା ଭାଲପଟରେ ଯାହା ଲେଖି ଦେଇଛନ୍ତି,ତାହାକୁ କେବଳ ତପ ସାଧନା ବଳରେ ସମାଧାନ କରିବା ସମ୍ଭବ ହେବ ! ଅନ୍ୟଥା ଜୀବ ପାପର ଗଣ୍ଠିଲି ଧରି ଜନ୍ମ ଜନ୍ମ ଧରି ନୀଚଯୋନିରେ କଷ୍ଟ ପାଉଥିବ !

ବଣ ପାହାଡ଼ ଘେରା ସଂକୀର୍ଣ୍ଣ ପଥ ଅତିକ୍ରମ କରି ସନ୍ଧ୍ୟାବେଳକୁ ଗୁରୁ ଶିଷ୍ୟ ଦୁହେଁ ଶୋଣିତ ରାଜ୍ୟର ଉପକଣ୍ଠରେ ପହଞ୍ଚିଗଲେ। ଏକ ଗ୍ରାମ ସନ୍ନିକଟରେ ଥିବା ଶିବାଳୟ ପ୍ରାଙ୍ଗଣରେ ବିଶ୍ରାମ ଗ୍ରହଣ କଲେ। ସଞ୍ଜ ଆଳତି ବେଳାରେ ଶିବ ପାର୍ବତୀଙ୍କୁ ଦର୍ଶନ କରି ଆନନ୍ଦପ୍ରାପ୍ତ ହେଲେ। ଶିବଙ୍କୁ ଅର୍ପିତ ଶୁଖିଲା ଭୋଗ ସହିତେ ବାଟରୁ ସଂଗ୍ରହ କରିଥିବା ବଣ ଫଳମୂଳ ଖାଇ ଶିବଙ୍କ ଆଳୟରେ ନିଦ୍ରା ଗଲେ। ପଥଶ୍ରମୀ ହୋଇ ହାଲିଆ ହୋଇ ପଡ଼ିଥିବା ଗୋବିନ୍ଦ ପ୍ରାତଃରୁ ଉଠିବା କଷ୍ଟକର ହୋଇ ପଡ଼ିଲା। ପ୍ରଭାତ ହେବାକ୍ଷଣି ହାଡ଼ିପା ଆଚମନ ସାରି ଗୋବିନ୍ଦଙ୍କୁ ଉଠାଇ କହିଲେ,ବତ୍ସ, ରାଜନବରରେ ସୁଖନିଦ୍ରା ଯିବାର ବେଳା ସମାପ୍ତ ହୋଇଛି। ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟା ତ୍ୟାଗ ନ କଲେ ବ୍ରହ୍ମା କୋପ କରନ୍ତି। ଏପରି ନିଦ୍ରା ତୁମ ସାଧନା କ୍ଷେତ୍ରକୁ ନଷ୍ଟଭ୍ରଷ୍ଟ କରିଦେବ। ଉଠ ଗୋବିନ୍ଦ,ସୂର୍ଯ୍ୟ ନାରାୟଣ ତାମ୍ର ରଙ୍ଗ ଧରି ଆକାଶକୁ ଉଠିଲେଣି। ଶଯ୍ୟା ଛାଡ଼ି ସ୍ନାନ ପାନ କର। ଗୋବିନ୍ଦ ଉଠିପଡ଼ି ଗୁରୁଙ୍କୁ ପ୍ରଣାମ ଜଣାଇଲେ। ହାଡ଼ିପା କହିଲେ ବତ୍ସ, ଆମେ ଏଠାରୁ ସରଜୁ ନଦୀତଟରେ ଅବସ୍ଥିତ ଅନ୍ୟ ଏକ ଗ୍ରାମ ସୁବର୍ଣ୍ଣପୁରରେ ଆଜିର ଦିବସ କଟାଇବା। ମନ୍ଦିର ସନ୍ନିକଟ ପୁଷ୍କରିଣୀରେ ଶୀଘ୍ର ସ୍ନାନ ସାରି ଫେରିଆସ। ଆମେ ଯାତ୍ରା ଆରମ୍ଭ କରିବା। ଏଠାରୁ ମାତ୍ର ଚାରିକ୍ରୋଶ ଦୂର ସୁବର୍ଣ୍ଣପୁର। ପୂର୍ବାହ୍ନ ବେଳାରେ ସେଠାରେ ପହଞ୍ଚିବା ପରେ ତୁମେ ଭିକ୍ଷା ସଂଗ୍ରହରେ ମନ ଦେବ। ଗୁରୁଙ୍କ ଆଜ୍ଞା ବହନ କରି ଗୋବିନ୍ଦ ଶରୀର ଶୁଦ୍ଧ କଲେ। ହର ହର ମହାଦେବଙ୍କୁ ସାଷ୍ଟାଙ୍ଗେ ପ୍ରଣାମ ଜଣାଇ ସୁବର୍ଣ୍ଣପୁର ଅଭିମୁଖେ ଯାତ୍ରା କଲେ। ଯାତ୍ରାକାଳରେ ହାଡ଼ିପା ବୁଝାଇ କହିଲେ,ଶିଷ୍ୟ ଗୋବିନ୍ଦ, ଶରୀର ନିମନ୍ତେ ନିଦ୍ରାର ଆବଶ୍ୟକତା ରହିଛି। ମାତ୍ର ଆତ୍ମାର ନିଦ୍ରା ନାହିଁ। ଅବିରତ ଜାଗ୍ରତ ରହି ଆତ୍ମା ପରମାତ୍ମାଙ୍କୁ ଖୋଜୁଥାଏ। ତୁମେ ଆତ୍ମସ୍ତରକୁ ଯିବାକୁ ହେଲେ ନିଦ୍ରା ଆଳସ୍ୟ ତ୍ୟାଗ କରିବାକୁ ପଡ଼ିବ। ନିଦ୍ରା ଓ ଆହାର ତ୍ୟାଗ ତୁମ ଅମରତ୍ୱ ପ୍ରାପ୍ତିର ଅସଲ ଭିଡ଼ ! ବୈରାଗ୍ୟ ଓ ଅଭ୍ୟାସ ଦ୍ୱାରା ଏହି ପ୍ରତିବନ୍ଧକକୁ ଅତିକ୍ରମ କରିବା ସହଜ ହେବ। ଯେତେବେଳେ ତୁମେ ଯୋଗବଳରେ ଅମରନାଥଙ୍କ ପୟରରେ ଲୀନ ହୋଇଯିବ,ତତ୍‌କାଳରେ ଯମଙ୍କ ପାଶରୁ ନିଜେ ନିଜର ଜୀବନ ରକ୍ଷା କରିବା ପାଇଁ ସମର୍ଥ ହେବ। ମହାଯୋଗୀ ସଦାଶିବଙ୍କର ଦରବାରର ଜଣେ ସଦସ୍ୟ ଭାବରେ ଗଣା ହେବ ! ତାହା ହିଁ ଅମରତ୍ୱ ! ଇଚ୍ଛାମତେ ଶରୀର ତ୍ୟାଗ କରି ଇଚ୍ଛାମତେ ଯେ କୌଣସି ଶରୀର ଧାରଣ କରିବା ଦୈବୀକ୍ଷମତା ପ୍ରାପ୍ତ ହେବ !

ହାଡ଼ିପା ରାସ୍ତାରେ ଚାଲୁ ଚାଲୁ ଗୋବିନ୍ଦଙ୍କୁ ବହୁ ଦିବ୍ୟସନ୍ଦେଶ ଶୁଣାଇଲେ। ସକାଳର ଦ୍ୱିତୀୟ ପ୍ରହରରେ ସରଜୁ ନଦୀକୂଳ ସୁବର୍ଣ୍ଣପୁର ଗ୍ରାମ୍ୟ ଉପକଣ୍ଠରେ ପାଦ ଥାପିଲେ। ଗ୍ରାମ୍ୟଦେବୀ ନାମରେ ତେନ୍ତୁଳି ବୃକ୍ଷମୂଳେ ଅଧିଷ୍ଠିତ ପଥରଖଣ୍ଡ ନିକଟରେ ଅଟକି ଗଲେ। ବିଶ୍ୱାସର ସହିତ ସିନ୍ଦୁର ବୋଳି ଜଗତ ଜନନୀ ଭାବରେ ଗ୍ରାମ୍ୟଜନେ ପୂଜା ପ୍ରାର୍ଥନା କରୁଥିବା ପୀଠରେ, ହାଡ଼ିପା ଆଜିର ଦିବସ ବିତାଇବା ନିମନ୍ତେ ସ୍ଥିର କଲେ। ଶିଷ୍ୟକୁ କହିଲେ,ଗୋବିନ୍ଦ,ତୁମେ ଗଣ୍ଠିଲି ରଖି ଭିକ୍ଷା ସଂଗ୍ରହରେ ଯାଅ,ଏଇ ବୃକ୍ଷମୂଳେ ରାତ୍ରିଯାପନ କରିବା। ଗୁରୁଙ୍କ ଆଜ୍ଞାରେ ଗୋବିନ୍ଦ ଶୋଣିତ ରାଜ୍ୟର ପ୍ରଥମ ଭିକ୍ଷା ଗ୍ରହଣ ନିମନ୍ତେ ଜନବସତିରେ ପ୍ରବେଶ କଲେ। ଗ୍ରାମ୍ୟଜନଙ୍କର ବିସ୍ମୟଭରା କଟାକ୍ଷ,ଚୁପଚାପ୍ ଭିତରେ ପଞ୍ଚଦ୍ୱାରରୁ ଭିକ୍ଷା ସଂଗ୍ରହ କରି ଗୁରୁଙ୍କ ନିକଟକୁ ଫେରି ଆସିଲେ। ହାଡ଼ିପା କହିଲେ,ଗୋବିନ୍ଦ ଯାହା ଫଳ,ତଣ୍ଡୁଳ ମିଳିଛି ସବୁ ଏକତ୍ର କରି ସିଝାଇ ଦିଅ ! ତୁମେ ଗୋଟିଏ ଭାଗ ଗ୍ରହଣ କରି ଅନ୍ୟ ଭାଗ ଆମ୍ଭଙ୍କୁ ପ୍ରଦାନ କର। ଶିଷ୍ୟ ଗୋବିନ୍ଦ ପାକ ସିଦ୍ଧ କରି ଗୋଟିଏ ପାତ୍ରରେ ଗୁରୁଙ୍କ ସମ୍ମୁଖରେ ସମର୍ପଣ କଲେ। ଶ୍ରୀକୃଷ୍ଣାର୍ପଣମସ୍ତୁ ଉଚ୍ଚାରଣ ପୂର୍ବକ କରଯୋଡ଼ି ମଥାନତ କରି କହିଲେ,ହେ'ଜଗତ୍‌ଗୁରୁ ! ତୁମ୍ଭ ଅଇଁଠାରେ ରହିଛି ତମସା ହଟାଇବାର ଦିବ୍ୟଶକ୍ତି ! ସେଇ ଶକ୍ତି ଆହରଣ ନିମନ୍ତେ ଉଚ୍ଛିଷ୍ଟ ଦେଇ ସନ୍ତୋଷ କର ଗୁରୁଦେବ ! ହାଡ଼ିପା ଶିଷ୍ୟର ସ୍ତୁତି ଶ୍ରବଣ କରି ବହୁ ଆନନ୍ଦିତ ହେଲେ। ଅର୍ଦ୍ଧେକ ଭୋଜନ ଭୁଞ୍ଜି ଅନ୍ୟ ଭାଗଟି ଗୋବିନ୍ଦଙ୍କୁ ଦେଲେ। ପେଟ ଶାନ୍ତ ହେବା ପରେ ପଥଶ୍ରମୀ ଗୁରୁଶିଷ୍ୟ ସେଇ ବୃକ୍ଷମୂଳେ ନିଦ୍ରାଗଲେ ! ହରି ଓଁ ତତସତ୍ !

*ଦୂରଭାଷ-୯୬୬୮୬୩୧୨୫୭*

# କୁଳାଙ୍ଗାର



**ହରେକୃଷ୍ଣ ଦାସ**

'ବୁଝିଲେ ନାୟକ ବାବୁ, ଆପଣ ବହୁତ ଭାଗ୍ୟବାନ।' ଗୋଟେ ଉଦାସ ପ୍ରାତଃଭ୍ରମଣର କ୍ଲାନ୍ତି ପରେ ପାର୍କ ପାଖ ଚା' ଦୋକାନରେ ବେଞ୍ଚରେ ବସି କଫି ପିଉ ପିଉ କହିଲେ ରାଉତ ବାବୁ। ତଣ୍ଟିରେ ଲାଗିଲା କି କ'ଣ କାଶି କାଶି ନୟାନ୍ତ ହେଇଗଲେ ନାୟକ ବାବୁ। ପିଠି ଆଉଁସି ଦେଉ ଦେଉ ରାଉତ ବାବୁ କହିଲେ, 'ଆପଣଙ୍କ ଭଳି ପୋଖତ ଚା' ପିଆଳି ତଣ୍ଟିରେ କଫି ଲାଗିବାଟା ଗୋଟେ ଆଶ୍ଚର୍ଯ୍ୟ କଥା।' 'ଆଉ ଅଭ୍ୟାସ ନାହିଁ ତ, ଆଗ ଭଳି ପିଇ ହେଉନି।' 'ଆପଣଙ୍କ ଅମର କେତେକ ବଡ ଚାକିରୀ ପାଇଲା। ମଲ୍ଟି ନ୍ୟାସନାଲ କମ୍ପାନୀ, ଏତେ ଗୁଡାଏ ଟଙ୍କା ଦରମା। ବୋହୂ ବି ବଡ଼ ଚାକିରିଆ। ଏ ସବୁ ଭାଗ୍ୟରେ ଥିଲେ ମିଳେ ସିନା।

ମୋର ତ ପୋଡା କପାଳ। ଆମ ଟୋକାଟା ତ ଅଯୋଗ୍ୟ, କୁଳାଙ୍ଗାରଟାଏ; କୁଆଡେ ବାହାରକୁ ଯିବାକୁ ଚେଷ୍ଟା ବି କଲାନାହିଁ। ପ୍ରାଇମେରୀ ମାଷ୍ଟରଟେ୍ କେତେଟା ଟଙ୍କା ଦରମା; ସେଥିରେ ପୁଣି ଚାକିରିଆ ଝିଅଟେ ବାହା ହେବାକୁ ବି ନାରାଜ। କହିଲା କ'ଣ ନା, 'ମୁଁ ଦୂରକୁ ପଳେଇଲେ ତମ ଦାୟିତ୍ୱ କିଏ ନେବ, ବାପା? ଚାକିରିଆ ବୋହୂ କଲ, ସେ ତମକୁ କେତେ ସମୟ ଦେଇ ପାରିବ? ଜୀବନଯାକ ଏମିତି ଖଟି ଖଟି ହିଁ ବୋଉ ମରିଯିବ। ଦରମା ଯେତିକି ମିଳିବ, ଚଳିବାକୁ କିଛି ଅସୁବିଧା ହେବନି। ମୋ ଚାକିରିକୁ ନେଇ ଦୁଃଖ କରନି। ତମ ପେଟରୁ କାଟି ମୋ ପାଇଁ ସଞ୍ଚିବା ଦରକାର ପଡିବନି। ପେନ୍‌ସନ୍ ଟଙ୍କା ତମେ ଆରାମରେ ଖର୍ଚ୍ଚ କରିପାରିବ।' ବୁଝିଲେ ନାୟକ ବାବୁ, ମୁଁ ବି ତୋ ପାଇଁ ଫିକର ନ କରି ଯେମିତି ଠିକ୍ ଭାବୁଛି ସେମିତି ମୋ ପଇସା ଖର୍ଚ୍ଚ କରୁଛି। ଆପଣଙ୍କ ଭଳିଆ ବଡ ଚାକିରିଟେ ମୋର ନଥିଲା କି ଅଧିକ ଟଙ୍କା ପେନ୍‌ସନ୍ ବି ମିଳୁନି,



ତଥାପି ଏ ବୁଢ଼ା ବୟସରେ ଖୁସିରେ ଚଳିବା ପାଇଁ ହାତ ଖୋଲା ରଖିବାରେ କିଛି ଅସୁବିଧା ହଉନି।'

'ନାଇଁ ମ, ଆପଣଙ୍କ ମୋହନଟା ଖୁବ୍ ଭଲ ପିଲା।" ଅନ୍ୟମନସ୍କ ଭାବେ ଅଧା ପିଆ କଫି ଟାକୁ ସେଇ ବେଞ୍ଚ ଉପରେ ରଖିଦେଇ ନାୟକ ବାବୁ କହିଲେ। 'ଡେରି ହେଲାଣି, ଚାଲନ୍ତୁ ଯିବା।' ଦୋକାନୀକୁ କୋଡିଏ ଟଙ୍କିଆ ନୋଟ୍‌ଟିଏ ବଢ଼େଇ ଦେଇ ରାଉତ ବାବୁ କହିଲେ, 'ଆପଣ ଆସନ୍ତୁ। ମୁଁ ଟିକିଏ ମଦନା ପାଖରୁ ଆସୁଛି। ସଜ ମାଛ ଟିକେ ନେବାକୁ ବୋହୂ ଆଜି ବରାଦ କରିଛି। ସଂଧ୍ୟା ବେଳକୁ ମିଟିଂରେ ଦେଖା ହେବ।'

ଆଗକୁ ବଢ଼ିବାକୁ ରାଜି ନଥିବା ପାଦ ଦି'ଟା ଘୋଷାରି ଘୋଷାରି ନାୟକ ବାବୁ ଘର ମୁହାଁ ଚାଲିଲେ। 'ଆପଣଙ୍କ କପାଳ ପୋଡା ନୁହେଁ ରାଉତ ବାବୁ, କି ମୁଁ ବି ଆପଣ ଭାବିବା ଭଳିଆ ଭାଗ୍ୟବାନ ନୁହେଁ। ସୁଖ ଆଉ ସୌଭାଗ୍ୟକୁ ତଉଲିବାର ଆମ ଦୁହିଁଙ୍କର ନଜର ଅଲଗା ଅଲଗା ଯାହା।'

ଘରକୁ ପଶୁ ପଶୁ ରମା ଦେବୀ ପାଟି କରି ଉଠିଲେ, 'ସକାଳୁ ଉଠି ଯାଇଛ ଯେ ଯାଇଛ, ମୁଁ ଏଠି ଏକୁଟିଆ ଖଟି ଖଟି ମଲିଣି! ହଉ, ନାଲି ଚା ରଖିଛି; ଗରମ କରି ପିଇଦିଅ।' 'ସେତକ ତମ ପାଇଁ ଥାଉ, ମୁଁ କଫି ପିଇଦେଇ ଆସିଛି।'

ପାଣି ଢ଼ୋକେ ପିଇ କାଶ ଅଟକେଇବାକୁ ଚେଷ୍ଟା କରି ଚିତ୍କାର କରି ଉଠିଲେ ରମା ଦେବୀ।' କଣ ହେଲା! କଫି ପିଇ ଆସିଛ? ପଇସା ସବୁ ଏମିତି ବରବାଦ କରୁଛ! ଏ ବୟସରେ ଏତେ ଭଲ ମନ୍ଦ ଖାଇବା ପିଇବା ପାଇଁ ଲୋଭ କ'ଣ? ପେଟରୁ କାଟି ଗୋଟି ଗୋଟି କରି ମୁଁ ପଇସା ସଞ୍ଚୁଛି, ତମେ ସବୁ ଉଡେଇବାରେ ଲାଗିଛ! ପୁଅଟା ଚିନ୍ତାରେ ମୋ ମୁଣ୍ଡରୁ ହାତ ଉଠୁନି। ଚାକିରି ଟେନ୍‌ସନ୍ ସବୁ ବେଳେ ଲାଗି ରହିଲା। ବଡ ଚାକିରିଟେ କରିଛି ବୋଲି ସିନା ସମସ୍ତେ ଜାଣିଛନ୍ତି, ହେଲେ ଯେ କୌଣସି ସମୟରେ ତା' ଚାକିରି ଯାଇପାରେ ବୋଲି ତମେ ତ ଜାଣିଛ। ଆମ ପେଟରୁ କାଟି ତା'ପାଇଁ କିଛି ସଞ୍ଚିଥିଲେ, ଚାକିରି ଚାଲି ଗଲେ ବି ମୋ ପୁଅ ଚଳିଯାଇପାରିବ। ହେଲେ ତମର ଚିନ୍ତା କ'ଣ? ବାହାରେ ବୁଲି କଫି ପିଆଚାଲିଛ।'

'ପଇସା ମୁଁ ଦେଇନି ମ। ରାଉତ ବାବୁ ଦେଇଛନ୍ତି।'

ରମାଦେବୀ ଟିକିଏ ଅଟକି ଗଲେ। କଥାଟି ଠିକ୍ ଭାବରେ ନ ଜାଣି ଏତେ ଚିତ୍କାର କରିଥିବାରୁ ନିଜକୁ ଟିକେ ଅଡୁଆ ଅଡୁଆ ଲାଗିଲା। ତଥାପି ନିଜ କଥାକୁ ଠିକ୍ ବୋଲି ଜାହିର କରିବା ପାଇଁ ଚେଷ୍ଟା କରି କଣ୍ଠରେ ଦରଦ ଭରି ନରମ ସ୍ୱରରେ କହିଲେ, 'ଯାହା ହେଲେ ବି ତମର ତ ଅଭ୍ୟାସ ନାହିଁ ନା। ରାଉତ ବାବୁଙ୍କ ସାଙ୍ଗରେ ପଡି ଆଜି କଫି ପିଇଲ, କାଲି ଆଉ କ'ଣ ଖିଆପିଆ କରିବ। ଆଜିକାଲି ତ ସବୁବେଳେ ତମର ଦେହ ଖରାପ ରହୁଛି। ଥରେ ହାର୍ଟ ଅପରେସନ ତ ହେଇ ସାରିଲାଣି, ଆଉ ଅଧିକ କିଛି ହେବାକୁ ଚାହୁଁଛନା କ'ଣ? ତାଙ୍କର କିଛି ଅସୁବିଧା ହେଲେ ସେବା କରିବାକୁ ଘରେ ପୁଅ ବୋହୂ ଅଛନ୍ତି? ଆମ ପୁଅ କଥା ତ ଜାଣିଛ; ବୋହୂ ଟା ବି ଗୋଟେ ଅଜାଗା ଘା'। ସେ ତ ତା ସ୍ୱାମୀର ବି ହେଇପାରିଲାନି, ଆମର କ'ଣ କରିବ? ତମେ ରୋଗ ବେମାରୀରେ ପଡିଗଲେ ଦେହରେ ହାତ ବୁଲାଇ ଦେବାକୁ ମୋ ଛଡା ଆଉ କିଏ ଅଛି? ମତେ କ'ଣ ହନ୍ତସନ୍ତ କରି ମାରିବ?'

କଥାଟାକୁ ସହଜ କରିଦେବାକୁ ନାୟକ ବାବୁ କହିଲେ 'ଆରେ ନାଇଁ ମ, ମୋର ସେମିତି କିଛି ଅସୁବିଧା ହେବନି।'

ଚଟାପଟ ମାଛ କିଣିସାରି ରାଉତ ବାବୁ ମାଡି ଆସିଥିଲେ ନାୟକ ବାବୁଙ୍କୁ ଜଣାଇବାକୁ ଯେ ଆଜି ରାତିରେ ମନ୍ଦିରରେ ଖିଆପିଆ ବ୍ୟବସ୍ଥା ଅଛି ବୋଲି। ଦାଣ୍ଡ ଦୁଆରେ ଥାଇ ରମା ଦେବୀଙ୍କର ଏ ସବୁ କଥା ଶୁଣିଲା ପରେ ମନ୍ଦିର ଭୋଜନ କଥା କହିବାକୁ ଆଉ ଉଚିତ ମଣିଲେନି। ସବୁ କଥା ସେ ଶୁଣି ସାରିଛନ୍ତି ବୋଲି ନାୟକ ବାବୁ ଯେମିତି ନ ଜାଣନ୍ତୁ, ସେଇଥିପାଇଁ ଅତି ସନ୍ତର୍ପଣରେ ପାଦ ଚିପି ଚିପି ଫେରି ଆସିଲେ। ଫେରିବା ବେଳେ ମନେମନେ ନିଜକୁ କହୁଥିଲେ, 'ମୋହନଟା ଉପରେ ଗରଗର ହେଇ ମୁଁ ବହୁତ ଭୁଲ କରିଚାଲିଛି। ମୋ ପୁଅ ଆଦୌ କୁଳାଙ୍ଗାର ନୁହେଁ।'

*ଅଧ୍ୟାପକ, ଇଂରାଜୀ ବିଭାଗ*
*ନିଆଳି କଲେଜ, ନିଆଳି*
*ମୋ - ୯୮୬୧୩୪୫୬୫୮*

# ଖୁସି



**ତପନ ପଟ୍ଟନାୟକ**



ଖୁସି ହେବାର ଏଥିରେ ଅଛି କଅଣ?
ଜୀବନ ସାରା ତ ଦୁଃଖ
ଯେଉଁ ଦରର ଲୋକ ହେଉ ପଛେ
ପେଟ ପୂରାଇବା ପାଇଁ
ପ୍ରଚଣ୍ଡ ପରିଶ୍ରମ
ପଶୁପକ୍ଷୀଠୁ ମଣିଷ ଯାଏଁ।

ଖୁସି ହେବାର ଏଥିରେ ଅଛି କଅଣ?
ନିଜକୁ ପ୍ରକାଶିତ କରିବାକୁ
ଏତେ କସରତ
ଭୂମିଷ୍ଠ ହେଲାଠୁ
ଜୁଇରେ ପହଞ୍ଚିଲା ଯାଏ
କେତେ କଳକୌଶଳ
ପ୍ରୟୋଗ କରିବାକୁ ପଡେ ଯେ!

ଖୁସି ତ କ୍ଷଣିକ
ଆୟୁଷ ଏତେ ଛୋଟ
ଚାହିଁଲା ବେଳକୁ ସରି ଯାଇଥାଏ
ଅଥଚ ତାର ପରିପୂରକ ସହୋଦର ଦୁଃଖଟି
କେତେ ଲମ୍ବା ଆୟୁଷ ନେଇ
ଚଳାଚଳ ହୁଏ!

ସେଥିପାଇଁ ତା' ସାଙ୍ଗରେ ମୋର
ଏତେ ଯତିପାତ
ସେ ତ ମତେ
ଲୁହର ଚାଦର ଘୋଡାଇ ଦିଏ।
ସେଥିପାଇଁ ସେ ବୋଧହୁଏ ସବୁଠାରୁ
ବେଶୀ ଅନ୍ତରଙ୍ଗ!

ସାରାଜୀବନ ତାକୁ ଇ
ସହଚର କରିଛି
ହାନି ଲାଭ, ଭଲ ମନ୍ଦରେ
ତାକୁ ହିଁ କୋଳେଇଚି
ସେ ଯେତେ କଷ୍ଟ ଦେଲେ ବି
ତା'ରି ଭିତରେ ଖୁସି ଅଛି
ଆଉ କୋଉଥିରେ ନାହିଁ।
ଦୁଃଖର ଦଲିଲ୍‌ରେ ତିଆରି ହୋଇଛି
ମୋର ଘର
ଆଉ ଯେତେ ଖୁସି ଆସିଲେ ବି
ମୁଁ ତାକୁ ସ୍ୱାଗତ କରେନି
ଦୋହରାଇ କହୁଥାଏ
ଖୁସି ହେବାର ଏଥିରେ ଅଛି କଅଣ?

*ବାଲୁଗାଁ, ଖୋର୍ଦ୍ଧା*
*ମୋ : ୯୪୩୯୪୪୨୩୯୩*



# ସହରସାରା ଡାହାଳ କୁକୁର

**ଗଜାନନ ମିଶ୍ର**



କ'ଣ କରିବି
ମାତିଥିଲା ବେଳେ
ସହରସାରା
ଡାହାଳ କୁକୁର?
କେମିତି ବଞ୍ଚେଇ ରଖିବ
ତୁମର ରକତ ମାଉଁସ?

ସତ୍ୟ ଯେ
ତୁମେ ମାଟି।
ଆଉ ଏ ମାଟିକୁ ନିଘା
ଆକାଶର।
ସତ୍ୟ ଯେ
ମାଟି ଓ ଆକାଶ ଭିତରେ
ଆମେ କିଛି ସମୟର
କଙ୍କି ଓ ପ୍ରଜାପତି।

*ଟିଟିଲାଗଡ଼, ବଲାଙ୍ଗିର*

# ପିଲାଙ୍କ ଦୁନିଆ







**ହୀରାନଶୀ ଦକ୍ଷିଣୀ**
ଷ୍ଟାଣ୍ଡାର୍ଡ - ୩
କେମ୍ବ୍ରେଜ ସ୍କୁଲ
କାନ୍ଦିଭିଲି ଇଷ୍ଟ
ଠାକୁର କମ୍ପ୍ଲେକ୍ସ, ମୁମ୍ବାଇ





**ସାଇସମ୍ପଦ ଶତପଥୀ**
ଷ୍ଟାଣ୍ଡାର୍ଡ - ୭
ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# ଅଭୀପ୍ସା

**ଉମାଶଙ୍କର ଶତପଥୀ**

ଏମିତି ଗୋଟେ ନାଆଁଟେ
କାହିଁକି ଯେ ଦିଅନ୍ତି, ଶୁଣିଲେ
ଲୋମେ ଲୋମେ ଶିହରଣ ପୁଣି
ଅର୍ଦ୍ଧନିର୍ମିତ ହୁଏ ଆଖିପତା।
ଭାବିବାକୁ କିଛିକ୍ଷଣ ମନଚାହେଁ
ଭୁଲିବାକୁ ଭଲପାଏ ବର୍ତ୍ତମାନ।

ମନ ନଥିଲା, କିନ୍ତୁ ଥିଲା ବି
ଅସାମାନ୍ୟ ପ୍ରବୃତ୍ତି ପ୍ରେମିକର।
ଯାହା ଦବିଯାଇଥିଲା



ସମୟ ସ୍ରୋତରେ।
ଅନୁରାଗର ଚିରାଗ୍
ଜୁହୁଳୁଥିଲା ଏମିତିକି
ଅଳ୍ପକିଛି ଦିନ ବାକିଥିଲା
ପାଉଁଶ ହେବାକୁ।
ସେ... ସ୍ୱରର ପ୍ରତିଧ୍ୱନି
ହେଲା ମୋ ସଙ୍ଗୀତର ଝଙ୍କାର
ଅଜାଣତରେ।

ତା ଶବ୍ଦର ଚାତୁରୀ
କଣ୍ଠର କୋମଳତା
ସ୍ୱଚ୍ଛତା ଉଚ୍ଚାରିତ ଭାବନାର
କଥା କଥାକେ ଆତ୍ମୀୟତାର ସ୍ପର୍ଶ।
ଯୁଗଳବନ୍ଦୀର ସାଥୀ ସେ
ଭିନ୍ନ ଭିନ୍ନ ମୁହୂର୍ତ୍ତର।
ଭଲକଲା, ସର୍ତ୍ତ ବି ରଖିନେଲା
ଏ ପ୍ରତିଧ୍ୱନି ସମ୍ଭବ ଓ ସୀମିତ
କେବଳ ଥିବାଯାଏଁ
ତା ମନର ଶୟନ କକ୍ଷରେ।

*ଭିଆଇଏମ୍-୬୪୭*
*ଶୈଳଶ୍ରୀବିହାର, ଭୁବନେଶ୍ୱର-୨୧*
*ମୋ-୯୪୩୭୬୯୭୦୫୦*

# ପ୍ରେମିକା

**ଡ.ସ୍ମୃତି ପଟ୍ଟନାୟକ**



କାନ୍ଥ ଘଣ୍ଟାକୁ ଚାହିଁଲା ପ୍ରବୀର, ରାତି ବାରଟା ହେବାକୁ ଆଉ  ଦଶ ମିନିଟ୍। ଆଖିକୁ ନିଦ ଆସୁ ନଥିଲା, ଏବେ ସେ ସ୍ମାର୍ଟ୍ ଫୋନ ଅନ୍ କଲା, ଫେସ୍‌ବୁକ ଖୋଲି କିଛି ସମୟ ଦେଖିଲା ପରେ ଶୋଇ ପଡିଲା, ମୋବାଇଲଟା ଛାତି ଉପରେ ରହିଥିଲା, ସ୍ୱପ୍ନ ଦେଖୁଥିଲା ପ୍ରବୀର; କିଏ ଆସିଛି ସ୍ୱପ୍ନରେ; ତା ମନର ମାନସୀ, କାଜଲ୍ ସାରା ରାତି ତାକୁ ବହୁତ ଭଲ ଲାଗୁଥିଲା; ସ୍ୱପ୍ନରେ ସ୍ୱପ୍ନରେ ହଜିଯିବା ପାଇଁ ଇଚ୍ଛା ହେଉଥିଲା; ସ୍ୱପ୍ନ କଣ କେବେ ସତ ହୁଏ? ପାହାନ୍ତା ବେଳର ସ୍ୱପ୍ନ ସତ ହୁଏ; ତାହା ହେଲେ ରାତି ସାରା ସିଏ ଯେଉଁ ସ୍ୱପ୍ନ ଦେଖୁଥିଲା ତାର ପ୍ରକୃତ ପରିଣାମ କଣ ହେବ? କାଜଲ୍‌କୁ ଦେଖିବାକୁ ବହୁତ ଇଚ୍ଛା ହେଲାଣି, କାହିଁକି ଆସୁନି ସେ? ଅନ୍ତତଃ ଥରେ ହେଲେ ସେ ଆସୁ ତା ଜୀବନ ପରିଧିକୁ। ଏଇ ପାଞ୍ଚ ବର୍ଷ ଭିତରେ ସେ ତାକୁ ଥରେ ହେଲେ ବି ଦେଖିନି। ସେଇ ଯେ ଦେଖା ହୋଇଥିଲା ପି.ଜି. ପରୀକ୍ଷା ସରିବା ପରେ; ବିଶ୍ୱବିଦ୍ୟାଳୟରେ ରାଧାଚୂଡା ଗଛ ତଳେ ଦୁହେଁ ଏକାଠି ହୋଇଥିଲେ। ପିନ୍ଧିଥିଲା ବାଇଗଣୀ ରଙ୍ଗର ଶାଢୀ; ସାଧାସିଧା ଚେହେରା, ଆଖି ଦୁଇଟାରେ ଭାରି ତେଜ ଆଉ ମଧୁରତା ମିଶି କରି ରହିଥାଏ। ସେ ହସିଲେ ଭାରି ସୁନ୍ଦର ଦିଶେ। ସେଦିନ ସେ ଭାରି ହସୁଥିଲା, ଖୁସି ମଧ୍ୟ ଥିଲା। ସେ ଏତେ ଖୁସିରେ ଅଧିର ହୋଇ ପଡିଥିଲା ଯେ, ତାକୁ କିଛି ଜଣାପଡୁନଥିଲା। ତା ଖୁସିର କାରଣ ପ୍ରବୀର ପଚାରିଥିଲା। ସେ ଭାବବିହ୍ୱଳ ହୋଇ କହିଥିଲା, "ମୋର ଶେଷ ବର୍ଷ ପରୀକ୍ଷା ସରିଗଲା, ଏବେ ମୁଁ ମୋ ଗାଁକୁ ଯିବି, ସେଠି ବାପା, ମାଆ ଆଉ ମୋ ସାନ ଭଉଣୀ ନିନୁ ଅପେକ୍ଷା କରିଥିବେ ମୋ ଫେରିବା ବାଟକୁ। ସେମାନଙ୍କ ସାଙ୍ଗରେ ମୁଁ ବହୁତ ମଜା କରିବି।" ତାପରେ ପ୍ରବୀର ତା ହାତକୁ ଗୋଟାଏ ଗୋଲାପି ରଙ୍ଗର ପ୍ୟାକେଟ୍ ଟିଏ ଧରାଇ ଦେଇଥିଲା। କ'ଣ ଏଇ ପ୍ୟାକେଟ୍ ଭିତରେ ଅଛି ସେ ପଚାରି ଥିଲା? ପ୍ରବୀର କହିଥିଲା ତମେ ଘରକୁ ଗଲେ ଖୋଲିବ; ଜାଣିବ ତା ଭିତରେ କଣ ଅଛି। କାଜଲ ହସିଥିଲା। ଭାରି ମଧୁର ସେ ହସ ; ସତରେ କଣ କାଜଲ୍‌ର ଏତେ ସୁନ୍ଦର ଆଖି, ଓଠ, ହସ, ସବୁ ଯେମିତି ପାଗଳ କରୁଥିଲା ପ୍ରବୀରକୁ। ସେଦିନ ରାତି ନଅଟା ବାଜି ସାରିଥିଲା , ଦୁହେଁ ଦୁହିଁଙ୍କ ଠାରୁ ବିଦାୟ ନେଇ ହଷ୍ଟେଲ୍‌କୁ ଫେରିଥିଲେ। ତା ପର ଦିନ ପ୍ରବୀର କାଜଲ୍‌କୁ ବଷ୍ଟ ଷ୍ଟାଣ୍ଡରେ ସମ୍ବଲପୁର ବସ୍‌ରେ ବସାଇ ସାରି ପୁରାପୁରି ଚୁପ୍ ହୋଇଯାଇଥିଲା। ଆଉ କାଜଲ୍ ବି;  ପ୍ରବୀରର ହାତ ମୁଠାରେ କାଜଲ୍‌ର ଦୁଇହାତ ରହିଥିଲା। ଦୁହେଁ ଦୁହିଁଙ୍କୁ ନୀରବ ପ୍ରେମର ଅଭିବ୍ୟକ୍ତି ଜଣାଉଥିଲେ ଯେମିତି। ପ୍ରବୀର ନିଜ ଆଡୁ ଆଗ ପ୍ରଶ୍ନ କରିଥିଲା।

- ଆଉ କେବେ ଦେଖା ହେବ?

- କାଜଲ କିଛି ଉତ୍ତର ଦେଇ ନଥିଲା।

ତା ଆଖିର ଚାହାଣୀରେ ଯେମିତି ଅନେକ ଅବୁଝା କଥା ଛପି ହୋଇ ରହିଥିଲା, ଭାରି ଫାଙ୍କା ଫାଙ୍କା ଲାଗୁଥିଲା ପ୍ରବୀରକୁ, ବସ୍ ଛାଡି ଦେଇଥିଲା, ପ୍ରବୀର ମଧ୍ୟ ଅନ୍ୟଏକ ବସ୍‌ରେ ନିଜ ଗାଆଁକୁ ଚାଲି ଯାଇଥିଲା। ତା ପର ଠାରୁ ଆଉ ଦେଖା ହୋଇନି କାଜଲ୍ ସାଙ୍ଗରେ। କାଜଲ୍ ତା ପାଖକୁ ଗୋଟେ ଚିଠି ପଠାଇଥିଲା ମଝିରେ ଲେଖିଥିଲା ଯେ, ସେଦିନ ସେ ଦେଇଥିବା ଉପହାରଟି ଖୁବ୍ ସୁନ୍ଦର ହୋଇଛି ବୋଲି। ପ୍ରଖ୍ୟାତ ଇଂରାଜୀ ଔପନ୍ୟାସିକ ଭି.ଏସ୍. ନାଇପଲ୍‌ଙ୍କର ବହି 'ଏ ହାଉସ୍ ଫର୍ ମିଷ୍ଟର ବିଶ୍ୱାସ', ସତରେ ଭାରି ଚମତ୍କାର ମନକୁ ଛୁଇଁଲା ଭଳି , ଏମିତି ଏକ ଉପହାର ଦେଇଥିବାରୁ ସେ ପ୍ରବୀରକୁ ଅନେକ ଅନେକ ଧନ୍ୟବାଦ ଜଣାଇଥିଲା। ପ୍ରବୀର ଚିଠିର ରିପ୍ଲାଇ ମଧ୍ୟ ଦେଇଥିଲା କିନ୍ତୁ ତାପରେ ଆଉ କିଛି  ନଥିଲା, ସବୁ ଯେମିତି ଶୂନ୍ୟତାରେ ଝୁଲୁଥିଲା। ବହୁତ ଥର ସେ ଭାବିଛି କାଜଲ୍‌ର ଘରକୁ ଯିବ; କିନ୍ତୁ ସମ୍ଭବ ହୋଇନଥିଲା। ତା ଭିତରେ ଦୀର୍ଘ ପାଞ୍ଚ ବର୍ଷ ବିତି ଯାଇଥିଲା। ଦିନେ ସକାଳୁ ସକାଳୁ ସେ ଶୋଇଶୋଇ ସ୍ୱପ୍ନ ଦେଖୁଥିଲା ଅତି ପାଖରୁ; ସବୁଦିନ ପରି ସୂର୍ଯ୍ୟ ଉଇଁଲେ ପୂର୍ବ ଦିଗରେ; ବର୍ଷା ଦିନ ବୋଲି ଗଛବୃଛରେ ସବୁଜିମା ଭରି ରହିଥିଲା; ଝରକା ବାଟେ ପ୍ରବୀର ମନେମନେ ଉଲ୍ଲସିତ ହେଉଥିଲା ପ୍ରକୃତିର ସୌନ୍ଦର୍ଯ୍ୟ ଦେଖି। ଦାଣ୍ଡ ଦୁଆରେ କାହାର ପାଦ ଶବ୍ଦ ଶୁଣି ସେ ଧଡ୍‌କିନା ବିଛଣାରୁ ଉଠି ପଡି କବାଟ ଖୋଲି ଦେଖେ ତ ପେପର ବାଲା ପେପର ଦେଇଗଲାଣି। ପେପର ଉପରେ ଆଖି ବୁଲାଉ ବୁଲାଉ ଏକ ଖବର ଉପରେ ନଜର ପଡିଲା ତାର। ସେ ସ୍ତମ୍ଭୀଭୂତ ହୋଇଗଲା, କାଜଲ୍ ଯୋଶୀର ଫଟୋ ଉପରକୁ ଲେଖା ହୋଇଛି 'ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ'। କାଜଲ୍‌ର ମରିବା ବର୍ଷେ ହୋଇଯାଇଥିଲା। ତାକୁ ସ୍ମରଣ କରିବା ପାଇଁ ତାର ବାପା, ମାଆ ତା ଫଟୋ ଦେଇଥିଲେ ଖବର କାଗଜରେ। ପ୍ରବୀର ସ୍ଥିର ହୋଇଯାଇଥିଲା କିଛି ସମୟ ପାଇଁ। ପାଦ ତଳୁ ପୃଥିବୀଟା ଖସିଗଲା ଭଳି ଲାଗୁଥିଲା। ଏକ ମାର୍ମିକ ବେଦନାରେ ସେ ମ୍ରିୟମାଣ ହୋଇପଡିଥିଲା। ତା ପରଠାରୁ ତାକୁ ଏକ ନୀରବତା ମାଡି ବସିଲା, ରାତିରାତି ତାକୁ ନିଦ ହୋଇନଥିଲା। ଶେଷରେ ନିଦ ବଟିକା ଖାଇ ଶୋଇବାକୁ ପଡିଲା; ସବୁବେଳେ ତାକୁ ଲାଗୁଥିଲା କାଜଲ୍ ଯେମିତି ତାକୁ ଅତି ପାଖରୁ କହୁଛି ଭଲ ପାଇବା ଏତେ ସହଜ ନୁହେଁ; ତାହା ମିଳିଲେ ବି ଏକାଠି ରହିବା ସମ୍ଭବ ନୁହେଁ।  ଏଇୟା ହିଁ ଆମ ଦୁହିଁଙ୍କର ନିୟତି ବୋଧେ.....।

*ଅଧ୍ୟାପିକା, ୟୁ.ଏନ୍. କଲେଜ*
*ଅଡଶପୁର, କଟକ*
*ମୋ- ୯୯୩୮୪୪୦୯୪୯*




# ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପାଇଁ ସଜବାଜ

**ପାରାଦୀପ :** କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୨୦୧୮ର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଫିସର୍ସ କ୍ଲବର ସମ୍ମିଳନୀ କକ୍ଷରେ ସମ୍ପୂର୍ଣ୍ଣ ସରକାରୀ ସ୍ତରରେ ଆୟୋଜିତ ବାଲିଯାତ୍ରା କମିଟିର ଅଧକ୍ଷ ତଥା ଜଗତସିଂହପୁର ଜିଲ୍ଲାପାଳ ଶ୍ରୀମତୀ ଯାମିନୀ ଷଡଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ପ୍ରସ୍ତୁତ ବୈଠକରେ ଆସନ୍ତା ନଭେମ୍ବର ମାସ ୨୨ତାରିଖ ଠାରୁ ୭ଦିନ ବ୍ୟାପି ସ୍ଥାନୀୟ ବିଜୁ ମଇଦାର ବେଳାଭୂମି ଉପରେ ହେବାକୁ ଯାଉଛି । ପ୍ରସ୍ତୁତ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ପାରାଦୀପର ବିଧାୟକ ଡା. ଦାମୋଦର



ରାଉତ ଯୋଗଦେଇ ବାଲିଯାତ୍ରା ସୁରୁଖୁରରେ ପାଳନ କରିବା ସହିତ ବିଭିନ୍ନ ସମସ୍ୟା ଉପରେ କମିଟିକୁ ସୁପରାମର୍ଶ ଦେଇଥିଲେ । ଆୟୋଜିତ ହେଉଥିବା ପାରାଦୀପ କଳିଙ୍ଗ ବାଲିଯାତ୍ରା ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଡ. ରାଉତ ପ୍ରକାଶ କରିଥିଲେ । ବାଲିଯାତ୍ରା କମିଟିର ଆବାହକ ତଥା ସମ୍ପାଦକ ପାରଦୀପ ପୌରପରିଷଦର ନିର୍ବାହୀ ଅଧିକାରୀ ଦିଲ୍ଲିପ କୁମାର ମହାନ୍ତି ୨୦୧୭ ବାଲିଯାତ୍ରା ମହୋତ୍ସବର ଆୟ ବ୍ୟୟର ବିବରଣୀ ପାଠ କରିଥିଲେ । କମିଟିର ଉପାଧକ୍ଷ ତଥା ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କାହ୍ନୁଚରଣ ଧିର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜଗତସିଂହପୁର ଏସ୍.ପି ପ୍ରକାଶ ଆର୍ ଆଇନ୍ ଶୃଙ୍ଖଳା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହିତ ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପୌରପାଳ ବସନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପୂର୍ବରୁ ବିଧାୟକ ଡ.ଦାମୋଦର ରାଉତଙ୍କୁ କମିଟି ତରଫରୁ ସ୍ୱାଗତ କରାଯାଇଥିଲା । ଏହି ବୈଠକରେ ପାରାଦୀପର ଅତିରିକ୍ତ ଏସ୍.ପି ବିଷ୍ଣୁ ଚରଣ ମିଶ୍ର, ବନ୍ଦର ଇଷ୍ଟେଟ୍ ଅଫିସର ବିଶ୍ୱଜିତ୍ ମିଶ୍ର ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ପାରାଦୀପ କଲେଜର ଅଧକ୍ଷ ଡ.ସୁରେନ୍ଦ୍ର ମୋହନ ମିଶ୍ର, ପରିବେଶବିତ୍, ଡ.କୈଳାଶ ଚନ୍ଦ୍ର ମହାରଣା, ପାରାଦୀପ କଲେଜ ପୁରାତନ ଛାତ୍ର ସଂସଦର ସଭାପତି ମାୟାଧର ରାଉତଙ୍କ ସମେତ କମିଟିର ଶତାଧିକ ସଭ୍ୟ ଓ ସଭ୍ୟା ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପାରଦୀପ ଏଡିଏମ୍ ଅଫିସିର ବଡବାବୁ ତଥା କମିଟିର କୋଷାଧକ୍ଷ ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ସମସ୍ତ ପୌର ଏବଂ ଏଡିଏମ୍ ଅଫିସର କର୍ମଚାରୀମାନେ ସହଯୋଗ କରିଥିଲେ ।

# ଗ୍ରାମସଭାରେ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗୃହୀତ

**ମାର୍ଶାଘାଇ :** ମାର୍ଶାଘାଇ ପଞ୍ଚାୟତ ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଗ୍ରାମ ସଭା ସୁବ୍ରତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୃକ୍ଷ ରୋପଣ ଏବଂ ପାନୀୟଜଳ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା । ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର କୁମାର ଦାସ , ନାଏବ ସରପଞ୍ଚ ରମାକାନ୍ତ ଲେଙ୍କା, ୱାର୍ଡ଼ ସଭ୍ୟ ଗୌତମ ବେହେରା, ଗ୍ରାମ ରୋଜଗାର ସେବକ ବିଶ୍ୱରଂଜନ ଜେନା, ମାର୍ଶାଘାଇ ବ୍ଲକ ସମିକ୍ଷକ ରମାକାନ୍ତ ସ୍ୱାଇଁ, ଗ୍ରାମ ସମ୍ବଳ ବ୍ୟକ୍ତି ମଧୁସ୍ମିତା ସାମଲ, ରାଜଶ୍ରୀ ସ୍ୱାଇଁ, ଉଷାରାଣୀ ଦାସଙ୍କ ସହ ଜବ୍‌କାର୍ଡ଼ଧାରୀ ମାନେ ଅଂଶଗ୍ରହଣ କରିଥିଲେ । ସେହିପରି ଦୁମୁକା ପଂଚାୟତ ସଭାଗୃହରେ ବାବାଜୀ ଚରଣ ନାୟକଙ୍କ ସଭାପତିତ୍ୱରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ସତ୍ୟନାରାୟଣ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଚକ୍ରଧର ଜେନା,ଗ୍ରାମରୋଜଗାର ସେବକ ନମିତା ନାୟକ, ଗ୍ରାମ ସମ୍ବଳ ବ୍ୟକ୍ତି ସୁଜାତା ସାମନ୍ତରାୟ,ନିଳିମା ପ୍ରୟଦର୍ଶିନୀ ସ୍ୱାଇଁ, ରେଣୁବାଳା ଦାସଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ଼ ସଭ୍ୟ ଏବଂ ଜବ୍‌କାର୍ଡ଼ ଧାରୀ ମାନେ ଆଲୋଚନାରେ ଭାଗନେଇଥିଲେ । ଏଥିରେ ପାନୀୟ ଜଳ ,ବୃକ୍ଷ ରୋପଣ ଓ ଗ୍ରାମ୍ୟରାସ୍ତା ନିର୍ମାଣ ସମ୍ପର୍କରେ ପ୍ରସ୍ତାବ ଗୃହିତ ହୋଇଥିଲା ।

# ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ବୈଠକ

**ମାର୍ଶାଘାଇ :** ମାର୍ଶାଘାଇର ପ୍ରସିଦ୍ଧ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ।ଚଳୀତ ବର୍ଷ ପୂଜାକୁ ସରସ ସୁନ୍ଦର କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ଅଷ୍ଟମୀ,ନବମୀ ଏବଂ ଦଶହରା ତିନି ଦିନ ଧରି ସଂଧ୍ୟାରେ ଭଜନ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଭଷାଣି ଉତ୍ସବ ୨୦ ତାରିଖ ସକାଳୁ ସକାଳୁ କରାଯାଇ ମଧ୍ୟାହ୍ନ ସୁଦ୍ଧା ମାଙ୍କ ମୂର୍ତ୍ତି ବିସର୍ଜନ କରାଯିବା ଏବଂ ଶାନ୍ତି ଶୃଙ୍ଖଳାର ସହିତ ପୂଜା ସଂପନ୍ନ କରିବାକୁ ସଭାପତି ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ । ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ସ୍ୱାଇଁ,ସୁନାକର ଗାହାଣ,ମନୋରଂଜନ ଦଳାଇ,ଅରୁଣ କୁମାର ବେଉରା, ବିଚିତ୍ରାନନ୍ଦ ବେହେରା,ସୁବ୍ରତ କୁମାର ପ୍ରଧାନ,ଲିଟୁ ଦାସ,ଦୟାନିଧି ଦାସ, ଜଗବନ୍ଧୁ ବେହେରା, ଜ୍ଞାନରଂଜନ ରାଉତ, ଧ୍ରୁବକିଶୋର ନାୟକ,ମଧୁସୂଦନ ବେହେରା, ମନୋରଂଜନ ଦାସ,ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଏସ୍‌ଟି ଆଦାୟରେ ଉନ୍ନତି, ଓଡ଼ିଶାର ରାଜସ୍ୱ ହ୍ରାସ : ଅର୍ଥମନ୍ତ୍ରୀ

**ଭୁବନେଶ୍ୱର :** ଜିଏସଟି କାଉନସିଲର ୩୦ତମ ବୈଠକ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ମୁଖ୍ୟତଃ ଦ୍ରବ୍ୟ ଓ ସେବାକରରେ ରାଜସ୍ୱ ଆଦାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଓଡ଼ିଶାର ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଥିଲେ, ଓଡ଼ିଶାରେ ଜିଏସ୍‌ଟି ଆଦାୟରେ ଉନ୍ନତି ଘଟିଛି । ଓଡ଼ିଶାର ରାଜସ୍ୱ ସଂଗ୍ରହର ବ୍ୟବଧାନ ୨୦୧୭ ଅଗଷ୍ଟରୁ ୨୦୧୮ ମାର୍ଚ୍ଚ ମଧ୍ୟରେ ୩୧ ପ୍ରତିଶତ ଥିଲା ବେଳେ ୨୦୧୮ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଏହା ୨୪ ପ୍ରତିଶତକୁ ହ୍ରାସ ପାଇଛି । ରିଟର୍ଣ୍ଣ ଦାଖଲ କ୍ଷେତ୍ରରେ ଓଡ଼ିଶାରେ ଉନ୍ନତି ଘଟିଛି । ୨୦୧୭ରେ ଧାର୍ଯ୍ୟ ଦେୟ ସମୟ ଅକ୍ଟୋବର ସୁଦ୍ଧା ୪୫.୦୬ ପ୍ରତିଶତ ରିଟର୍ଣ୍ଣ ଫାଇଲିଂ ଦାଖଲ ହୋଇଥିବା ବେଳେ ଜୁଲାଇ ୨୦୧୮ରେ ତାହା ବୃଦ୍ଧି ପାଇଁ ୬୧. ୫୧ ପ୍ରତିଶ୍ରତ ହୋଇଛି । ଜିଏସ୍‌ଟି ପ୍ରଚଳନ ଫଳରେ ଓଡ଼ିଶାର ରାଜସ୍ୱ ହ୍ରାସ ପାଇଥିବା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ବେହେରା ସୂଚନା ଦେଇଥିଲେ । ଜିଏସ୍‌ଟି ପ୍ରଚଳନ ପୂର୍ବରୁ ରାଜ୍ୟରେ ଧାନ, ଚାଉଳ, ଅଟା, ମଇଦା, ସୁଜି, ଗହମ, ଗୁଡ଼ ଇତ୍ୟାଦିରେ ୫ ପ୍ରତିଶତ କର ଆଦାୟ ହେଉଥିବା ବେଳେ ଜିଏସ୍‌ଟି ଲାଗୁ ପରେ ଏସବୁ ଦ୍ରବ୍ୟକୁ କରମୁକ୍ତ କରାଯାଇଛି । ଏଥିସହିତ ରାଜ୍ୟରେ ପ୍ରମୁଖ କର ଆଦାୟ ସ୍ରୋତ ଖଣିଜ ପଦାର୍ଥ ଓ ଏଥିରୁ ପ୍ରସ୍ତୁତ ଦ୍ରବ୍ୟରୁ ଆସିଥାଏ । ଜିଏସଟି ଅନୁଯାୟୀ ଯେଉଁ ରାଜ୍ୟରେ ଏହି ଦ୍ରବ୍ୟ ବ୍ୟବହାର କରାଯିବ, ସେହି ରାଜ୍ୟରେ ଜିଏସ୍‌ଟି ଆଦାୟ ହେଉଥିବାରୁ ଓଡ଼ିଶା ଏହି ଟିକସ ହରାଉଛି । ଏଥିସହିତ ଓଡ଼ିଶାରେ ପୂର୍ବ ପ୍ରଚଳିତ ଭାଟରେ ଅଧିକାଂଶ ଦ୍ରବ୍ୟରେ ୧୪.୫ ପ୍ରତିଶତ କର ଆଦାୟ କରାଯାଉଥିବା ବେଳେ ଏବେ ସେହିସବୁ ଦ୍ରବ୍ୟରେ ୯ ପ୍ରତିଶତ ଟିକସ ଆଦାୟ କରାଯାଉଥିବାରୁ ଓଡ଼ିଶାର ଟିକସ ଆଦାୟ ପରିମାଣ ହ୍ରାସ ପାଇଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି । ବୈଠକରେ ଅର୍ଥ ସଚିବ ତୁହିନକାନ୍ତ ପାଣ୍ଡେ, କର୍ମସିଆଲ୍ ଟ୍ୟାକ୍ସ ଓ ଜିଏସ୍‌ଟି କମିଶନର ଶାଶ୍ୱତ ମିଶ୍ରଙ୍କ ସମେତ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ମିଳୁନି ୟୁରିଆ ସାର, ଚିନ୍ତାରେ ଚାଷୀ

**ଭବାନୀପାଟଣା :** କଳାହାଣ୍ଡି ଜିଲା ନର୍ଲାରେ ୟୁରିଆ ସାରର ଉକ୍‌ଟ ସମସ୍ୟା ଦେଖା ଦେଇଛି । ଏହା ସାର ଡିଲରଙ୍କ ମନୋମୁଖି ହେଉ କିମ୍ବା କୃଷି ବିଭାଗ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ହେଉ ୟୁରିଆ ସାରର ଉକ୍‌ଟ ସମସ୍ୟାକୁ ନେଇ ନର୍ଲା । ଅଞ୍ଚଳର ଚାଷୀ ହନ୍ତସନ୍ତ ହେଉଛନ୍ତି । ୟୁରିଆ ସାର ଅଭାବ ଯୋଗୁଁ ଚାଷୀ କେତେବେଳେ ପ୍ୟାକ୍ସ ଅଫିସ ଦ୍ୱାରରେ ତ କେତେବେଳେ ଅଧିକୃତ ସାର ବିକ୍ରେତାଙ୍କ ଦ୍ୱାରକୁ ଦୋଉଡୁଛି । ନା ପ୍ରଶାସନ ନା ନେତା ମନ୍ତ୍ରୀ କେହି ଶୁଣୁ ନାହାନ୍ତି ଚାଷୀଙ୍କ ଆର୍ତ୍ତ ଚିତ୍କାର । ନର୍ଲାରେ ୟୁରିଆ ସାରର ଉକ୍‌ଟ ଅଭାବ ଲାଗି ରହିଛି । ଏହାର ପ୍ରତିବାଦ କରି ଶୁକ୍ରବାର ସକାଳ ୮ରୁ ଠାରୁ ଶହ ଶହ ଚାଷୀ ରୁପ୍ରାରୋଡ ହୋଲସେଲର ତଥା ଖୁଚୁରା ବ୍ୟବସାୟୀ ରାଜୁ ଅଗ୍ରୱାଲଙ୍କ ଦୋକାନ ଓ ରାସ୍ତାକଡ ବୁଢିପଦର ନିକଟସ୍ଥ ରାମାନୁଜ ଏଗ୍ରୋ ରାଇସ୍ ମିଲକୁ ଘେରାଉ କରିଥିଲେ । ହୋଲସେଲର ରାଜୁ ଅଗ୍ରୱାଲଙ୍କ ଦୋକନ ସାମ୍ନାରେ ଚାଷୀମାନେ ଭିଡ ଜମେଇ ବସିଥିବା ବେଳେ ସେ ଆଉଟିକେ ପରେ ଆସିବ ଓ ଦିବା ୧୧ଘଣ୍ଟା ସମୟରେ ୟୁରିଆ ପରଲସିଂହା ଠାରେ କାଦୁଆରେ ଫସିଯାଇଥିବା କହି ଭୁଆଁରେବୁଲେଇଥିଲେ । କିନ୍ତୁ ପ୍ରକୃତରେ ସାର ଆସିଥିଲା ଓ ସେହି ରାସ୍ତାକଡ ବୁଢିପଦର ନିକଟସ୍ଥ ରାମାନୁଜ ଏଗ୍ରୋ ରାଇସ୍ ମିଲ୍ ଭିତରେ ସାର ଟ୍ରକ୍ ଟିକୁ ହୋଲସେଲର ରାଜୁ ଅଗ୍ରୱାଲ ଲୁଚାଇ ରଖିଥିବା ଖବର ପାଇ ବଲବସପୁରର ଚାଷୀ ସୁରେନ୍ଦ୍ର ପଧାନଙ୍କ ନେତୃତ୍ୱରେ ଦିଲୀପ ସା, ଭାସ୍କର ଭୋଇ, ସୁରେସ ଭୋଇ, ଲିଙ୍ଗରାନ ପୋଢ, ରାଜକୁମାର ସାହୁ ପ୍ରମୁଖ ବହୁ ଉତ୍ତ୍ୟକ୍ତ ଚାଷୀ ରାମାନୁଜ ଏଗ୍ରୋକୁ ଘେରାଉ କରିବା ସହ ରାଇସ୍ ମିଲ ସମ୍ମୁଖରେ ଲୁଚାଯାଇଥିବା ଟ୍ରାଇକୁ ରାତି ସାର ଜଗି ରହିଥିଲେ । ଶନିବାର ସକାଳୁ ପରିସ୍ଥିତି ଭୟଙ୍କର ହେବା ସହ ଘଟଣା ସ୍ଥଳରେ ପୋଲିସ୍ ମୁତୟନ କୟାଇଥିଲା । ଚଢା ଦରରେ ସାର ବିକ୍ରୟ କରୁଥିବା ହୋଲରେଲର ରାଜୁ ଅଗ୍ରୱାଲ ଓ ରାମାନୁଜ ଏଗ୍ରୋ ମାଲିକ୍ ଭାଲୁ ଅଗ୍ରୱାଲଙ୍କୁ ଗିରଫ୍ କରାଯାଉ ଏବଂ ସେମାନଙ୍କ ଲାଇସେନ୍ସ କ୍ୟାନସଲକରି ଟ୍ରକଟିକୁ ହସ୍ତାନର କରାଯାଉ ବୋଲି ଉତ୍ତ୍ୟକ୍ତ ଚାଷୀ ଏଠାକୁ ଆସିଥିବା କୃଷି ବିଭାଗ କର୍ମଚାରୀଙ୍କୁ ଅଟକ ରଖି ଖମ୍ବରେ ବାନ୍ଧି ଦେବା ସହ ସହକାରୀ କୃଷି ଅଧିକାରୀ ସୁଧାଂଶୁ ମେହେର ଆସିଲେ ଛାଡିବୁ ବୋଲି କହିଥିଲେ । ନର୍ଲା ଆଇଆଇସି ରମଣି ରଞ୍ଜନ ଦଳେଇ ନର୍ଲା ପୋଲିସ୍ ସହ ନର୍ଲା ସହକାରୀ କୃଷି ଅଧିକାରୀ ଶ୍ରୀ ମେହେରଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ଏଓଙ୍କୁ ଉଦ୍ଧାର କରିଥିଲେ । ଧାରଣାରୁ ନିବୃତ ହେବାକୁ କହିବାରୁ ଚାଷୀମାନେ ଏକା ଜିଦିରେ ଘେରାଉ ଜାରି ରଖିଥିଲେ । ରୁପ୍ରାରୋଡ ସାର ହୋଲସେଲର ରାଜୁ ଅଗ୍ରୋୱାଲଙ୍କୁ ପଚାରିବାରୁ ମୁଁ କାହିଁକି ସାର ଲୁଚାଇ ରଖିବି ଓ ଏହା ସମ୍ପୂର୍ଣ୍ଣ ମିଥ୍ୟା କଥା କହି ଏଡାଇ ଦେଇଥିଲେ । ନର୍ଲାର ନାମକରା ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବରେ ପରିଚିତ ରୁପ୍ରାରୋଡରେ ରହିଛି ହୋଲସେଲ ସାର ଦୋକାନ । ରାଜୁ ଅଗ୍ରୱାଲ ନାମକ ହୋଲସେଲର ଜଣକୁ ସାରା ନର୍ଲା ବ୍ଲକକୁ ସାର ଯୋଗାଇଥାନ୍ତି । ଗତ ଗୋଟିଏ ମାସ ହୋଇଗଲା ନର୍ଲା ଅଞ୍ଚଳରେ ଲାଗି ରହିଥିବା ୟୁରିଆ ସାରର ଅଭାବକୁ ଦୃଷ୍ଟିରେ ରଖି ତଥା ଚାଷୀଙ୍କ ଚାହିଦାକୁ ନେଇ ୨୬୬ ଟଙ୍କା ବସ୍ତା ମୂଲ୍ୟରେ ୟୁରିଆ ସାରକୁ ୪୦୦ ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଚଢା ଦରରେ ସାର ଦୋକାନୀ ବିକ୍ରୟ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି । ନର୍ଲାରେ ୧୫,୦୦୦ ବସ୍ତା ୟୁରିା ସାରର ଆବଶ୍ୟକ ରହିଥିବା ବେଳେ ମାତ୍ର ୬୦୦ ବସ୍ତା ସାର ଆସିଛି । ଏବେ ପ୍ୟାକ୍ସ ଗୁଡିକରେ ମଧ୍ୟ ସରକାର ୟୁରିଆ ସାର ଆଉ ଉପଲବ୍ଧ କରାଉ ନାହାନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାଧ୍ୟତାମୂଳକ ...

ଏହା ବୈଧ କିନ୍ତୁ ବାଧ୍ୟତାମୂଳକ ନୁହେଁ ବୋଲି ଘୋଷଣା କରିଛନ୍ତି । ପ୍ରଧାନ ବିଚାରପତି ଦୀପକ ମିଶ୍ର, ବିଚାରପତି ଏଏମ ଖାନୱିଲକର ଏବଂ ନିଜ ତରଫରୁ ରାୟ ପଢ଼ି ଥିଲେ ବିଚାରପତି ଏକେ ସିକ୍ରି । ସେ ତାଙ୍କ ରାୟରେ ଉଲ୍ଲେଖ କରିଥିଲେ ଯେ ଆଧାର ସର୍ବୋତ୍ତମ ନହୋଇପାରେ । କିନ୍ତୁ ଏହା ଅନନ୍ୟ । ସର୍ବୋତ୍ତମ ହେଉଛି ଏକ ନମ୍ବର । ମାତ୍ର ଅନନ୍ୟ ହେଉଛି ଏକମାତ୍ର । ଏହାକୁ ନକଲ କରାଯାଇ ପାରିବ ନାହିଁ । ଆଧାର ଏବେ ପ୍ରାୟ ସମସ୍ତ ଭାରତୀୟଙ୍କ ପରିଚୟ ହୋଇସାରିଛି । ଏଥିରେ ମାତ୍ର ୦.୨୩୨% ତ୍ରୁଟି ରହିଛି । କିନ୍ତୁ ଏହାକୁ ରଦ୍ଦ କରିବା ଅର୍ଥ ଆଧାରରେ ପଞ୍ଜୀକୃତ ହୋଇଥିବା ୯୯%ଙ୍କୁ ସମସ୍ୟାରେ ପକାଇବା । ଗରୀବଙ୍କୁ ଶକ୍ତି ଓ ସୁରକ୍ଷା ଦେଇଛି ଆଧାର । ଗରୀବଙ୍କ ମର୍ଯ୍ୟାଦା ଗୋପନୀୟତାଠାରୁ ଅଧିକ ଓଜନଦାର । ବିଚାରପତି ସିକ୍ରି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ଯେ ଆଧାରକୁ ଅସ୍ତ୍ର କରି ରାଷ୍ଟ୍ର ନାଗରିକମାନଙ୍କର ଗୋପନୀୟତା ଉଲ୍ଲଙ୍ଘନ କରିପାରିବେ ନାହିଁ । କାରଣ ଏଥିରେ ସର୍ବନିମ୍ନ ବାୟୋମେଟ୍ରିକ ଓ ଡେମୋଗ୍ରାଫିକ ତଥ୍ୟ ବ୍ୟବହୃତ ହେଉଛି । ତେଣୁ ଏହା ନାଗରିକର ମୌଳିକ ଅଧିକାର ଉଲ୍ଲଙ୍ଘନ କରୁନାହିଁ । ଏହାକୁ ପ୍ୟାନ୍ ସହିତ ସଂଯୁକ୍ତ କରାଯିବା ବାଧ୍ୟତାମୂଳକ । କିନ୍ତୁ ଏହାର ବ୍ୟବହାର ବ୍ୟାଙ୍କ ଆକାଉଣ୍ଟ, ସ୍କୁଲରେ ନାମ ଲେଖା, ମୋବାଇଲ ଫୋନ୍ ସିମ୍ କାର୍ଡ଼ ପାଇବା ଆଦି କ୍ଷେତ୍ରରେ ବାଧ୍ୟତାମୂଳକ ନୁହେଁ । ଆଧାର ନଥିଲେ ବି କୌଣସି ହିତାଧିକାରୀଙ୍କୁ ସରକାରୀ ସେବା ଓ ରିହାତିରୁ ବଞ୍ଚିତ କରାଯାଇ ପାରିବ ନାହିଁ । ସେହିପରି ଆଧାରକୁ ଏକ ଅର୍ଥ ବିଲ୍ ଭାବେ ମଧ୍ୟ ସ୍ୱୀକୃତି ଦେଇଛନ୍ତି ବିଚାରପତି ସିକ୍ରି । ବିଚାରପତି ସିକ୍ରି କହିଛନ୍ତି ଯେ ଭାରତର କନସୋଲିଡେଟେଡ଼ ପାଣ୍ଠିରୁ ହିତାଧିକାରୀଙ୍କ ପାଇଁ ସବସିଡି ଆଦି ମଞ୍ଜୁର ହେଉଥିବାରୁ ଏହାକୁ ସରକାର ଅର୍ଥ ବିଲ୍ ଆକାରରେ ସଂସଦରେ ଗୃହୀତ କରିବା ଅସଙ୍ଗତ ନୁହେଁ । ରାୟ ଶେଷରେ ବିଚାରପତି ପରିହାସ ଛଳରେ କହିଛନ୍ତି, ଶିକ୍ଷା ଆମକୁ ଆଙ୍ଗୁଳି ଛାପରୁ ଦସ୍ତଖତ ଯାଏଁ ଉଠାଇଛି । କିନ୍ତୁ ପ୍ରଯୁକ୍ତି ଆମକୁ ପୁଣି ଥରେ ଦସ୍ତଖତରୁ ଆଙ୍ଗୁଳି ଛାପକୁ ଖସାଇ ଦେଇଛି । କିନ୍ତୁ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏକ ସ୍ୱତନ୍ତ୍ର ରାୟ ପ୍ରଦାନ କରି ଆଧାରକୁ ଅବୈଧ ଓ ଅସାମ୍ବିଧାନିକ ଘୋଷିତ କରିଛନ୍ତି । ସେ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ଯେ ଆଧାରକୁ ଅର୍ଥ ବିଲ୍ ଭାବେ ଗ୍ରହଣ କରିବା ସମ୍ବିଧାନ ସହ ଜାଲିଆତି କରିବା ସହିତ ସମାନ । ସମ୍ବିଧାନର ୧୧୦ ଧାରାରେ ଅର୍ଥ ବିଲ୍‌ର ସଂଜ୍ଞା ନିର୍ଦ୍ଧାରଣ କରାଯାଇଛି । ଆଧାର ସେଥିରେ ଥିବା ବ୍ୟବସ୍ଥା ବାହାରକୁ ଚାଲିଯାଇଛି । ଆଧାର ଆଇନର ୭ ଧାରାକୁ ଅସାମ୍ବିଧାନିକ ଘୋଷଣା କରି ବିଚାରପତି ଚନ୍ଦ୍ରଚୂଡ଼ କହିଛନ୍ତି ଯେ ରାଷ୍ଟ୍ରର ରିହାତି ପାଇବାକୁ ଏହି ଧାରା ଆଧାରକୁ ବାଧ୍ୟତାମୂଳକ ଘୋଷଣା କରିଛି । ଏହି ଧାରା ଅଧୀନରେ ରାଷ୍ଟ୍ରର ରିହାତି ଓ ସେବା ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯିବା ଅର୍ଥ ସମୟ ଆସିବ ଯେତେବେଳେ ଲୋକମାନେ ଆଧାର ସହିତ ବଞ୍ଚିବାକୁ ବାଧ୍ୟ ହୋଇଯିବେ । ଆଧାର ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମ କୋର୍ଟ ଅନେକ ରାୟରେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସରକାର ହିତାଧିକାରୀଙ୍କ ପାଇଁ ଏହାକୁ ବାଧ୍ୟତାମୂଳକ କରିଥିବାରୁ ବିଚାରପତି ଚନ୍ଦ୍ରଚୂଡ଼ ସରକାରଙ୍କୁ ଭର୍ତ୍ସନା କରିଥିଲେ । ସେହିପରି ବିଚାରପତି ଚନ୍ଦ୍ରଚୂଡ଼ ଆଧାର ଆଇନର ୫୭ ଧାରାକୁ ରଦ୍ଦ କରିଦେଇଛନ୍ତି । ଏହି ଧାରା ବଳରେ ଘରୋଇ କମ୍ପାନୀଗୁଡ଼ିକ ମଧ୍ୟ ଆଧାର ନମ୍ବର ମାଗୁଥିଲେ । ଏଣିକି କୌଣସି ଘରୋଇ କମ୍ପାନୀ ଲୋକମାନଙ୍କର ଆଧାର ନମ୍ବର ମାଗିପାରିବେ ନାହିଁ । ପୂର୍ବରୁ ଯେତେ ଘରୋଇ କମ୍ପାନୀ ଯେତେ ଲୋକଙ୍କର ଆଧାର ତଥ୍ୟ ନେଇଥିବେ ତାହାକୁ ତୁରନ୍ତ ଡିଲିଟ୍ କରିଦେବେ ଅର୍ଥାତ ଉଡ଼ାଇ ଦେବେ । କୌଣସି ଘରୋଇ କମ୍ପାନୀ ଲୋକଙ୍କ ଆଧାର ତଥ୍ୟ ପରସ୍ପର ମଧ୍ୟରେ ବଣ୍ଟନ କରିପାରିବେ ନାହିଁ । ସେ ଏହା ମଧ୍ୟ କହିଛନ୍ତି ଯେ ଆଧାରର କେନ୍ଦ୍ରୀୟ ଡାଟାବେସ୍‌ରୁ ତଥ୍ୟ ଲିକ୍ ହେଲେ ନାଗରିକଙ୍କ ଗୋପନୀୟତା ଉଲ୍ଲଙ୍ଘନ ହୋଇପାରେ । ନାଗରିକଙ୍କ ଲିକ୍ ତଥ୍ୟ ନେଇ ରାଷ୍ଟ୍ର ଓ ଅନ୍ୟ ସଂସ୍ଥାଗୁଡ଼ିକ ସେମାନଙ୍କ ଉପରେ ନଜର ରଖିବେ । ତେଣୁ ଏହା ଗୋପନୀୟତା ଅଧିକାର ଉଲ୍ଲଙ୍ଘନ କରିବ । ଏହି ଯୁକ୍ତିରେ ବିଚାରପତି ଚନ୍ଦ୍ରଚୂଡ଼ ଆଧାରକୁ ଅସାମ୍ବିଧାନିକ ଘୋଷଣା କରିଛନ୍ତି । କିନ୍ତୁ ବିଚାରପତି ଅଶୋକ ଭୂଷଣ ସଂଖ୍ୟାଧିକ ବିଚାରପତିଙ୍କ ମତ ସହିତ ଏକମତ ହୋଇ ନିଜର ସ୍ୱତନ୍ତ୍ର ରାୟ ପାଠ କରିଥିଲେ । ସେ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ଯେ ଆଧାର ବାହାନାରେ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସେବା, ସବସିଡି ଓ କଲ୍ୟାଣରୁ ବଞ୍ଚିତ କରାଯିବା ଉଚିତ ନୁହେଁ । ଆଧାର ଆଇନର ୫୭ ଧାରାକୁ ମଧ୍ୟ ସେ ଉଚ୍ଛେଦ କରିଦେଇଥିଲେ । ଏହା ସହିତ ଆଧାର ବିଲ୍‌କୁ ଲୋକସଭା ବାଚସ୍ପତି ଏକ ଅର୍ଥ ବିଲ୍ ଭାବେ ଗ୍ରହଣ କରିବା ଜୁଡ଼ିସିଆଲ ରିଭ୍ୟୁ ବା ବୈଚାରିକ ସମୀକ୍ଷାର ପରିସରଭୁକ୍ତ ବୋଲି ସେ ରାୟ ଦେଇଥିଲେ । ମୋଟାମୋଟି ଭାବେ ଅନୁଶୀଳନ କଲେ ସୁପ୍ରିମ କୋର୍ଟଙ୍କର ଏହି ରାୟ ଆଧାର ବ୍ୟବହାରକୁ ସଂକୁଚିତ କରିଦେଇଛି । କେବଳ ପ୍ୟାନ ସହିତ ଏହାର ସଂଯୋଗୀକରଣକୁ ବାଧ୍ୟତାମୂଳକ କରାଯାଇଛି । ଅନ୍ୟ ସମସ୍ତ ସରକାରୀ ସେବା, କଲ୍ୟାଣମୂଳକ କାର୍ଯ୍ୟକ୍ରମ ଓ ସବସିଡି ଆଦି କ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଯାଇ ନାହିଁ । ସ୍କୁଲ ଓ କଲେଜ ଇତ୍ୟାଦିରେ ନାମଲେଖା ସମୟରେ ଏହା ବାଧ୍ୟତାମୂଳକ ନୁହେଁ । ମୋବାଇଲ ସିମ୍ ପାଇବାକୁ ଏହା ବାଧ୍ୟତାମୂଳକ ନୁହେଁ । ବ୍ୟାଙ୍କରେ ଆକାଉଣ୍ଟ ଖୋଲିବାକୁ ଏହା ବାଧ୍ୟତାମୂଳକ ନୁହେଁ । ସିବିଏସଇ, ଏନଇଇଟି ଏବଂ ୟୁଜିସି ଭଳି ସାମ୍ବିଧାନିକ ସଂସ୍ଥାର ପରୀକ୍ଷା ପାଇଁ ମଧ୍ୟ ଆଧାର ବ୍ୟବହାର ଆଉ ବାଧ୍ୟତାମୂଳକ ନୁହେଁ ।

### ଅପରାଧ ...

କାରଣ ହୋଇ ନପାରେ, କିନ୍ତୁ ଏହାର ପରିଣାମ ନିଶ୍ଚୟ । ଏକ ଅସୁଖୀ ବିବାହ ବନ୍ଧନ ଭିତରେ ବଞ୍ଚି ରହିବା ଏକ ଦଣ୍ଡ ପରି । ବିଚାରପତି ଖାନୱିଲକର ଓ ନିଜ ତରଫରୁ ରାୟ ଘୋଷଣା କରି ପ୍ରଧାନ ବିଚାରପତି ମିଶ୍ର କହିଛନ୍ତି, ଅବଶ୍ୟ ପରକୀୟା ପ୍ରୀତି ବିବାହ ବିଚ୍ଛେଦର ଆଧାର ହୋଇପାରେ । ବିଚାରପତି ରୋହିନଟନ ଏଫ. ନରିମାନ ନିଜର ଏକ ଅଲଗା ରାୟ ଘୋଷଣା କରି କହିଛନ୍ତି ଯେ ଭାରତୀୟ ପିଙ୍ଗଳ କୋଡ଼ର ୪୯୭ ଦଫା ଏକ ପୁରୁଷ ପ୍ରଧାନ ପରିକଳ୍ପନା । ଏହି ଦଫା ଅନୁସାରେ ସ୍ତ୍ରୀଙ୍କ ପରକୀୟା ପ୍ରୀତି ପଛରେ ସ୍ୱାମୀଙ୍କ ଅନୁମୋଦନ ଥିଲେ ତାହା ଅପରାଧ ନୁହେଁ । ଏଇଥିରୁ ଏହା ସ୍ପଷ୍ଟ ଯେ ଏହା ଏକ ମହିଳା ବିରୋଧୀ ଦଫା । ଏହା ସ୍ତ୍ରୀଙ୍କୁ ସ୍ୱାମୀଙ୍କ ଅସ୍ଥାବର ସଂପତ୍ତି ଭାବେ ଗ୍ରହଣ କରୁଛି । ପ୍ରାୟ ୧୫୦ ବର୍ଷ ତଳେ ପ୍ରଣୀତ ହୋଇଥିଲା ଭାରତୀୟ ପିଙ୍ଗଳ କୋଡ଼ । ଏହାର ବହୁ ବର୍ଷ ପରେ ପ୍ରଣୀତ ହୋଇଛି ଭାରତୀୟ ସମ୍ବିଧାନ । ଭାରତୀୟ ସମ୍ବିଧାନରେ ନାରୀ ଓ ପୁରୁଷଙ୍କୁ ସମାନ ଅଧିକାର ଦିଆଯାଇଛି । ସମ୍ବିଧାନରେ ଉଭୟ ସମାନ । ଏହି ସମାନତାର ଅଧିକାର ଦୃଷ୍ଟିରୁ ଭାରତୀୟ ପିଙ୍ଗଳ କୋଡ଼ର ୪୯୭ ଧାରା ସଂପୂର୍ଣ୍ଣ ଅସାମ୍ବିଧାନିକ ବୋଲି ମତ ଦେଇଛନ୍ତି ବିଚାରପତି ନରିମାନ । ପୁରୁଷ ନାରୀକୁ ପ୍ରଲୋଭିତ କରେ ବୋଲି ରହିଥିବା ପ୍ରାଚୀନ ଧାରଣାକୁ ଫିଙ୍ଗି ଦିଆଯିବା ଉଚିତ ବୋଲି ବିଚାରପତି ନରିମାନ କହିଛନ୍ତି । ସେହିପରି ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ନିଜର ସ୍ୱତନ୍ତ୍ର ରାୟ ଘୋଷଣା କରି ବିବାହ ବନ୍ଧନ ଭିତରେ ମହିଳାମାନଙ୍କର ଯୌନ ସ୍ୱାଧୀନତା ବା ସ୍ୱତନ୍ତ୍ରତା ସପକ୍ଷରେ ମତ ଦେଇଛନ୍ତି । ବିବାହର ଦୁଇ ଅଂଶୀଦାର ପରସ୍ପରର ଯୌନ ସ୍ୱାଧୀନତାକୁ ସମ୍ମାନ ପ୍ରଦାନ କରିବା ଉଚିତ । ପରସ୍ପର ପ୍ରତି ସମ୍ମାନବୋଧରୁ ଏହି ସମ୍ମାନ ପ୍ରସ୍ଫୁଟିତ ହୋଇଥାଏ ବୋଲି ବିଚାରପତି ଚନ୍ଦ୍ରଚୂଡ଼ କହିଛନ୍ତି । ବିବାହ ବନ୍ଧନ ଭିତରେ ମଧ୍ୟ ମହିଳାଙ୍କର ଯୌନ ସ୍ୱତନ୍ତ୍ରତା ରହିଛି । ବିବାହର ମାନେ ଜଣକର ସ୍ୱାଧୀନତାକୁ ଅନ୍ୟ ଜଣକୁ ସମର୍ପଣ କରିବା ନୁହେଁ । ଯୌନଗତ ପସନ୍ଦ ନିର୍ଦ୍ଧାରଣ କରିବାର କ୍ଷମତା ମାନବିକ ସ୍ୱାଧୀନତାର ଅପରିହାର୍ଯ୍ୟ ଅଙ୍ଗ । ଘରୋଇ ପରିବେଶରେ ମଧ୍ୟ ବ୍ୟକ୍ତିର ଏହି ଅଧିକାର ରହିଛି । ବିଚାରପତି ଚନ୍ଦ୍ରଚୂଡ଼ କହିଛନ୍ତି, ସମାଜ ମହିଳାଙ୍କ ଉପରେ ଅସମ୍ଭବ ଗୁଣାବଳି ଲଦି ଦିଏ । ତାଙ୍କୁ ଏକ ଉଚ୍ଚ ପାହାଚରେ ବସେଇ ଦିଏ । ତାଙ୍କୁ ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ବାନ୍ଧିଦିଏ । ତାଙ୍କୁ ଏକ ବସ୍ତୁ ଭାବେ ବ୍ୟବହାର କରେ, ତାଙ୍କୁ ଦଣ୍ଡ ଦିଏ କିନ୍ତୁ ତାଙ୍କୁ ଧର୍ଷଣ କରିବାକୁ, ନିର୍ଯାତିତ କରିବାକୁ, କନ୍ୟାଭ୍ରୁଣ ହତ୍ୟା କରିବାକୁ ଏବଂ ଘର ଭିତରେ ତାଙ୍କ ବିରୋଧରେ ବାଛବିଚାର କରିବାକୁ ପଛାଏ ନାହିଁ । ବିଚାରପତି ଇନ୍ଦୁ ମାଲହୋତ୍ରା ତାଙ୍କ ରାୟ ପଢ଼ି କହିଛନ୍ତି ଯେ ଭାରତୀୟ ପିଙ୍ଗଳ କୋଡ଼ର ୪୯୭ ଦଫା ଆଚ୍ଛାଦନ ସିଦ୍ଧାନ୍ତ ବା ଡକ୍ଟ୍ରିନ ଅଫ୍ କୋଭେର୍ଚର ଉପରେ ପର୍ଯ୍ୟବସିତ । ଏହି ସିଦ୍ଧାନ୍ତ ଅନୁସାରେ ବିବାହ ସହିତ ମହିଳାଙ୍କର ପରିଚୟ ଓ ଆଇନଗତ ଅଧିକାର ଲୋପପାଏ । ତେଣୁ ଏହି ଦଫା ମହିଳାଙ୍କର ମୌଳିକ ଅଧିକାରର ଉଲ୍ଲଙ୍ଘନ କରୁଛି । ଭାରତୀୟ ସମ୍ବିଧାନ ଏହି ସିଦ୍ଧାନ୍ତକୁ ସ୍ୱୀକାର କରେ ନାହିଁ । କୌଣସି ଆଇନ ଯଦି ଏକ ସଭ୍ୟ ସମାଜରେ ବ୍ୟକ୍ତିଗତ ମର୍ଯ୍ୟାଦା ଓ ମହିଳାଙ୍କ ସମାନତା ଅଧିକାରକୁ କ୍ଷୁର୍ଣ୍ଣ କରେ ତେବେ ତାହା ସମ୍ବିଧାନ ବିରୋଧ ମହିଳାଙ୍କ ବ୍ୟକ୍ତିଗତ ମର୍ଯ୍ୟାଦା ଗୋଟେ ଭବନର ଉପଭବନ ନୁହେଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ୪୯୭ ଦଫା ସପକ୍ଷରେ ମତ ରଖିଥିଲେ । କେନ୍ଦ୍ର ସରକାର ଯୁକ୍ତି କରିଥିଲେ ଯେ ଏହି ଦଫା ଉଠେଇ ଦେଲେ ବିବାହ ଅନୁଷ୍ଠାନ ଭାଙ୍ଗିଯିବ, ବିବାହର ପବିତ୍ରତା ନଷ୍ଟ ହୋଇଯିବ । ଏହା ସମାଜକୁ ଧ୍ୱଂସ କରିବ । କେରଳବାସୀ ଯୋଶେଫ ଶାଇନ୍‌ଙ୍କ ୪୯୭ ଦଫା ଉଚ୍ଛେଦ କରିବା ଦାବିରେ ଦାଏର କରିଥିବା ଏକ ପିଟିସନର ବିଚାର କରି ସୁପ୍ରିମ କୋର୍ଟ ଏହି ଐତିହାସିକ ରାୟ ଶୁଣାଇଛନ୍ତି । ତାଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରିଥିଲେ ଆଇନଜୀବୀ କାଳୀଶ୍ୱରମ ରାଜ ଏବଂ ଏମଏସ ସୁବିଦତ୍ତ । ଭାରତୀୟ ପିଙ୍ଗଳ କୋଡ଼ର ୪୯୭ ଦଫା ଅନୁସାରେ ପତିଙ୍କର ନିଜ ପତ୍ନୀଙ୍କ ପ୍ରେମିକକୁ ଦଣ୍ଡ ଦେବାର ଅଧିକାର ରହିଛି । ଯଦି ତାଙ୍କ ଅଭିଯୋଗ ଅନୁସାରେ ତାଙ୍କ ପତ୍ନୀଙ୍କ ପ୍ରେମିକଙ୍କର ଦୋଷ ସାବ୍ୟସ୍ତ ହୁଏ ତେବେ ଏହି ଦଫା ଅନୁସାରେ ତାଙ୍କୁ ୫ ବର୍ଷ ଯାଏଁ କାରାବାସ ହୋଇପାରିବ । କିନ୍ତୁ ଏହି ଦଫାରେ ପତ୍ନୀଙ୍କୁ ଏହି ଅଧିକାର ମିଳି ନାହିଁ । ଯଦି ସ୍ୱାମୀ ଅନ୍ୟ କୌଣସି ନାରୀ ସହିତ ଯୌନ ସଂପର୍କ ରଖିଥାନ୍ତି ତେବେ ପତ୍ନୀ ତାଙ୍କ ବିରୋଧରେ ମକଦ୍ଦମା କରିପାରିବେ ନାହିଁ । ଏହି ଦଫାରେ ମଧ୍ୟ ସ୍ୱାମୀ ଯଦି ଜଣେ ଅବିବାହିତା ମହିଳାଙ୍କ ସହ ସଂପର୍କ ରଖିଥାନ୍ତି ସେ ସଂପର୍କରେ କିଛି କୁହାଯାଇ ନାହିଁ ।

### ୫୦%ରୁ ଟପିବନି ...

ହାଇକୋର୍ଟ ଏହି ମାମଲାର ବିଚାର କରି ସରକାରଙ୍କୁ ୫୦ ପ୍ରତିଶତ ଆରକ୍ଷଣର ଲକ୍ଷ୍ମଣରେଖା ନ ଟପିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓଡ଼ିଶା ମ୍ୟୁନିସିପାଲ୍ ଆଇନ ୧୯୫୦ ଆଧାରରେ ନିଷ୍ପତ୍ତି ନେଇଥିବା ଦର୍ଶାଇ ସୁପ୍ରିମ୍‌କୋର୍ଟଙ୍କ ପାଖରେ ଅପିଲ୍ କରିଥିଲେ । ଏହି ଆଇନ ଦ୍ୱାରା ତଫସିଲ୍‌ଭୁକ୍ତ ଜାତି, ଜନଜାତି ଏବଂ ଓବିସି ବର୍ଗଙ୍କ ଆରକ୍ଷଣ ଉପରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ଦର୍ଶାଇ ରାଜ୍ୟ ସରକାର ଯୁକ୍ତି ବାଢ଼ିଥିଲେ । ଏହାଦ୍ୱାରା ଚଳିତ ମାସ ୩୦ ତାରିଖରେ ପୂରିବାକୁ ଥିବା ୬୫ଟି ପୌରାଞ୍ଚଳ ଏବଂ ବ୍ରହ୍ମପୁର ମହାନଗର ନିଗମର ପରବର୍ତ୍ତୀ ନିର୍ବାଚନ ଅନିଶ୍ଚିତତା ଭିତରକୁ ଟାଣି ହୋଇଯାଇଥିଲା । ପୁଣି ଡିସେମ୍ବର ୧୦ରେ ୨୨ଟି ପୌରାଞ୍ଚଳ, ଜାନୁଆରୀ ୧୭ରେ ଭୁବନେଶ୍ୱର ମହାନଗର ନିଗମ ଓ ଫେବୃଆରୀ ୧୭ରେ କଟକ ମହାନଗର ନିଗମ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାରୁ ପୌର ସଂସ୍ଥାଗୁଡ଼ିକରେ ଏକ ଅଚଳାବସ୍ଥା ଆଶଙ୍କା କରାଯାଉଥିଲା । ଏପରି ସାମ୍ବିଧାନିକ ସଙ୍କଟକୁ ଏଡ଼ାଇବା ଲାଗି ସରକାର ଏକ ଅଧ୍ୟାଦେଶ ନିକଟରେ ଜାରି କରିଛନ୍ତି । ଯାହାଫଳରେ କାର୍ଯ୍ୟକାଳ ସରୁଥିବା ପୌରାଞ୍ଚଳ ଗୁଡ଼ିକର ଦାୟିତ୍ୱ ସମ୍ପୃକ୍ତ ପୌରାଞ୍ଚଳ ପ୍ରଶାସକଙ୍କୁ ଅଧିଗ୍ରହଣ ପାଇଁ କ୍ଷମତା ପ୍ରଦାନ କରିଛି । ଏବେ ସୁପ୍ରିମ୍‌କୋର୍ଟଙ୍କ ଏହି ନିଷ୍ପତ୍ତି ଦ୍ୱାରା ପୌରାଞ୍ଚଳ ନିର୍ବାଚନ ନେଇ ଚାଲିଥିବା ଛକାପଞ୍ଝାର ଅନ୍ତ ଘଟିଛି । କିନ୍ତୁ ନିର୍ବାଚନ କେବେ ହେବ ସେ ନେଇ କିଛି ସ୍ପଷ୍ଟ ହୋଇ ନାହିଁ ।

### ସାର୍ବଜନୀନ ...

ବିରୋଧରେ ବିଜେପି ଅଦାଲତର ଦ୍ୱାରସ୍ଥ ହେବ । ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ଏବଂ ମୌଳିକ ଅଧିକାରର ବିରୁଦ୍ଧାଚରଣ କରୁଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ୨୦୧୫ ଜୁନ୍‌ରେ ନବକଳେବର ସମୟରେ ଘଟିଥିବା ବ୍ରହ୍ମ ବିଭ୍ରାଟ ସମଗ୍ର ଓଡ଼ିଆ ଜାତି, ଜଗନ୍ନାଥ ସଂସ୍କୃତି ପ୍ରେମୀ ଓ ହିନ୍ଦୁ ସମାଜକୁ ଗଭୀର ଭାବେ ଆନ୍ଦୋଳିତ କରିଥିଲା । ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗକୁ ସାଢେ ୩ ବର୍ଷ ବିତିଥିଲେ ମଧ୍ୟ ରାଜ୍ୟ ସରକାର ଏ ବାବଦରେ କୌଣସି ଅନୁସନ୍ଧାନ କଲେ ନାହିଁ କି ଏହା ପଛରେ ଥିବା ବିଶୃଙ୍ଖଳିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ସେହିପରି ବ୍ରହ୍ମ ବିଭ୍ରାଟ ପରେ ପରେ ନୀଳାଦ୍ରି ବିଜେ ଏବଂ ରତ୍ନଭଣ୍ଡାର ଚାବି ହଜିବା ଘଟଣାବଳୀ କଟା ଘା'ରେ ଚୂନ ଦେବା ଭଳି ଓଡ଼ିଆ ଜାତିକୁ ବ୍ୟଥିତ କରିଛି । ଏ ପର୍ଯ୍ୟନ୍ତ ୩ଟି ଯାକ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୁହଁ ନଖୋଲିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଆସନ୍ତା ଏକ ସପ୍ତାହ ମଧ୍ୟରେ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯିବା ସହ ବ୍ରହ୍ମ ବିଭ୍ରାଟ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ନକରାଗଲେ ରାଜ୍ୟ ବିଜେପି ଜନସ୍ୱାର୍ଥ ମାମଲା ଜରିଆରେ ଓଡ଼ିଶାବାସୀଙ୍କୁ ନ୍ୟାୟ ଦେବା ପାଇଁ ହାଇକୋର୍ଟରେ ଦ୍ୱାରସ୍ଥ ହେବ ବୋଲି ଶ୍ରୀ ଆଚାର୍ଯ୍ୟ ଚେତାବନୀ ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ସମୀର ମହାନ୍ତି ଓ ମୁଖପାତ୍ର ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ବ୍ରହ୍ମ ବ୍ରିଭାଟ ରିପୋର୍ଟ ସମ୍ପର୍କରେ ଓଡ଼ିଶାବାସୀ ଜାଣି ନପାରିବା ମୌଳିକ ଅଧିକାରର ଉଲ୍ଲଂଘନ କରୁଛି । ଏହି ରିପୋର୍ଟ ସାର୍ବଜନୀନ ହୋଇପାରିବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ଯେଉଁ ଉତ୍ତର ଦେଇଛନ୍ତି, ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଆଇନର ତର୍ଜମା କରିଛନ୍ତି କି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି । ସେହିପରି କଂଗ୍ରେସ ମୁଖ୍ୟ ମୁଖପାତ୍ର ସତ୍ୟପ୍ରକାଶ ନାୟକ କୁହନ୍ତି, ବର୍ତ୍ତମାନର ସରକାରର କାମ ହେଉଛଇ ସବୁ ବିଭ୍ରାଟ କରିବା । ଏବଂ ପରବର୍ତ୍ତୀ ସମୟରେ ଏହାକୁ ଚାପି ଦେବା । ବହ୍ମ ବିଭ୍ରାଟ ପ୍ରସଙ୍ଗଟି ହେଉଛି ଓଡ଼ିଶାବାସୀଙ୍କ ଭାବାବେଗରକଥା । ତେଣୁ ସରକାର, ଏହାକୁ ସାର୍ବଜନୀନ କରିବା ଉଚିତ । ଲୋକମାନେ ମଧ୍ୟ ଜାଣିବାକୁ ଚାହୁଁଛନ୍ତି ପ୍ରକୃତରେ ଘଟଣା କ'ଣ ଥିଲା । ଅନ୍ୟପକ୍ଷରେ ଏହି ପ୍ରସଙ୍ଗକୁ ନେଇ ବିଜେପି ଦୋମୁହାଁ ନିତି ଆପଣାଉଛି ବୋଲି ସତ୍ୟ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁଭଳି ଭାବେ ଛେରାପହଁରା ନୀତିକୁ ସ୍ୱଚ୍ଛ ଭାରତ ସହ ତୁଳନା କଲେ ତାହା ନିନ୍ଦନୀୟ ଘଟଣା ବୋଲି ସତ୍ୟ କହିଛନ୍ତି । ଅନ୍ୟପକ୍ଷରେ ବିଜେଡି ସାଧାରଣ ସମ୍ପାଦକ ବିଧାୟକ ଅରୁଣ ସାହୁ କହିଛନ୍ତି, ବ୍ରହ୍ମ ବିଭ୍ରାଟ ରିପୋର୍ଟ ସାର୍ବଜନୀନ କରିବା ପ୍ରସଙ୍ଗ ଶ୍ରୀମନ୍ଦିର ପରିଚାଳନା କମିଟିର ପରିସରଭୁକ୍ତ । ଅଯଥାରେ ବିଜେପି ରାଜ୍ୟ ସରକାରଙ୍କୁ ବିବାଦ ଘେରକୁ ଟାଣୁଛି । ବିଜେପି ବର୍ତ୍ତମାନ ସବୁ କଥାରେ ଅତ୍ୟଧିକ ଉତ୍ସାହିତ ହୋଇପଡୁଛି ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି ।

### ୩ ଦିନରେ ...

ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରିଛନ୍ତି । ଏଣିକି ଚାଷୀଙ୍କ ମୁଣ୍ଡପିଛା ୩ କ୍ୱିଣ୍ଟାଲ୍ ଧାନ ରଖିବାକୁ ବାଧ୍ୟ କରାଯିବ ନାହିଁ । କ୍ଷୁଦ୍ର ଚାଷୀମାନେ ଚାହିଁଲେ ସବୁ ଧାନ ବିକ୍ରି କରିପାରିବେ । ଏହି ନିୟମ ଦ୍ୱାରା କ୍ଷୁଦ୍ର ଚାଷୀ ଫାଇଦା ପାଇବେ । ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ସଂଗୃହୀତ ଧାନକୁ ମିଲର୍‌ମାନଙ୍କୁ ଦିଆଯିବ । ୫୫ ଲକ୍ଷ ଟନ୍ ଧାନରୁ ପ୍ରାୟ ୩୭ ଲକ୍ଷ ଟନ୍ ଚାଉଳ ମିଳିବ । ସେଥିରୁ ୨୩ ଲକ୍ଷ ଟନ୍ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଆବଣ୍ଟିତ ହେବ । ବାକି ୧୪ ଲକ୍ଷ ଟନ୍ ଏଫସିଆଇକୁ ଦିଆଯିବ । ଶ୍ରୀ ପାଢ଼ୀ କହିଛନ୍ତି ଯେ ୨୦୧୭-୧୮ ବର୍ଷରେ ସରକାର ଉଭୟ ଖରିଫ ଓ ରବି ଋତୁରେ ଚାଷୀଙ୍କଠାରୁ ୪୯.୦୬ ଲକ୍ଷ ଟନ୍ ଧାନ ସଂଗ୍ରହ କରିଥିଲେ । ପଞ୍ଚାୟତିରାଜ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା 'ଆମ ଗାଁ ଆମ ବିକାଶ' ଯୋଜନାକୁ ଅନୁମୋଦନ କରିବାର ଅଧିକାର ମୁଖ୍ୟମନ୍ତ୍ରୀଙ୍କୁ ଅର୍ପଣ କରିଛି ରାଜ୍ୟ କ୍ୟାବିନେଟ୍ । ଏହି ଯୋଜନାରେ ୧୨୫୦ କୋଟି ଟଙ୍କା ରାଜ୍ୟ ତହବିଲ୍‌ରୁ ଖର୍ଚ୍ଚ ପାଇଁ ଯୋଜନା ହୋଇଛି । ଗାଁ ଗହଳରେ ଛୋଟ ବଡ଼ ଆବଶ୍ୟକତାକୁ ତତ୍‌କ୍ଷଣାତ୍ ପୂରଣ କରିବା ପାଇଁ ରାଜ୍ୟ ସରକାର ଏପରି ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଯେଉଁଥିରେ ୧ ଲକ୍ଷରୁ ୧୦ ଲକ୍ଷ ଟଙ୍କା ଯାଏ ପ୍ରକଳ୍ପକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଅନୁମୋଦନ କରୁଛନ୍ତି । ସିଧାସଳଖ ଲୋକଙ୍କ ସହ କଥା ହୋଇ ସେ ଏହି ଅନୁମୋଦନ କରୁଛନ୍ତି । ଯେଉଁଠାରେ ଅଧିକ ଆବଶ୍ୟକ ହେଉଛି ସେଠାରେ ମଧ୍ୟ ଏହି ବ୍ୟୟ ସୀମାକୁ ବଢ଼ାଇବାର କ୍ଷମତା ଯୋଜନା ପରିସରଭୁକ୍ତ ରହିଛି । ଏହି ଅର୍ଥ କୌଣସି ଠିକାଦାରଙ୍କ ଦ୍ୱାରା ଖର୍ଚ୍ଚ କରାନଯାଇ ସିଧାସଳଖ ପଞ୍ଚାୟତ ସମିତି ଦ୍ୱାରା ଖର୍ଚ୍ଚ କରିବା ବ୍ୟବସ୍ଥା ହୋଇଛି । ଏହି ଯୋଜନାର ପ୍ରତିଟି ପ୍ରକଳ୍ପ ରୂପାୟନକୁ ଜିଲ୍ଲାପାଳ ତଦାରଖ କରିବେ । ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତାହାକୁ ସଂଯୋଜନା କରିବେ । ଦାୟିତ୍ୱ ସମ୍ପନ୍ନ ଭାବରେ ଆବଣ୍ଟିତ ବ୍ୟୟ ଅଟକଳକୁ ଠିକଣା ଭାବରେ ରୂପାୟନ କରାଯାଉଛି କି ନାହିଁ ତାହା ଦେଖିବା ଲାଗି ସରକାର ସାମାଜିକ ଅଡିଟ୍‌ର ବ୍ୟବସ୍ଥା ପ୍ରଚଳନ କରିଛନ୍ତି । ଏହାଦ୍ୱାରା ପ୍ରତିଟି ପ୍ରକଳ୍ପ ଠିକଣା ସମୟରେ ଯୋଜନା ମୁତାବକ ଶେଷ ହେବାର ଆଶା ରହିଛି ।




# ଚର୍ଚ୍ଚ ନିର୍ମାଣ ଶୈଳୀରେ ହିନ୍ଦୁ ଧର୍ମର ପ୍ରଭାବ

ଗୋଆରେ ମୁଁ ଯେତିକି ଦିନ ବିତାଉଥିଲି ସେତିକି ନୂଆ ନୂଆ ଘଟଣା ମୋ ସାମ୍ନାକୁ ଆସୁଥିଲା। ନୂଆ ଅନୁଭବ ଓ ଅନୁଭୂତି ସବୁବେଳେ ମୋତେ ରୋମାଞ୍ଚିତ କରୁଥିଲା। ସବୁଠାରୁ ବଡ ଏବଂ ଅଦ୍ଭୁତ ଅନୁଭୂତି ମିଳୁଥିଲା। ଗୋଆର ନାଇଟ୍ ଲାଇଫରେ। ଯାହା ଆଗକୁ ଏଇ ସ୍ତମ୍ଭରେ ସୂଚନା ଦେବି। ଗୋଆକୁ ନେଇ ଏକ ପୁସ୍ତକର ପରିକଳ୍ପନା ମଧ୍ୟ 'ଏକମାତ୍ର' କାଗଜର ସମ୍ପାଦକ ତଥା ଅଗ୍ରଜ ତାରକ ଭାଇ କରି ସାରିଲେଣି ଏବଂ ବହି କାମ ଆରମ୍ଭ କରିବାକୁ ତାଗିଦ ମଧ୍ୟ କଲେଣି। କିନ୍ତୁ ମୁଁ ଯେଉଁଠିକୁ ସେଇଠି। ଏତେ ଗୁଡାଏ ଅନୁଭୂତିକୁ କାଗଜ କଲମରେ ଲେଖିବା ଖୁବ୍ କଷ୍ଟକର। ତଥାପି ଚେଷ୍ଟା ଜାରି ରଖିଛି। ଜାଣିନାହିଁ ଆପଣମାନଙ୍କୁ ମୋ ଉପସ୍ଥାପନା କେମିତି ଲାଗୁଛି। ଏବେ ଆପଣମାନେ ଜାଣିଛନ୍ତି ମୁଁ ଗୋଆର ଚର୍ଚ୍ଚ ଗୁଡିକ ସମ୍ପର୍କରେ ସୂଚନା ଦେଉଛି। ଆଜି ଆପଣ ମାନଙ୍କୁ ଗୋଆର ଆଉ ଏକ ପ୍ରସିଦ୍ଧ ଚର୍ଚ୍ଚ ବିଷୟରେ ସୂଚନା ଦେବି। ହେଲେ ସେଦିନ ଚର୍ଚ୍ଚ ବୁଲିବା ପାଇଁ ବାହାରିବା ପୂର୍ବରୁ ଆମେ ଯେତେବେଳେ ଗେଷ୍ଟହାଉସରେ ରୋଷେଇ କରି ଖାଇବା ପାଇଁ ବସିଲୁ ସେତେବେଳେ ମୋର ଗାଡି ଚାଳକ ସେଠାରେ ଉପସ୍ଥିତ ନଥିଲେ। ଗେଷ୍ଟହାଉସ୍‌ର ସହଯୋଗୀଙ୍କୁ ପଚାରି ଜାଣିବାକୁ ପାଇଲି ଯେ, ସେ ହଠାତ୍ କ'ଣ ଆଣିବା ପାଇଁ ବଜାର ଯାଇଛନ୍ତି। କ'ଣ ହଠାତ୍ ଦରକାର ପଡିଲା ପୁଣି କାହାକୁ ନ କହି କେମିତି ଗଲେ ଏମିତି ଭାବୁ ଭାବୁ ଆମେ ଖାଇବାକୁ ବସିଲୁ। ସେଦିନ ଯାହା ମନେଅଛି ଆମେ ଗୋଆ ରୋଷେଇ ଶୈଳୀରେ ଚିକେନ୍ ତରକାରୀ ପ୍ରସ୍ତୁତ କରିଥିଲୁ ଏବଂ ମୋ ଗାଡି ଚାଳକ ନିଜେ ଏହାକୁ ପ୍ରସ୍ତୁତ କରିଥିଲେ। ହେଲେ ଖାଇବା ବେଳକୁ ଗାୟବ କେମିତି ଅଜବ୍ କଥା। ମୋର ବନ୍ଧୁ ମଧ ତାଙ୍କୁ ମୋବାଇଲ୍‌ରେ କଲ୍ କରୁଥିଲେ ହେଲେ ସେ ଫୋନ୍ ରିସିଭ୍ କରୁ ନଥିଲେ। ତେବେ ଆମକୁ ଜୋରରେ ଭୋକ ହେଉଥିବାରୁ ଆମେ ଖାଇବା ପାଇଁ ବସିଲୁ। କିଛି ମିନିଟ୍ ଭିତରେ ଆମ ରୁମ୍‌ର କଲିଙ୍ଗ୍ ବେଲ୍ ବାଜିଲା। ବନ୍ଧୁ ଯାଇ ଦୁଆର ଖୋଲିବା ବେଳକୁ ଗାଡି ଚାଳକ ହାଜର। ହେଲେ ତାଙ୍କ ଅବସ୍ଥା ଦେଖି ଲାଗୁଥିଲା ସେ ହୋସ୍‌ରେ ନାହାନ୍ତି। ହାତରେ ଏକ କପଡାର ବ୍ୟାଗ୍ ମଧ ଅଛି, ସେଥିରେ କିଛି ଜିନିଷ ବି ସେ ଧରିଛନ୍ତି। ଆଉ ମୁହଁରେ କ'ଣ ସବୁ ଲାଗିଛି। ଗାଡି ଚାଳକ ଜଣକ ସିଧା ରୁମ୍ ଭିତରକୁ ଆସି ମୋ ଗୋଡ ତଳେ ମୁଣ୍ଡିଆ ମାରିଲେ। ମୁଁ ଏସବୁ କିଛି ବୁଝି ପାରୁ ନଥାଏ। ତା'ପରେ ସେ ଆଣିଥିବା ବ୍ୟାଗରୁ ବିଭିନ୍ନ ଖାଦ୍ୟ ପଦାର୍ଥ ବାହାର କରିଥିଲେ। କେକ୍, ଫ୍ରୁଟ୍ ଏବଂ ଡ୍ରାଇ ଫ୍ରୁଟ୍ସ ତା' ସହ ଦୁଇ ବୋତଲ ଫେନି ଆଉ ୱାଇନ୍ ମୁଁ ଆଉ ସହି ପାରିଲି ନାହିଁ। ତାଙ୍କୁ ଜୋରରେ ପଚାରିଲି ' ଏସବୁ କ'ଣ ହେଉଛି' ସେ ସଙ୍ଗେ ସଙ୍ଗେ କିଛି ନ କହି ଦୁଆର ଖୋଲି ବାହାରେ ଥିବା ଆଉ ଜଣେ ଯୁବକଙ୍କୁ ଡାକି ଆଣିଲେ। ଆଉ ସେ ଥିଲେ ତାଙ୍କ ବନ୍ଧୁ ତାଙ୍କ ଠାରୁ ଆମେ ଜାଣିବାକୁ ପାଇଲୁ ଯେ ଆଜି ହେଉଛି ମୋ ଗାଡି ଚାଳକଙ୍କ ଜନ୍ମଦିନ। ସେ ଆମକୁ ନ ଜଣାଇ ଘରକୁ ଯାଇ ତାହା ପାଳନ କରି ଆସିଛନ୍ତି। ଆଉ ଆମ ପାଇଁ ବିଭିନ୍ନ ଖାଦ୍ୟ ପଦାର୍ଥ ଆଣିଛନ୍ତି। ପ୍ରକୃତରେ ମୋ ଗାଡି ଚାଳକଙ୍କ ନାଁ ଥିଲା ସୁମିତ୍। ଯିଏ ଏବେ ବି ମୋ ସ୍ମୃତିରେ ସତେଜ ହୋଇ ରହିଛନ୍ତି। ବେଳେବେଳେ ମୋ ସହ ଫୋନ୍‌ରେ କଥା ମଧ ହୁଅନ୍ତି। ତେବେ ଯାହା ହେଉ ଗାଡି ଚାଳକ ସୁମିତ୍‌ଙ୍କୁ ଆମେ ସମସ୍ତେ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲୁ ଏବଂ ରାତିରେ ପାର୍ଟି ହେବା ପାଇଁ ସ୍ଥିର କଲୁ। ଏହାପରେ ଆମେ ସମସ୍ତେ ମିଶି ଖାଇଲୁ ସେ ଆଣିଥିବା ଫେନି୍। ମୋ ବନ୍ଧୁ ପୁରା ଆକଣ୍ଠ ପାନ କରିଥିଲେ। ହେଲେ ଖାଇବା ପରେ ଆମେ ସ୍ଥିର କଲୁ ଯେ ଯେହେତୁ ଗାଡି ଚାଳକ ନିଶା ଦ୍ରବ୍ୟ ସେବନ କରରିଛନ୍ତି ତେଣୁ ଆଜି ଆଉ ଚର୍ଚ୍ଚ ଦେଖିବା ପାଇଁ ଯିବାନାହିଁ। ମୋ ଗାଡି ଚାଳକ ପ୍ରକୃତରେ ଜଣେ ଶୁଭାକାଂକ୍ଷୀ ବନ୍ଧୁ, ସେ ସେଥିପାଇଁ ସାଙ୍ଗରେ ତାଙ୍କର ସାଙ୍ଗକୁ ନେଇ ଆସିଥିଲେ ଯିଏ ନିଶା ସେବନ କରି ନଥିଲେ ଏବଂ ସେ ଜଣେ ମଧ ଡ୍ରାଇଭର। ତା' ପରେ ଆମେ ସମସ୍ତ ବାହାରିଲୁ।





କିଛି ସମୟ ଯାତ୍ରା କରିବା ପରେ ଆମେ ଯାଇ ପହଞ୍ଚିଥିଲୁ ଭେରେମେ ନାମକ ସ୍ଥାନରେ। ଏହା ଦେଖିବାକୁ ଖୁବ୍ ସୁନ୍ଦର ସ୍ଥାନ ଥିଲା। ମାଣ୍ଡବୀ ନଦୀ କୂଳରେ ଅବସ୍ଥିତ ଏହି ସ୍ଥାନରେ ରହିଥିଲା ରେସ୍ ମାଗୋସ୍ ଚର୍ଚ୍ଚ। ଏହି ନାମରେ ଏଠାରେ ଏକ ଦୁର୍ଗ ମଧ ରହିଛି। ଯେତେବେଳେ ମୁଁ ଆପଣମାନଙ୍କୁ ଗୋଆର ବିଭିନ୍ନ ଦୁର୍ଗ ବିଷୟ ସୂଚନା ଦେବି ସେ ସମ୍ପର୍କରେ ଆପଣ ଜାଣିପାରିବେ। ଆମେ ଚର୍ଚ୍ଚରେ ପହଞ୍ଚିବା ବେଳକୁ ବେଶୀ ପର୍ଯ୍ୟଟକଙ୍କ ଭିଡ ରହିଥିଲା। ଏହି ଚର୍ଚ୍ଚଟି ଅନେକ ବର୍ଷ ତଳେ ନିର୍ମାଣ ହୋଇଥିବା କଥା ମୋ ସହ ଯାଇଥିବା ନୂଆ ଗାଡି ଚାଳନ ସୂଚନା ଦେଇଥିଲେ। ତେବେ ସବୁଠାରୁ ବଡ କଥାଟି ଏଠାରେ ମୁଁ ଦେଖିବାକୁ ପାଇଲି। ତାହା ହେଲା ଚର୍ଚ୍ଚକୁ ପ୍ରବେଶ କରିବା ପଥରେ ରହିଥିଲା ସିଂହ ମୂର୍ତ୍ତି। ଚର୍ଚ୍ଚରେ ସିଂହ ମୂର୍ତ୍ତି ଏ କଥାଟି ମୋର ବିଶ୍ୱାସ ହେଉ ନଥିଲା। ହେଲେ ଗାଡି ଚାଳକ ସୂଚନା ଦେଲେ ଯେ, ଏହି ବର୍‌ଡେଜ୍ ତାଲୁକାର ଏହା ହେଉଛି ପ୍ରଥମ ଚର୍ଚ୍ଚ। ତେଣୁ ଏହି ଚର୍ଚ୍ଚ ନିର୍ମାଣ ସମୟରେ ବୋଧହୁଏ ହିନ୍ଦୁ ଧର୍ମର ପ୍ରଭାବ ପଡିଥାଇ ପାରେ। ମୁଁ ଅନୁଭବ କଲି ଯେ ମୋର ନୂଆ ଗାଡି ଚାଳକଙ୍କ ଜ୍ଞାନ କୌଣସି ଗାଇଡ୍‌ଙ୍କ ଠାରୁ କମ୍ ନାହିଁ। ଏହିକଥାଟି ମୋର ଅନୁଭବ ହେବା ପରେ ମୋ ମନରେ ଦାନା ବାନ୍ଧିଥିବା ଅନେକ ପ୍ରଶ୍ନର ଗୁଚ୍ଛ ଧିରେ ଧିରେ ଖୋଲିଥିଲା। ସେ ଆହୁରି ମଧ ସୂଚନା ଦେଇଥିଲେ ଯେ, ଏହି ଚର୍ଚ୍ଚଟି ୧୫୫୫ ମସିହାରେ ନିର୍ମାଣ କରାଯାଇଥିଲା। କିନ୍ତୁ ଏହାର ଇଣ୍ଟେରିୟର ଡିଜାଇନିଂ ପ୍ରାୟ ୧୭୭୧ ବେଳକୁ କରାଯାଇଥିଲା। ଆମେ ଚର୍ଚ୍ଚ ଭିତରେ ପ୍ରବେଶ କରି କିଛି ସମୟ ବିତାଇଥିଲୁ। ମୁଁ ଯାହା ଅନୁଭବ କରିଥିଲି ଯେ ଏହାର କାରୁକାର୍ଯ୍ୟରେ ପର୍ତ୍ତୁଗୀଜ ସ୍ଥାପତ୍ୟ କଳାର ଅତି ସୁନ୍ଦର ପରିପ୍ରକାଶ ଘଟିଛି। ମୋ ଗାଡି ଚାଳକ ଆହୁରି ମଧ ସୂଚନା ଦେଲେ ଯେ ପର୍ତ୍ତୁଗୀଜମାନେ ୧୫୧୦ ମସିହାରେ ବରଡେଜ୍ ତାଲୁକ ଅଧିକାର କରିବା ପରେ ବିଜୟର ପ୍ରତୀକ ସ୍ୱରୂପ ଏଠାରେ ଲେଡି ଅଫ୍ ହେଲଥ୍‌ଙ୍କ ଉଦ୍ଦେଶ୍ୟରେ ଏକ ଉପାସନା ସ୍ଥଳ ମଧ ନିର୍ମାଣ କରିଥିଲେ। ତଥାପି ଆମେ ପାଖାପାଖି ଏକଘଣ୍ଟା ଚର୍ଚ୍ଚ ଭିତରେ କଟାଇବା ପରେ ଗେଷ୍ଟ ହାଉସ୍‌କୁ ଫେରିବାକୁ ବାହାରିଥିଲୁ। ମୁଁ ଟିକେ ତରବରରେ ଥିଲି, କାରଣ ଜଲ୍‌ଦି ଫେରିଲେ ଆମ ଗାଡି ଚାଳକ ସୁମିତ୍‌ଙ୍କର ବାର୍ଥ ଡେ ସେଲିବ୍ରେସନ କରିବାର ଥିଲା, ରାସ୍ତାରୁ ତାଙ୍କ ପାଇଁ କେକ୍‌ବି କିଣିବାର ଥିଲା। ***କ୍ରମଶଃ...***




ଉପସ୍ଥାପନା
ଜାହ୍ନବୀସୁତ





# ରଘୁନାଥପୁର ବ୍ଲକ୍‌ରେ ବିଜୁ ପକ୍କାଘର ବିକ୍ରୀ !

## ସାଂସଦ ସୁପାରିଶ କରିଥିବା ଚିଠାକୁ ବେଖାତିର

**ଜଗତସିଂହପୁର,(ସୁଶାନ୍ତ ରାଉତ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁମୁଖି ଜନକଲ୍ୟାଣ ଯୋଜନା ଗୁଡିକ କିଛି ଅସାଧୁ ସରକାରୀ କର୍ମଚାରୀ ଓ କୁଜିନେତାମାନଙ୍କ ଯୋଗୁ ପହଞ୍ଚି ପାରୁନି ଗରୀବ, ଖଟିଖିଆ ଦିନ ମଜୁରିଆଙ୍କ ପାଖରେ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍‌ରେ। ଆଗାମୀ ବିଧାନସଭା ନିର୍ବାଚନକୁ ଆଖି ଆଗରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବିଧାୟକ ଓ ସାଂସଦମାନଙ୍କ ଚିଠାରେ ଗରୀବ ହିତାଧିକାରୀଙ୍କୁ ବିଜୁ ପକ୍କାଘର ବଣ୍ଟନ କରାଯିବ ବୋଲି ଦଳୀୟ ନିର୍ଦ୍ଦେଶ ରହିଛି। ତେବେ ଏହି ବ୍ଲକ୍‌ରେ ସାଂସଦ ଓ ବିଧାୟକ ଉଭୟଙ୍କ ଚିଠି ସୁପାରିଶ କରାଯାଇ ବ୍ଲକ ପ୍ରଶାସନକୁ ଦିଆଯାଇଥିଲା। ଏହି ଚିଠାକୁ ବ୍ଲକ୍ ପ୍ରଶାସନ ତଦନ୍ତ କରି ପ୍ରକୃତ ହିତାଧିକାରୀମାନଙ୍କୁ ଚିହ୍ନଟ କରି ବିଜୁ ପକ୍କାଘର ବଣ୍ଟନ କରାଯିବାର ନିୟମ ରହିଛି। କିନ୍ତୁ ସାଂସଦଙ୍କ ଦ୍ୱାରା ସୁପାରିଶ ହୋଇଥିବା ହିତାଧିକାରୀମାନଙ୍କ ନାମକୁ ସମ୍ପୂର୍ଣ୍ଣ ବାଦ୍ ଦେଇ ବିଧାୟିକା ଦ୍ୱାରା ସୁପାରିଶ ହୋଇଥିବା ତାଲିକାକୁ ରଘୁନାଥପୁର ବ୍ଲକ୍ ର ଅଧକ୍ଷା, ଜିଲ୍ଲାପରିଷଦର ଅଧକ୍ଷା, ବ୍ଲକ୍ ପ୍ରଶାସନ କର୍ମଚାରୀ ସ୍ଥିର କରିଥିବା ୬୪ ଗୋଟି ବିଜୁ ପକ୍କାଘରକୁ ଅନୀୟମିତତା ଭାବେ ମୋଟା ଅଙ୍କର ଅର୍ଥନେଇ ଅଯୋଗ୍ୟ ହିତାଧିକାରୀଙ୍କୁ ବିକ୍ରି କରାଯିବାର ଅଭିଯୋଗ ହେଉଛି। ଏହି ଯୋଜନା ଭିତରେ ତିନିମହଲା କୋଠାଘର, ପେନସନ୍‌ଧାରୀ ଓ କୋଟିପତି ବ୍ୟକ୍ତିଙ୍କୁ ଦିଆଯାଇଥିବାର ଜଣାଯାଇଛି। ଏପରିକି ଯେଉଁମାନଙ୍କୁ ବିଜୁ ପକ୍କାଘର ଦିଆଯାଇଛି ପୁର୍ବରୁ ଏହି ସରକାରୀ ଯୋଜନାରେ ସେମାନଙ୍କ ପରିବାକୁ ମିଳିସାରିଛି। ତେବେ ଏଠାରେ ପ୍ରଶ୍ନ ଉଠେ ଯେ ସାଂସଦ କେଉଁ ଦଳର? ଯଦି ବିଜେଡିର ତେବେ ସାଂସଦଙ୍କ ଦ୍ୱାରା ସୁପାରିଶ ହୋଇଥିବା ଚିଠାକୁ କିଭଳି ଭାବେ ବାଦ ଦିଆଯାଇଛି ବୋଲି ଚର୍ଚ୍ଚାରେ ବିଷୟ ପାଲଟିଛି। ତେବେ ବେଆଇନ ଭାବରେ ବଣ୍ଟନ କରାଯାଇଥିବା ଘର ଗୁଡିକୁ ତଦନ୍ତ କରି ଅସାଧୁ କର୍ମଚାରୀ ଓ ନେତାଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଧାରଣରେ ଦାବି ହେଉଛି।

# ମାମଲା ପଞ୍ଜିକୃତ କରିବାରେ ପକ୍ଷପାତିତା ନୀତି ଅବଲମ୍ବନ କରୁଛି ପୋଲିସ !

**ଖୋର୍ଦ୍ଧା :** ଆକ୍ରୋସ ଭାବରେ ଅଶ୍ଳିଳ ଅରୁଚିକର ଓ ବ୍ୟକ୍ତିଗତ ଚରିତ୍ର ସଂହାର କରିବା ଭଳି ଏକ ସାପ୍ତାହିକ ସମ୍ବାଦ ପତ୍ରରେ ସମ୍ବାଦ ପରିବେଷଣ କରିବା ଘଟଣାକୁ ନେଇ ଗତ ତା.୨୧.୦୯.୨୦୧୮ରିଖ ଦିନ ଖୋର୍ଦ୍ଧା କୋର୍ଟ ସମୁଖରେ ନିଜକୁ ବରିଷ୍ଠ ସାମ୍ବାଦିକ ବୋଲି ପରିଚୟ ଦେଉଥିବା ଅବସର ପ୍ରାପ୍ତ ତୃତୀୟ ଶ୍ରେଣୀ କର୍ମଚ଼ରୀଙ୍କ ସହିତ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା। ଏହି ଘଟଣା ସଂପର୍କରେ ସେ ନିଜ ମୋବାଇଲ ଫୋନ୍ ମାଧମରେ ତାଙ୍କ ଦୁଇ ପୁଅଙ୍କୁ ଖବର ଦେବା ପରେ ଘଟଣାସ୍ଥଳରେ ତାଙ୍କର ଦୁଇ ପୁଅ ପହଞ୍ଚି ଉପସ୍ଥିତ ଥିବା ଯୁବକମାନଙ୍କୁ ଗୋଡ଼େଇ ଗୋଡ଼େଇ ପିଟିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଧସ୍ତା ଧସ୍ତି ହୋଇଥିଲା। ସେମାନେ ତଳେ ପଡ଼ି ଖଣ୍ଡିଆ ଖାବରା ହୋଇଥିଲେ। ଉଭୟ ପକ୍ଷ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସି ହେବାକୁ ଯାଇଥିଲେ। ଏ ସମ୍ପର୍କରେ ଆହାତ ହୋଇଥିବା ନେଇ ବିଷ୍ଣୁପ୍ରିୟା ହାତୀ ଖୋର୍ଦ୍ଧା ଟାଉନ ଥାନାରେ ତା.୨୧.୦୯.୨୦୧୮ରିଖ ଦିନ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରାଯାଇଥିବା ସମ୍ପର୍କରେ ଖୋର୍ଦ୍ଧା ଟାଉନ ଥାନାରେ ଲିଖିତ ଭାବରେ ଅଭିଯୋଗ କରିବା ପରେ ତାଙ୍କ ଏତଲାଟିକୁ ପଞ୍ଜିକୃତ ନ କରି ପଛରେ ଦିଆଯାଇଥିବା ଏତଲାଟିକୁ ପଞ୍ଜିକୃତ କରାଯାଇଛି। ଏହି ଘଟଣାକୁ ନେଇ ଗତ ୨୩.୦୯.୨୦୧୮ରିଖ ଦିନ ଅଭିଯୋଗକାରିଣୀ ବିଷ୍ଣୁପ୍ରିୟା ହାତୀଙ୍କ ସହ ବହୁ ସଂଖ୍ୟାରେ ମହିଳା ଖୋର୍ଦ୍ଧା ଟାଉନଥାନାକୁ ଯାଇ ସେ ପ୍ରଥମେ ଦେଇଥିବା ଏତଲାଟିକୁ କାହିଁକି ପଞ୍ଜିକୃତ କରାଗଲା ନାହିଁ। ପଛରେ ଦିଆଯାଇଥିବା ଏତଲାଟିକୁ କିଭଳି ଭାବରେ ପଞ୍ଜିକୃତ କରାଗଲା ଏବଂ ସ୍ୱାମୀଙ୍କ ବିରୋଧରେ ଉଦେଶ୍ୟ ମୂଳକ ଭାବରେ ଦଫା ୩୦୭କୁ କାହିଁକି ଲଗାଗଲା ବୋଲି ଖୋର୍ଦ୍ଧା ଟାଉନ ଅଧିକାରୀଙ୍କୁ ପଚ଼ରିବାରୁ ସେ ତାର କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନଥିଲେ। ଫଳରେ ପୁଲିସର ପକ୍ଷପାତିତା ନୀତି ଏବେ ପଦାରେ ପଡ଼ିଛି। ଖୋର୍ଦ୍ଧା ଟାଉନଥାନା ପୋଲିସ ଉପର ବସବର୍ତ୍ତି ହୋଇ ମାମଲା ପଞ୍ଜିକୃତ କରି ନଥିବା ନେଇ ସହରର ସାରା ଚର୍ଚ୍ଚ ହେଉଛି। ଏ ସମ୍ପର୍କରେ ପୁଲିସ୍ ମହାନିର୍ଦ୍ଦେଶକ ବିଶେଷ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

# ନବନିର୍ମାଣ କୃଷକ ସଂଗଠନର ସାଙ୍ଗଠନିକ ବୈଠକ

**ଜଗତସିଂହପୁର :** ଜଗତ୍‌ସିଂହପୁର ଜିଲ୍ଲା କୁତାମଚଣ୍ଡି ମନ୍ଦିର ପରିସରରେ ନବନିର୍ମାଣ କୃଷକ ସଂଗଠନର ସାଂଗଠନର ବୈଠକ ସଂଗଠନର ସଂଯୋଜକ ରଶ୍ମିରଂଜନ ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଗତ ଲଗାଣ ବର୍ଷା ଏବଂ ହଂସୁଆ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତି ପୁରଣ ଦିଆନଯିବା, ଲଗାଣ ବର୍ଷାରେ ଘର ଭାଙ୍ଗି ଯାଇଥିବା ବିପନ୍ନ ଲୋକମାନଙ୍କୁ ସହାୟତା ଯୋଗାଇଦେବା, ଅଧିକାଂଶ ଶାଖା କେନାଲର ଶେଷ ମୁଣ୍ଡକୁ ଆଦୌ ପାଣି ଯାଉନଥିବାରୁ ଶହ ଶହ ହେକ୍ଟର ଜମି ମରୁଡି ହେବାର ଆଶାଙ୍କା ଦେଖା ଯାଇଛି ବୋଲି ରଶ୍ମିରଂଜନ କହିଥିଲେ । ରଘୁନାଥପୁର ବ୍ଲକରେ ୟୁରିଆ ସାର ଓ ଅନ୍ୟ ସାରର ବ୍ୟାପକ କଳାବଜାର କରାଯାଉଥିଲେ ମଧ କୃଷି ବିଭାଗ ପକ୍ଷରୁ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସେ ଅଭିଯୋଗ କରିଥିଲେ । ଏଥିରେ ଦେବୀ ପ୍ରସାଦ ମହାରଣା, ସ୍ନେହାସୁ ଜେନା, ବଂଶୀଧର ପଟନାୟକ, ଗୌରାଙ୍ଗ ଚରଣ ସାହୁ, ଉମାକାନ୍ତ ଭାର, ନିତ୍ୟାନନ୍ଦ ପଣ୍ଡା, ଅଶୋକ କୁମାର ସ୍ୱାଇଁ, ବୈରାଗୀ ଚରଣ ସାହୁ, ହୃଷିକେଶନାୟକ, ଘନଶ୍ୟାମ ମହାନ୍ତି, ଅଲେଖ ବେହେରା, ବଂଶୀଧର ସାହୁ, ରମେଶ ଓଝା, ଦିବାକର ବେହେରା, ଶରତ ଚନ୍ଦ୍ର ମହାପାତ୍ର, ଭାସ୍କର ମହାପାତ୍ର, ରମେଶ ମହାନ୍ତି, ଅଲେଖ ଦାସ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ଦଳାଇ, କୁଳମଣୀ ଦଳାଇ, ପୁନାନନ୍ଦ ସ୍ୱାଇଁ, ଚୈତନ୍ୟ ଚରଣ ଦାସ ପ୍ରମୁଖ ୭୦୦ ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇ ସରକାରଙ୍କ ବିରୁଦ୍ଧରେ ବିସୋଦଗାର କରିବା ସହିତ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ନଦେଲେ ନବନିର୍ମାଣ କୃଷକ ସଂଗଠନପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା।

## ମାନସିକ ସ୍ୱାସ୍ଥ୍ୟ ଯୋଜନାରୁ ସୁବର୍ଣ୍ଣପୁର ଜିଲ୍ଲା ବାଦ୍

# ୧୪ ପଞ୍ଚାୟତରେ ୫୨୧ ମାନସିକ ରୋଗୀ

**ସୋନପୁର :** ଜାତୀୟ ମାନସିକ ସ୍ୱାସ୍ଥ୍ୟ ଯୋଜନାରେ ସୁବର୍ଣ୍ଣପୁର ଜିଲାକୁ ସାମିଲ କରାଯାଇ ନଥିବାରୁ ଜିଲାର ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ମାନସିକ ଭିନ୍ନକ୍ଷମ ମାନଙ୍କ ଉପରେ କାର୍ଯ୍ୟ କରୁଥିବା ଜିଲାର ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ଜିଲାରେ ଥିବା ୬ ଟି ବ୍ଲକ ମଧ୍ୟରୁ ୨ ଟି ବ୍ଲକର ୧୪ ପଞ୍ଚାୟତରେ ୫୨୧ ଜଣ ମାନସିକ ଅସ୍ୱାସ୍ଥ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ଏହି ପରିପ୍ରେକ୍ଷୀରେ ସରକାର ଏହି ଜିଲାକୁ କାହିଁକି ଜାତୀୟ ମାନସିକ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରି ନାହାନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକାଶ ଯେ, ସମଗ୍ର ବିଶ୍ୱରେ ୩୦ କୋଟି ଲୋକ ମାନସିକ ଅବସାଦ ଦ୍ୱାରା ଆକ୍ରାନ୍ତ । ଭାରତରେ ଏହାର ସଂଖ୍ୟା ପ୍ରତି ଏକ ଲକ୍ଷ ଜନସଂଖ୍ୟାର ୩୬% ରହିଛି । ପ୍ରତ୍ୟେକ ବର୍ଷ ୧୫ ରୁ ୨୯ ବୟସର ବ୍ୟକ୍ତିଙ୍କ ମଧ୍ୟରୁ ୩୬ ଜଣ ଏହି ମାନସିକ ଅବସାଦ ରୋଗରେ ଆତ୍ମହତ୍ୟା କରୁଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟରେ ପ୍ରକାଶ କରିଥିଲେ । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଯୋଜନା ଆରମ୍ଭ ହୋଇଛି । କିନ୍ତୁ ସୁବର୍ଣ୍ଣପୁର ଜିଲାରେ ଏତେ ମାତ୍ରାରେ ମାନସିକ ଅସୁସ୍ଥ ରୋଗୀ ଥିଲେ ମଧ୍ୟ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଆନ୍ତରିକତାର ଅଭାବ କିମ୍ବା ବିଭାଗୀୟ ଅଧିକାରୀ ଏ ସମ୍ପକୟଙ୍କର ଅଜ୍ଞ ଥିବାରୁ ଏହି ଜିଲା ଯୋଜନାରେ ସାମିଲ ହୋଇପାରିନଥିବା ଜଣାଯାଇଛି । ଅନ୍ୟପକ୍ଷରେ ମାନସିକ ଭିନ୍ନକ୍ଷମ ମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ପକ୍ଷରୁ ହୋଇଥିବା ସର୍ଭେରେ ଜିଲାରେ ମାନସିକ ଅସୁସ୍ଥ ରୋଗୀ ସଂଖ୍ୟା ଉଦବେଗଜନକ ରହିଛି । କେନ୍ଦ୍ର ସରକାର ୧୯୯୫ ପିଡବ୍ଲୁଡି ଆଇନ ଅନୁସାରେ ମାନସିକ ଅସୁସ୍ଥ ରୋଗୀ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହେବେ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏହି ଜିଲାରେ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଅଭାବରୁ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଜିଲା ଡାକ୍ତରଖାନାର ଜନୈକ ଡାକ୍ତର ମାନସିକ ରୋଗ ସମ୍ପକୟଙ୍କର ଉଚ୍ଚତର ତାଲିମ ଗ୍ରହଣ କରି ଆସିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ଜିଲା ଡାକ୍ତରଖାନାର ଏକ ସ୍ୱତନ୍ତ୍ର କୋଠରୀ ମିଳି ।ରିନାହିଁ । ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜିଲାରେ କାର୍ଯ୍ୟକାରୀ ହେଲେ ଏଠାରେ ବିଭାଗୀୟ ସ୍ୱତନ୍ତ୍ର କାର୍ଯ୍ୟାଳୟ ସାଙ୍ଗକୁ ଜଣେ ମାନସିକ ରୋଗ ବିଶେଷଜ୍ଞ ଓ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ରହିବାର ବ୍ୟବସ୍ଥା ରହିଛି । ଫଳରେ ଜିଲାରେ ଥିବା ମାନସିକ ଅସୁସ୍ଥ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇବା ସହ ଭିନ୍ନକ୍ଷମ ପ୍ରମାଣପତ୍ର ହାସଲ କରି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେବାର ସୁଯୋଗ ପାଇବେ । କିନ୍ତୁ ଜିଲା ସ୍ୱାସ୍ଥ୍ୟ ବିଭାଗର ଅପାରଗତା ଯୋଗୁଁ ଜିଲାର ସମସ୍ତ ମାନସିକ ଅସୁସ୍ଥ ରୋଗୀ ଏହି ସବୁ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ତେଣୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଅଧିକ ଯତ୍ନବାନ ହୋଇ ଜିଲାକୁ ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ କରିବାକୁ ଦାବି ହେଉଛି।

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୦୧ - ୦୭ ଅକ୍ଟୋବର, ୨୦୧୮






# ପରଲୋକରେ ସମାଜସେବୀ ବାସନ୍ତୀଲତା ଦାଶ



**ଭୁବନେଶ୍ୱର :** ଓୟୁଏଟିର ଅବସରପ୍ରାପ୍ତ ବିଶିଷ୍ଟ କୃଷିବିଜ୍ଞାନୀ ଆର୍ତ୍ତତ୍ରାଣ ଦାଶଙ୍କ ଧର୍ମପତ୍ନୀ ବାସନ୍ତୀଲତା ଦାଶଙ୍କ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ଗତ ୧୫ଦିନ ହେବ ସେ ଫୁସ୍‌ଫୁସ୍ ସଂକ୍ରମଣ ଜନିତ ରୋଗରେ ପୀଡିତ ଥିଲେ। ଜଗତସିଂହପୁର ଜିଲ୍ଲାର ଗୋପାଳପୁର ଗାଁରେ ଜନ୍ମିତ ବାସନ୍ତୀଲତା ଭୁବନେଶ୍ୱର ବଡଗଡ ହାଇସ୍କୁଲ ନିକଟରେ ରହିବା ସହିତ ସମାଜସେବା କ୍ଷେତ୍ରରେ ନିଜର ଅଧିକାଂଶ ସମୟ ଅତିବାହିତ କରୁଥିଲେ। ବାସନ୍ତୀଲତା ବହୁ ସାମାଜିକ ସଂଗଠନ ସହିତ ଜଡିତ ଥିଲେ। ସ୍ଥାନୀୟ ଅଞ୍ଚଳରେ ଜଣେ ଧର୍ମପ୍ରାଣା ମହିଳା ଭାବେ ସେ ସୁପରିଚିତା। ତାଙ୍କର ଅନ୍ୟକୁ ଭଲ ପାଇବା ଓ ଜାତିଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଆଦର କରିବା ପ୍ରଧାନ କାମ ଥିଲା। ସେ ସମସ୍ତଙ୍କ ସହ ସ୍ନେହପୂର୍ଣ୍ଣ କଥାବାର୍ତ୍ତା କରିବା ସହିତ ଦୁଃଖିରଙ୍କଙ୍କ ସୁଖ ଦୁଃଖରେ ସାମିଲ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ବିନାୟକ ଦାଶ, ସାନପୁଅ ଲିଙ୍ଗରାଜ ଦାଶ, ବଡଜ୍ୱାଇଁ ଡକ୍ଟର ଅଖିଳ ବିହାରୀ ଓତା ଓ ବଡଝିଅ ଅହଲ୍ୟା ଓତା, ମଝିଆଁ ଜ୍ୱାଇଁ ବିନୋଦ କୁମାର ଦାଶ, ଝିଅ ଗାୟତ୍ରୀ ଦାଶ, ଜ୍ୱାଇଁ ପୀତବାସ ମିଶ୍ର, ଝିଅ କାବେରୀ ମିଶ୍ର, ସାନଜ୍ୱାଇଁ ଦୀପକ କୁମାର ମିଶ୍ର, ଝିଅ ଲକ୍ଷ୍ମୀପ୍ରିୟା ଦାଶ, ଦୁଇବୋହୂ ବିନ୍ଦୁ ଓ ପ୍ରୀତି, ବଡବୋହୂଙ୍କ ଦୁଇଭାଇ ଉମେଶ ଚନ୍ଦ୍ର ଦାଶ, ପ୍ରକାଶ ଚନ୍ଦ୍ର ଦାଶ, ଭଣଜା ସାରଦା ପ୍ରସାଦ ଚଇନି, ପୁତୁରା ଅନ୍ନଦା ପ୍ରସାଦ ଦାଶ, ପ୍ରଦୀପ କୁମାର ଦାଶ (ଇନ୍ଦ୍ର), ନାତି ଆନନ୍ଦ, ଅନୀଲ, ସିଦ୍ଧାନ୍ତ, ବିଶ୍ୱମୋହନ, ନାତୁଣୀ ଡାକ୍ତର ଦେବୀଦତ୍ତା ଦାଶ ଓ ପ୍ରାର୍ଥନା ଦାଶ ଉପସ୍ଥିତ ଥିଲେ। ତାଙ୍କର ଶେଷଦର୍ଶନ ପାଇଁ ରାଜଧାନୀର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଆଇନଜୀବୀ, ସମାଜସେବୀ ଏବଂ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ରହିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ମାତୃତ୍ୱ ଓ ବ୍ୟକ୍ତିତ୍ୱର ଶ୍ରେଷ୍ଠ ଅଧିକାରିଣୀ

ଅବିଭକ୍ତ କଟକ ଜିଲ୍ଲାର ଗୋପାଳପୁର ଗ୍ରାମରେ ଜୁନ୍ ୧୯୪୦ ମସିହା ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଜନ୍ମଗ୍ରହଣ କରିଥିବା ଶ୍ରୀମତୀ ବାସନ୍ତୀଲତା ଦାଶ ବିବାହ ପରେ ଭୁବନେଶ୍ୱରରେ ଅବସ୍ଥାନ କରୁଥିଲେ। ସେପ୍ଟେମ୍ବର ୨୬, ୨୦୧୮ରେ ତିରୋଧାନ ଘଟିଥିବା ଏହି ମହିୟସୀ ମହିଳାଙ୍କର ଜୀବନ ଥିଲା ଘଟଣାବହୁଳ ତଥା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ।

ମାତୃତ୍ୱ ଓ ବ୍ୟକ୍ତିତ୍ୱ ଏ ଦୁଇଟିର ଅଭୁତପୂର୍ବ ସମନ୍ୱୟ ଥିଲା ତାଙ୍କର ଆଚାର ବିଚାର, ଚାଲିଚଳଣ ତଥା ବ୍ୟବହାରରେ। ଅଜସ୍ର ଗୁଣର ଅଧିକାରିଣୀ ଥିଲେ ସେ। ସମସ୍ତଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସ୍ନେହ ହେତୁ କେବଳ ନିଜ ସନ୍ତାନ ସନ୍ତତି ନୁହଁନ୍ତି, ତାଙ୍କ ସଂସ୍ପର୍ଶରେ ଆସିଥିବା ଅଗଣିତ ବ୍ୟକ୍ତି ବିଶେଷଙ୍କର ସେ ଥିଲେ ଅତି ପ୍ରିୟ ମା'। ନିଜ ହାତରେ ରାନ୍ଧି ସମସ୍ତଙ୍କୁ ଖୁଆଇବାରେ ଯେତିକି ଆନନ୍ଦ ତାଙ୍କର ଥିଲା, ଦୁଃଖିର ଦୁଃଖ ବୁଝିବାରେ ମଧ୍ୟ ସେତିକି ପାରଙ୍ଗମ ଥିଲେ ସେ। ଅତ୍ୟନ୍ତ ସରଳ ଓ ଆଦର୍ଶ ଜୀବନଯାପନ କରୁଥିବା ଶ୍ରୀମତୀ ଦାଶ ସମୟାନୁବର୍ତ୍ତିତାର କଠୋର ପାଳନ କରୁଥିଲେ। ଜୀବନର ଚଲାପଥରେ ଘଟିଥିବା ସୂକ୍ଷ୍ମ ଅନୁଭୂତି ଗୁଡିକୁ ନେଇ କ୍ଷୁଦ୍ରଗଳ୍ପ ଓ କବିତା ଲେଖିବାରେ ସେ ସିଦ୍ଧହସ୍ତ ଥିଲେ। ଶିକ୍ଷିତ ଗୋଷ୍ଠୀଙ୍କୁ ବିଭିନ୍ନ ସାମାଜିକ ସମସ୍ୟା ବିରୋଧରେ ଲେଖନୀ ମାଧ୍ୟମରେ ସ୍ୱର ଉତ୍ତୋଳନ କରିବା ପାଇଁ ସେ ନିରନ୍ତର ପରାମର୍ଶ ଦେଉଥିଲେ। ଯୁବବର୍ଗଙ୍କୁ ଜୀବନର ଲକ୍ଷ୍ୟପଥରେ ଅଗ୍ରସର ହେବା ପାଇଁ ଯେଉଁଭଳି ପ୍ରେରଣା ସେ ଦେଉଥିଲେ ତାହା ଅବର୍ଣ୍ଣନୀୟ। କେହି କୌଣସି ସମସ୍ୟା ନେଇ ଆସିଲେ ବିଚକ୍ଷଣ ବୁଦ୍ଧି ଖଟାଇ ସେ ସବୁର ସମାଧାନ କରିବା ପାଇଁ ସେ ନିଃସ୍ୱାର୍ଥପର ଭାବେ ଚେଷ୍ଟା କରୁଥିଲେ। ଅନେକ ଲୋକଙ୍କୁ ଜୀବନଧାରଣର ପନ୍ଥା ଯୋଗାଇବାରେ ଅଥବା ସେମାନଙ୍କର ଜୀବନଧାରଣର ମାନ ବଢାଇବାରେ ତାଙ୍କର ଯଥେଷ୍ଟ ଭୂମିକା ରହୁଥିଲା। ପଲ୍ଲୀଜୀବନ, ମାଟି, ଗଛଲତା ଏସବୁ ପ୍ରତି ଥିଲା ତାଙ୍କର ଗଭୀର ଅନୁରକ୍ତି। ଚାରା ଲଗେଇ, ଗଛ ତିଆରି କରି ଫୁଲ ଫୁଟାଇବା ଅଥବା ଫଳ ଫଳାଇବାରେ ତାଙ୍କର ପ୍ରଚଣ୍ଡ ସଉକ୍ ଥିଲା। ସେଥିପାଇଁ ସେ ଭୋକଶୋଷ ମଧ୍ୟ ଭୁଲି ଯାଉଥିଲେ। ଏହିଭଳି ମହାନ୍ ଧର୍ମପ୍ରାଣା ମହିଳାଙ୍କର ବିୟୋଗରେ ଆମେ ଗଭୀର ଭାବେ ମର୍ମାହତ। ତାଙ୍କର ବିୟୋଗ ଆମ ପାଇଁ ଯେଉଁଭଳି କ୍ଷତି ଆଣିଛି ତାହା ଅପୂରଣୀୟ। ତାଙ୍କର ବହୁମୁଖି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଦର୍ଶାଇଥିବା ସତ୍‌ପଥକୁ ଅନୁସରଣ କରିପାରିଲେ ହିଁ ହେବ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।

*- ଗାୟତ୍ରୀ ଦାଶ*

## 'ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା'ରଥ ଶୁଭାରମ୍ଭ

# ମାସକରେ ଉପକୃତ ହେବେ ୪୫ ଲକ୍ଷ ହିତାଧିକାରୀ




**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଆରମ୍ଭ କରିଛନ୍ତି ଏକ ଅଭିନବ ପ୍ରୟାସ । ଜନସାଧାରଣଙ୍କୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ନିମନ୍ତେ ଏହା ଉଦ୍ଦିଷ୍ଟ। ଏହି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଲୋକକଳା ମାଧ୍ୟମରେ ସଚେତନ କରିବା ନିମନ୍ତେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଏହି ପ୍ରଚାର ରଥର ଶୁଭାରମ୍ଭ କରିଛନ୍ତି। ରାଜ୍ୟର କୋଣ-ଅନୁକୋଣରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଏହି ରଥ ଗଞ୍ଜାମ, ଖୋର୍ଦ୍ଧା , ସମ୍ବଲପୁର , ସୁନ୍ଦରଗଡ଼ , କଳାହାଣ୍ଡି , ମୟୁରଭଞ୍ଜ, କେନ୍ଦୁଝର, କୋରାପୁଟ, କଟକ ଓ ବଲାଙ୍ଗିରି ଭଳି ୧୦ଟି ଜିଲ୍ଲାରେ ନିୟୋଜିତ କରାଯାଉଛି । ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ସବୁ ଜିଲ୍ଲାକୁ ଯିବ । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ଏହି ରଥ ମାଧ୍ୟମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ବନ୍ଧୀୟ ସମସ୍ତ ପ୍ରକାର ତଥ୍ୟ ସୂଚନା ଦେବା ସହିତ ଲୋକକଳା ଭଳି ଏକ ବଳିଷ୍ଠ ପ୍ରଚାର ମାଧ୍ୟମରେ ଜିଲ୍ଲା ଲୋକକଳା ସଂଘ, ବ୍ଲକ୍ ଲୋକକଳା ସଂଘ ଓ ସହରାଞ୍ଚଳ ଲୋକକଳା ସଂଘ ସଦସ୍ୟମାନେ ବୋଧଗମ୍ୟ ଭାଷା ଓ ଅଭିନୟ ମାଧ୍ୟମରେ ଏହି ଯୋଜନା ସମ୍ପର୍କରେ ପ୍ରଚାର ପ୍ରସାର କରି ସଚେତନ କରାଇବେ । ଏହା ସ୍ଥାନୀୟ ସମୃଦ୍ଧ ଲୋକକଳାର ପାରଦର୍ଶିତା ବୃଦ୍ଧିରେ ମଧ୍ୟ ସହାୟକ ହୋଇପାରିବ । ଗତ ଅଗଷ୍ଟ ୧୫ ତାରିଖରୁ ଏହି ଯୋଜନା ଆରମ୍ଭ ହୋଇଛି । ଏଥିରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ତଥା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ଓଡିଶାର ଜନସାଧାରଣଙ୍କୁ ଜାତି, ଧର୍ମ, ବର୍ଣ୍ଣ,ଆୟ ଏବଂ ବାସ ସ୍ଥାନ ନିର୍ବିଶେଷରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ବିନା ମୂଲ୍ୟରେ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓଡ଼ିଶାର ୭୦ ଲକ୍ଷ ପରିବାରଙ୍କ ନିମନ୍ତେ ପରିବାର ପିଛା ୫ ରଲକ୍ଷ ଓ ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନ କରାଯିବ। ବିଜୁ କୃଷକ କଲ୍ୟାଣ ଯୋଜନା, ରଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଏବଂ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ପାଇଁ ଯୋଗ୍ୟ ବିବେଚିତ ସମସ୍ତ ପରିବାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଗତ ଅଗଷ୍ଟ ମାସ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ପ୍ରଥମ ମାସ ସୁଦ୍ଧା ୪୫ ଲକ୍ଷ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ଏକନୂତନ ଯୁଗର ଅୟମାରମ୍ଭ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ଏହି ରଥର ଶୁଭାରମ୍ଭ ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା ପ୍ରମୋଦ କୁମାର ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏବଂ ରାଜ୍ୟ ମେଡିକାଲ ନିଗମ ଏମ୍‌ଡି ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଶ୍ରୀକ୍ରିଷ୍ଟା ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଆନ୍ତର୍ଜାତିକ ବିଶ୍ୱଶାନ୍ତି ଦିବସ



**ଭୁବନେଶ୍ୱର :** ସମଗ୍ର ବିଶ୍ୱରେ ସନ୍ତ୍ରାସବାଦ ଓ ହିଂସା ଭୟଙ୍କର ରୂପ ନେଇଥିଲା ବେଳେ ଏହି ବିଭୀଷିକାରୁ ମୁକ୍ତି ପାଇବା ପାଇଁ ସବୁ ରାଷ୍ଟ୍ର ମିଳିତ ହୋଇଛନ୍ତି। ଯେଉଁଥିପାଇଁ ସେପ୍ଟେମ୍ବର ୨୧ ତାରିଖକୁ ଆନ୍ତର୍ଜାତିକ ବିଶ୍ୱ ଶାନ୍ତି ଦିବସ ରୂପେ ପାଳନ କରାଯାଉଛି। ପିଲାମାନଙ୍କୁ ଏହି ଦିବସର ଉପକାରିତା ସମ୍ପର୍କରେ ଅବଗତ କରାଇବା ପାଇଁ ଶ୍ରୀକ୍ରିଷ୍ଟା ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ ପାଳିତ ହୋଇଯାଇଛି ଆନ୍ତର୍ଜାତିକ ବିଶ୍ୱଶାନ୍ତି ଦିବସ। ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସ୍ୱରୂପାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ୍ ପବିତ୍ର କୁମାର ରାଉତରାୟ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ ହିଂସା, ବିଦ୍ୱେଶ ବା ଆତଙ୍କବାଦ କୌଣସି ସମସ୍ୟା ସମାଧାନର ପନ୍ଥା ନୁହେଁ। ମଣିଷ ଅନ୍ୟକୁ ଭଲ ପାଇବା ଶିଖିଲେ ଏସବୁ ଦୂର ହୋଇପାରିବ।

ଶାନ୍ତିର ବାର୍ତ୍ତାକୁ ନେଇ ବିଦ୍ୟାଳୟର ପିଲାମାନଙ୍କ ଭିତରେ ବକ୍ତୃତା, ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଶାନ୍ତି ପାଇଁ ବାର୍ତ୍ତା କ'ଣ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଶ୍ରୀ ରାଉତରାୟ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାଳୟର ଉପାଧ୍ୟକ୍ଷ କବୀନ୍ଦ୍ର ଦାଶ।

## ସପ୍ତମ ଏସିଆ କପ୍ ଟାଇଟଲ

# ଦୁବାଇରେ ଜିତିଲା ଭାରତ

**ଦୁବାଇ :** ଏସିଆ କପ୍‌ରେ ଭାରତ ସପ୍ତମ ଥର ପାଇଁ ଚାମ୍ପିଅନ୍ ହୋଇଛି। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ଶୁକ୍ରବାର ଫାଇନାଲ୍ ମ୍ୟାଚ୍‌ରେ ଭାରତ ବାଂଲାଦେଶ ବିପକ୍ଷରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ବି ଶେଷ ପର୍ଯ୍ୟନ୍ତ ସଂଘର୍ଷ କରି ମ୍ୟାଚ୍‌କୁ ଜିତିନେଇଛି। ଫାଇନାଲ୍‌ରେ ଭାରତ ପ୍ରଥମେ ଟସ୍ ଜିତି ଫିଲ୍‌ଡିଂ ନିଷ୍ପତ୍ତି ନେଇଥିଲା। ଜବାବରେ ବାଂଲାଦେଶ ବ୍ୟାଟିଂ କରି ୪୮.୩ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୨୨୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଯାହା ଫଳରେ ଭାରତକୁ ୨୨୩ ରନ୍‌ର ବିଜୟ ଟାର୍ଗେଟ ଦେଇଥିଲା ବାଂଲାଦେଶ। ଜବାବରେ ଭାରତ ତା'ର ପାଳି ଆରମ୍ଭ କରି ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫର୍ମରେ ଥିବା ଦୁଇ ଓପ୍ନର ବ୍ୟାଟ୍ସମ୍ୟାନ୍ ଶିଖର ଧାୱନ ଓ ରୋହିତ ଶର୍ମା ସେପରି କିଛି କମାଲ ଦେଖାଇ ପାରିନଥିଲେ। ବିଜୟ ଲକ୍ଷ୍ୟର ପିଛା କରୁଥିବା ଭାରତ ୭ ୱିକେଟ୍ ହରାଇ ଶେଷ ବଲରେ ଜିତିଥିଲା।

# ପରଲୋକରେ ଗୋବର୍ଦ୍ଧନ ତ୍ରିପାଠୀ



**ଭୁବନେଶ୍ୱର :** ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ରତ୍ନାକରବାଗର ବିଶିଷ୍ଟ ନାଗରିକ ଗୋବର୍ଦ୍ଧନ ତ୍ରିପାଠୀଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ତ୍ରିପାଠୀଙ୍କର ଦୀର୍ଘ କର୍ମମୟ ଜୀବନ କାଳରେ ବିଭିନ୍ନ ପଦପଦବୀରେ ରହି ସାଧାରଣ ଲୋକଙ୍କ ପାଇଁ ଅନେକ ଭଲ କାର୍ଯ୍ୟ କରିବା ସହ ପ୍ରଶାସନିକ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ। ବିଶେଷକରି ରାଜସ୍ୱ ବିଭାଗରେ ଥିବା ସମୟରେ ଅନେକ ସଂସ୍କାର ମୂଳକ କାର୍ଯ୍ୟ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସରକାରୀ ଚାକିରିରୁ ଅବସର ଗ୍ରହଣ କରିବା ପରେ ସ୍ଥାନୀୟ ରତ୍ନାକରବାଗ ଅଞ୍ଚଳରେ ରହି ସମାଜସେବା କ୍ଷେତ୍ରରେ ମଧ୍ୟ ନିଜର ଦାୟିତ୍ୱ ତୁଲାଇଥିଲେ। ତାଙ୍କର ସ୍ନେହୀଗୁଣ ଯୋଗୁଁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ରମାକାନ୍ତ, ପୁତ୍ରବଧୂ କଲ୍ୟାଣୀ, କନ୍ୟା ସଂଧ୍ୟା ଓ ଜାମାତା ପ୍ରଭାତଙ୍କ ସହ ବନ୍ଧୁ ପରିବାରବର୍ଗ ଉପସ୍ଥିତ ରହିଥିଲେ। ପୂର୍ବତନ ପ୍ରଶାସନ ଅର୍ଦ୍ଧେନ୍ଦୁ ଷଡଙ୍ଗୀ, ମଧୁର ଷଡଙ୍ଗୀ, ବ୍ରହ୍ମେଶ୍ୱର ମନ୍ଦିର ଟ୍ରଷ୍ଟି ତଥା ପୂର୍ବତନ କର୍ପୋରେଟର ମଳୟ ମହାପାତ୍ର, କର୍ପୋରେଟର ପୁଷ୍ପା ଦାସ, ଡକ୍ଟର ମୂରଲୀ ଶତପଥୀ, ଇଞ୍ଜିନିୟର ବିଏନ୍ ତ୍ରିପାଠୀ, ବ୍ୟାଙ୍କ ପ୍ରଶାସକ ଭରତ ପତି, ନିରଞ୍ଜନ ମିଶ୍ର, 'ଏକମାତ୍ର' ଖବରକାଗଜର ସମ୍ପାଦକ ତାରକ ମହାନ୍ତି, ଓପୋଲଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ନରେଶ ରଥ, ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତ ତ୍ରିପାଠୀଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି